بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6

ସଂଖ୍ୟା 25

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

24 ଜୁନ୍ 2021 | 24 ଏହ୍‌ସାନ୍ 1400 ହି.ଶ | 13 ଜୁଲ୍‌କାଦା 1442 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

وَلِلّٰہِ مُلۡکُ السَّمٰوٰتِ وَالۡاَرۡضِ وَمَا بَیۡنَہُمَا ؕ یَخۡلُقُ مَا یَشَآءُ ؕ وَاللّٰہُ عَلٰی کُلِّ شَیۡءٍ قَدِیۡرٌ ○

(سورۃ المائدہ:18)

ଅନୁବାଦ- ଏବଂ ଆକାଶ ଓ ପୃଥିବୀରେ ଓ ଯାହା କିଛି ତନ୍ମଧ୍ୟରେ ଅଛି ତାହା ଉପରେ ଅଲ୍ଲାଃଙ୍କର ହିଁ ଆଧିପତ୍ୟ ଅଛି; ସେ ଯାହା ଇଚ୍ଛା କରନ୍ତି (ତାହା) ସୃଷ୍ଟି କରନ୍ତି; ଏବଂ ଅଲ୍ଲାଃ ପ୍ରତ୍ୟେକ ବିଷୟ କରିବାକୁ ସଂପୁର୍ଣ୍ଣ ରୂପେ ସକ୍ଷମ ।

*(ଅଲ୍‌ମାଇଦା: ୧୮)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବଙ୍କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ଅଲ୍ଲାଃ ତାଲା ମତେ ମାମୁର (ଅର୍ଥାତ ସୁଧାରକ ଭାବରେ ନିଯୁକ୍ତ)କରି ପଠାଇଲେ ଯଦ୍ୱାରା ମୁସଲମାନମାନଙ୍କର ଆଭ୍ୟନ୍ତରୀଣ ତ୍ରୁଟିଗୁଡ଼ିକୁ ମୁଁ ଦୂର କରିବି ଏବଂ ଇସ୍‌ଲାମ୍‌ର ସତ୍ୟତାକୁ ବିଶ୍ୱ ସମ୍ମୁଖରେ ପ୍ରକାଶ କରିବି । ଇସ୍‌ଲାମ୍ ଉପରେ ଯେଉଁ ବାହ୍ୟ ଆପତି ଓ ଅଭିଯୋଗ ଲଗାଯାଇଅଛି, ମୁଁ ତାହାର ଉତର ଦେବି ଏବଂ ଅନ୍ୟ ମିଥ୍ୟା ଧର୍ମଗୁଡ଼ିକର ବାସ୍ତବତାକୁ ସ୍ପଷ୍ଟ ଭାବରେ ବତାଇଦେବି ।**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

### ମସିହ୍ ମଉଦ୍ (ପ୍ରତିଶୃତ ମସିହ୍) ଆ:ସଙ୍କ ଆଗମନର ଉଦ୍ଦେଶ୍ୟ

ହଜ୍‌ରତ୍ ଇସା ଆ:ସଙ୍କର କୃଶ ଉପରୁ ଜୀବିତ ଓହ୍ଲାଇବା ଏବଂ ସେହି ଦୁର୍ଘଟଣାରୁ ବଂଚିଯିବାର ପ୍ରାମାଣିକ ଓ ନିର୍ଦ୍ଦିଷ୍ଟ ଜ୍ଞାନ ପବିତ୍ର କୁର୍‌ଆନ୍‌ରେ ଆମକୁ ଦିଆଯାଇଅଛି । କିନ୍ତୁ ଏହା ଏକ ଦୁଃଖର ବିଷୟ ଯେ ଗତ ଏକ ହଜାର ବର୍ଷ ମଧ୍ୟରେ ଯେଉଁଠି ଇସ୍‌ଲାମ୍ ଉପରେ ନାନା ପ୍ରକାରର ବିପତି ଆସିଛି ସେଠାରେ ଏହି ବିଷୟ ମଧ୍ୟ ଅନ୍ଧକାର ମଧ୍ୟରେ ରହିଗଲା ଓ ମୁସଲମାନମାନଙ୍କ ମଧ୍ୟରେ ଦୁର୍ଭାଗ୍ୟବଶତଃ ଏ ଭାବନା ଦୃଢ଼ିଭୁତ ହୋଇଗଲା ଯେ ହଜ୍‌ରତ୍ ମସିହ୍ ଆ:ସ ଆକାଶକୁ ଜୀବନ୍ତ ଉଠିଯାଇଛନ୍ତି ଏବଂ ସେ କୟାମତର ନିକଟତର ସମୟରେ ଆକଶରୁ ଓହ୍ଲାଇବେ । କିନ୍ତୁ ଏହି ଚତୁର୍ଦ୍ଦଶ ଶତାବ୍ଦିରେ ଅଲ୍ଲାଃ ତାଲା ମତେ ମାମୁର (ଅର୍ଥାତ ସୁଧାରକ ଭାବରେ ନିଯୁକ୍ତ)କରି ପଠାଇଲେ ଯଦ୍ୱାରା ମୁସଲମାନମାନଙ୍କର ଆଭ୍ୟନ୍ତରୀଣ ତ୍ରୁଟିଗୁଡ଼ିକୁ ମୁଁ ଦୂର କରିବି ଏବଂ ଇସ୍‌ଲାମ୍‌ର ସତ୍ୟତାକୁ ବିଶ୍ୱ ସମ୍ମୁଖରେ ପ୍ରକାଶ କରିବି । ଇସ୍‌ଲାମ୍ ଉପରେ ଯେଉଁ ବାହ୍ୟ ଆପତି ଓ ଅଭିଯୋଗ ଲଗାଯାଇଅଛି, ମୁଁ ତାହାର ଉତର ଦେବି ଏବଂ ଅନ୍ୟ ମିଥ୍ୟା ଧର୍ମଗୁଡ଼ିକର ବାସ୍ତବତାକୁ ସ୍ପଷ୍ଟ ଭାବରେ ବତାଇଦେବି । ବିଶେଷ କରି କୃଶ ଧର୍ମର ଅର୍ଥାତ ଇସାଇ ଧର୍ମ, ତାହାର ଭୂଲ, ବିଶ୍ୱାସ ଓ ତତ୍ୱର ମୂଳୋତ୍ପାଟନ କରିବି ଯାହା ମନୁଷ୍ୟଜାତି ପାଇଁ ବିପଜ୍ଜନକ ଓ କ୍ଷତିକାରକ ଏବଂ ଆଧାତ୍ମିକ ପୋଷଣ ଓ ବିକାଶରେ ବାଧା ସୃଷ୍ଟି କରୁଛି ।

### ମରିୟମଙ୍କ ପୁତ୍ର ଯୀଶୁଙ୍କ ବିଷୟରେ ପ୍ରକୃତ ତଥ୍ୟ

ଏହା ସେମାନଙ୍କ ଅନେକ ଧାରଣା ମଧ୍ୟରୁ ଗୋଟିଏ ଧାରଣା ଯେ ମସିହ୍ ଆକାଶକୁ ଚାଲିଯାଇଛନ୍ତି । ଦୁର୍ଭାଗ୍ୟବଶତଃ କେତେକ ମୁସଲମାନ ମଧ୍ୟ ଏହି ଧାରଣାରେ ସମ୍ପୃକ୍ତ ହୋଇଯାଇଛନ୍ତି । ଏହି ଗୋଟିଏ ଧାରଣା ଉପରେ ଖ୍ରୀଷ୍ଟିଆନ୍ ଧର୍ମ ତିଷ୍ଠି ରହିଛି କାରଣ ଖ୍ରୀଷ୍ଟିଆନ୍‌ମାନଙ୍କ ନଜାତ୍ (ଅର୍ଥାତ ମୋକ୍ଷ) ପାଇବା ଏହି କୃଶ ଉପରେ ନିର୍ଭର କରୁଛି । ସେମାନଙ୍କର ଏ ବିଶ୍ୱାସ ରହିଛି ଯେ ମସିହ୍ ଆମ ପାଇଁ କୃଶ ଉପରେ ମୃତ୍ୟୁବରଣ କଲେ ଓ ପୁଣି ଜୀବନ ପାଇ ଆକାଶକୁ ଚାଲିଗଲେ । ଏଥିରୁ ସେମାନେ ତାଙ୍କୁ (ଅର୍ଥାତ ମସିହ୍‌ଙ୍କୁ) ଈଶ୍ୱର ବୋଲି ପ୍ରମାଣ କରୁଛନ୍ତି ।

ଯେଉଁ ମୁସଲମାନମାନେ ଭୁଲ ଭାବରେ ଖ୍ରୀଷ୍ଟିଆନ୍‌ମାନଙ୍କୁ ସମର୍ଥନ କରୁଛନ୍ତି, ସେମାନେ ଏହା ତ' ବିଶ୍ୱାସ କରୁନାହାନ୍ତି ଯେ ମସିହ୍ କୃଶ ଉପରେ ମୃତ୍ୟୁବରଣ କରିଛନ୍ତି କିନ୍ତୁ ଏହା ତ' ଅବଶ୍ୟ ମାନୁଛନ୍ତି ଯେ ଈଶ୍ୱର ତାଙ୍କୁ ଆକାଶକୁ ଉଠାଇ ନେଇଛନ୍ତି । କିନ୍ତୁ ସର୍ବଶକ୍ତିମାନ ଅଲ୍ଲାଃ ମୋ ଉପରେ ଯେଉଁ ସତ୍ୟକୁ ପ୍ରକାଶ କରିଛନ୍ତି, ତାହା ହେଉଛି ଏହା କି ମସିହ୍ ଇବ୍‌ନେ ମରିୟମ ତାଙ୍କ ସମସାମୟିକ ଇହୁଦୀମାନଙ୍କ ଦ୍ୱାରା ବହୁତ ନିର୍ଯ୍ୟାତନା ସହ୍ୟ କରିଛନ୍ତି ଯେଉଁଭଳି ସତ୍ୟବାଦୀମାନେ ନିଜ ଯୁଗର ମୂର୍ଖ ବିରୋଧିମାନଙ୍କ ଦ୍ୱାରା ନିର୍ଯ୍ୟାତିତ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**ଆଜି ୟୁରୋପ୍‌ର ଗବେଷକମାନେ ସ୍ୱୀକାର କରୁଛନ୍ତି ଯେ ଯଦି ଆରବୀୟ ମୁସଲମାନ ନଥାନ୍ତେ ତେବେ ଆଜି ଏ ଦୁନିଆ ଜ୍ଞାନର ଏପରି ସ୍ଥିତିରେ ନଥାନ୍ତା ଯେଉଁ ଅବସ୍ଥାରେ ଏବେ ରହିଛି ଏବଂ ଆଧାତ୍ମିକତାରେ ଆରବୀୟମାନେ ଯେଉଁ ଉନ୍ନତି କରିଛନ୍ତି ତାହାର ଉଦାହରଣ ସୃଷ୍ଟିର ଆରମ୍ଭରୁ ଏ ପର୍ଯ୍ୟନ୍ତ ଅନ୍ୟ କୌଣସି ଜାତି ମଧ୍ୟରେ ଦେଖିବାକୁ ମିଳେନାହିଁ ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ସୁରଃ ଇବ୍ରାହିମ୍ ର ଆୟତ ନଂ-୨୯ **ଅଲିଫ୍ ଲାମ୍ ରା କିତାବୁନ୍ ଅନ୍‌ଜଲ୍‌ନାହୁ ଇଲୈକା ଲିତୁଖ୍‌ରିଜନ୍ ନାସ ମିନଜ୍ ଜୁଲୁମାତି ଇଲନ୍ ନୂର ବିଇଜନେ ରବ୍‌ବିହିମ୍ ଇଲା ସିରାତିଲ୍ ଆଜିଜିଲ୍ ହମିଦ୍** ର ବ୍ୟାଖ୍ୟା କରି କହିଲେ:-

ଏହି ଆୟତରେ ବତାଯାଇଅଛି ଯେ ପବିତ୍ର କୁର୍‌ଆନ୍ ହେଉଛି ଏକ ଆଲୋକ ଯାହା ସାହାଯ୍ୟରେ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ଲୋକମାନଙ୍କୁ ଅନ୍ଧକାରରୁ ଆଲୋକ ଆଡ଼କୁ ଟାଣି ନେଇଯିବେ । ପୁଣି ଆଲୋକର ବ୍ୟାଖ୍ୟା **ଇଲା ସିରାତିଲ୍ ଅଜିଜିଲ୍ ହମିଦ୍** ସହିତ କରିଛନ୍ତି । ଅର୍ଥାତ **ଅଜିଜ୍ ଓ୍ୱ ହମିଦ୍** (ପରାକ୍ରାନ୍ତ ଓ ପ୍ରଶଂସିତ) ଈଶ୍ୱରଙ୍କ ମାର୍ଗ ହିଁ ବାସ୍ତବିକ ଆଲୋକର ମାର୍ଗ ଅଟେ । ଆମେ ଆଲୋକ ଯେବେ ଦେଖୁ, ସମସ୍ତେ ଏହାକୁ ପସନ୍ଦ କରିଥାଉ । କିନ୍ତୁ ଆଲୋକର ବ୍ୟାଖ୍ୟାରେ ଲୋକମାନେ ଏକମତ ନୁହନ୍ତି । ଆଜିକାଲି ଲୋକମାନେ କହୁଛନ୍ତି ଇଏ ନୂଆ ଆଲୋକର ଲୋକ ଅର୍ଥାତ ଆଧୁନିକ ଦର୍ଶନ, ସଭ୍ୟସମାଜ, ଅନୈତିକତା ଓ ଅଧର୍ମବାଦର ଅନୁସରଣ କରାଯାଉଅଛି । କିଏ କହୁଛି ଖ୍ରୀଷ୍ଟ ମତବାଦ ହେଉଛି ଈଶ୍ୱରଙ୍କ ଜ୍ୟୋତି ଆଉ କିଏ ହିନ୍ଦୁଧର୍ମକୁ ତ' ଆଉ କିଏ ଇସ୍‌ଲାମ୍‌କୁ ଈଶ୍ୱରଙ୍କ ଜ୍ୟୋତି ବୋଲି ଅଭିହିତ କରୁଛି । ଏହି ଆୟତରେ ଏକଥା ବତାଯାଇଅଛି ଯେ ପାରମ୍ପରିକ ପ୍ରଥା ରୀତିନୀତି ଓ ବାହ୍ୟ ଆବରଣକୁ ଈଶ୍ୱରଙ୍କ ନୂର୍ (ଜ୍ୟୋତି) କୁହାଯାଇପାରିବ ନାହିଁ । ଜ୍ୟୋତି/ଆଲୋକ ହେଉଛି ପରମେଶ୍ୱରଙ୍କ ନିକଟକୁ ଯିବାର ନାମ । ଯାହାର ପାଦ ଈଶ୍ୱରଙ୍କ ଆଡ଼କୁ ଉଠୁନାହିଁ ତାକୁ ଆଲୋକ/ଜ୍ୟୋତି ପ୍ରାପ୍ତକାରୀ ବୋଲି କେବେ ହେଲେ ବି କହିପାରିବା ନାହିଁ । ନୂର୍ ଅର୍ଥାତ ଆଲୋକକୁ ସେ ହିଁ ପାଇଥାଏ ଯିଏ ଈଶ୍ୱରଙ୍କ ଆଡ଼କୁ ପାଦ ବଢ଼ାଇଥାଏ । ଈଶ୍ୱରଙ୍କ ଅସ୍ତିତ୍ୱକୁ ପ୍ରମାଣ କରିବା ପାଇଁ ଏଠାରେ ଦୁଇଟି ବିଶେଷ ଗୁଣର ଚର୍ଚ୍ଚା କରାଯାଇଅଛି **ଅଜିଜ୍** ଏବଂ **ହମିଦ୍ ।** ଅଜିଜ୍‌ର ଅର୍ଥ ହେଉଛି ପରାକ୍ରାନ୍ତ ଏବଂ ହମିଦ୍‌ର ଅର୍ଥ ହେଉଛି ପ୍ରଶଂସିତ । ଏହି ଦୁଇଟି ଗୁଣକୁ ଏଥିପାଇଁ ଚୟନ କରାଯାଇଅଛି ଯେ ଗୋଟିଏ ବ୍ୟବହାରିକ ଆଲୋକକୁ ସୁଚାଏ ତ ଅନ୍ୟଟି ଜ୍ଞାନକୁ ବୁଝାଏ । ଅଜିଜ୍ ସହିତ ମିଶି ମଣିଷ ନିଜ ଶତ୍ରୁ ଉପରେ ବିଜୟ ପ୍ରାପ୍ତ କରିଥାଏ ଏବଂ ପ୍ରକାଶ୍ୟ ଅନ୍ଧକାର ଅର୍ଥାତ

## ନବୀ ସ:ଆ:ସଙ୍କ ବାଣୀ

### ରାତ୍ରି ସମୟରେ ଦଫନ କରିବା ଅର୍ଥାତ କବର ଦେବା

(୧୩୪୦) ହଜ୍‌ରତ୍ ଇବ୍‌ନେ ଅବାସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ ସ:ଆ:ସ ଜଣେ ଲୋକର ନମାଜ ଯନାଜାଃ, ତାଙ୍କୁ କବର ଦେବାର ଗୋଟିଏ ରାତ୍ରି ବିତିଯିବାପରେ ପଢ଼ିଛନ୍ତି । ଆପଣ ସ:ଆ:ସ ଏବଂ ଆପଣଙ୍କ ସାହାବାମାନେ ଛିଡ଼ା ହୋଇଗଲେ । ଆପଣ ପଚାରିଲେ ଏହି କବରଟି କାହାର ? ଲୋକମାନେ କହିଲେ: ଅମୁକ ଲୋକର କବର । ଗତ ରାତିରେ ତାଙ୍କୁ କବର ଦିଆଯାଇଛି । ଆପଣ ସ:ଆ:ସ ତାଙ୍କ ନମା ଯନାଜାଃ ପଢ଼ିଲେ ।

ହଜ୍‌ରତ୍ ସୟଦ୍ ଜଇନୁଲ୍ ଆବେଦିନ୍ ଓ୍ୱଲିଅଲ୍ଲାଃ ଶାହ୍ ର:ଅ କହିଛନ୍ତି: ହଜ୍‌ରତ୍ ଜାବିର୍ ର:ଅଙ୍କ ବର୍ଣ୍ଣନାର ଆଧାରରେ, ଯାହାକୁ ଇବ୍‌ନେ ହବାନ କପି କରିଛନ୍ତି, ସେଥିରେ କିଛି ଲୋକେ ଏ ଫତଓ୍ୱା ଦେଇଛନ୍ତି ଯେ ରାତିରେ କବର୍ ଦେବା ମନ ଅଛି । ଇବ୍‌ନେ ହବାନ୍‌ଙ୍କ ରିଓ୍ୱାୟତ (ବର୍ଣ୍ଣନା)ରେ ଏହି ଶବ୍ଦଗୁଡ଼ିକ ରହିଛି **ଇନ୍ନନ୍ ନବିୟା ସ:ଆ:ସ ଯଜରା ଅଇଁ ୟୁକ୍‌ବରା ରଜୁଲୁନ୍ ଲୈଲନ୍ ଇଲ୍ଲା ଅଇଁ ୟୁଜ୍‌ତର୍‌ରା ଇଲା ଜାଲିକା (ଫତହୁଲ୍ ବାରି ଖଣ୍ଡ-୩, ପୃ-୨୬୫)** ଅର୍ଥାତ ଆପଣ ସ:ଆ:ସ ମନା କରିଛନ୍ତି ଯେ କେବଳ ଜରୁରୀକାଳୀନ ପରିସ୍ଥିତିରେ ଲାଶକୁ ରାତିରେ କବର ଦିଆଯାଉ । କେତେକ ଧର୍ମଜ୍ଞାନୀ ଏହି ରିଓ୍ୱାୟତର ଆଧାରରେ ଏ ଫତ୍‌ଓ୍ୱା ଦେଇଛନ୍ତି ଯେ ରାତିବେଳା କବର ଦେବା ମନା । ଏହି ଫତ୍‌ଓ୍ୱାକୁ ରଦ୍ଦ କରିବା ଉଦ୍ଦେଶ୍ୟରେ ଅଧ୍ୟାୟ ୬୯ ସ୍ଥାପନ କରାଯାଇଅଛି । ଇମାମ୍ ମୁସ୍‌ଲିମ୍ ର:ଅ ମଧ୍ୟ ରାତି ସମୟରେ ଜଣେ ଲୋକକୁ କବର ଦେବା ସମ୍ବନ୍ଧରେ ଗୋଟିଏ ରିଓ୍ୱାୟତକୁ କପି କରିଛନ୍ତି । ସେଥିରେ ମଧ୍ୟ ଏହା ଉଲ୍ଲେଖ ଅଛି ଯେ ନବୀ ସ:ଆ:ସ ନିଜର କ୍ରୋଧ ପ୍ରକାଶ କରିଥିଲେ ଏବଂ ନିର୍ଦ୍ଦେଶ ଦେଇଥିଲେ ଯେ **ଇଜା କଫ୍‌ଫନା ଅହଦୁକୁମ୍ ଅଖାହୁ ଫଲ୍‌ୟୁହ୍‌ସିନ୍ କଫନହୁ** ଅର୍ଥାତ ଯେବେ ତୁମମାନଙ୍କ ମଧ୍ୟରୁ କାହାକୁ ତା ଭାଇର ଅନ୍ତିମ ସଂସ୍କାର ବ୍ୟବସ୍ଥା କରିବା ନିମନ୍ତେ ଦାୟିତ୍ୱ ଦିଆଯାଏ, ସେ ଭଲଭାବରେ ତା'ର ବ୍ୟବସ୍ଥା କରୁ । ଏଥିରେ ସ୍ପଷ୍ଟ ହେଉଛି ଯେ ନବୀ ସ:ଆ:ସଙ୍କ ଅପ୍ରସନ୍ନତା ନିମ୍ନମାନର କଫନ ଇତ୍ୟାଦି ଦେବା ଯୋଗୁଁ ହୋଇଥିଲା । ***(ସହି ବୁଖାରୀ, ଖଣ୍ଡ-୨, କିତାବୁଲ୍ ଜନାଇଯ, ମୁଦ୍ରଣ ୨୦୦୬ କାଦିଆନ୍)***

ଦୁଃଖ କଷ୍ଟ ଦୂର ହୋଇଯାଏ । ସେହିପରି ହମିଦ୍ ସହିତ ମିଶି ମଣିଷ ନିଜ ଭିତରେ ଥିବା ଶତ୍ରୁ ଶୈତାନ୍ ଉପରେ ବିଜୟ ପ୍ରାପ୍ତ କରିଥାଏ ଏବଂ ନିଜ ମଧ୍ୟରେ ଥିବା ଅନ୍ଧକାର ଅର୍ଥାତ ସନ୍ଦେହ, ଶଙ୍କା ଏବଂ ଅଜ୍ଞତା ଦୂର ହୋଇଯାଏ ।

ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ଜରିଆରେ ଏହି ଦୁଇଟି କାର୍ଯ୍ୟ ସାଧନ ହେଲା । ଆରବୀୟମାନଙ୍କର ଅପମାନ ମଧ୍ୟ ଦୂର ହେଲା ଏବଂ ସେମାନଙ୍କର ଅଜ୍ଞତା, ଶିର୍କ (ଅର୍ଥାତ ଈଶ୍ୱରଙ୍କ ସହିତ ଅନ୍ୟ କାହାକୁ ସମକକ୍ଷ କରିବା) ଏବଂ ନୈତିକ ଦୁର୍ବଳତା ମଧ୍ୟ ଦୂର ହେଲା । ଗୋଟିଏ ପଟେ ସେମାନେ ସାରା ଦୁନିଆର ସମ୍ରାଟ ହୋଇଗଲେ ଓ ଅନ୍ୟ ପଟେ ସେମାନେ ସାରା ଦୁନିଆର ଶିକ୍ଷକ ହୋଇଗଲେ । ରସୁଲେ୍ କରିମ୍ ସ:ଆ:ସଙ୍କ ପୂର୍ବରୁ ଆରବୀୟମାନଙ୍କର ଅବସ୍ଥା ଓ ମହାଭାଗଙ୍କ ଆବିର୍ଭାବ ପରେ ସେମାନଙ୍କ ଅବସ୍ଥାରେ ଯେଉଁ ପରିବର୍ତନ ଘଟିଲା, ସେ ସମ୍ବନ୍ଧରେ ଏହି ଐତିହାସିକ ଘଟଣାରୁ କିଛି ଆକଳନ କରାଯାଇପାରେ । ହଜ୍‌ରତ୍ ଉମର୍ ର:ଅଙ୍କ ସମୟରେ ଯେବେ ଇରାନ୍ ଉପରେ ଆକ୍ରମଣ କରାଗଲା, ସେତେବେଳେ ଇରାନ୍‌ର ସମ୍ରାଟ ନିଜ କମାଣ୍ଡର ଇନ୍ ଚିଫ୍‌କୁ ଏ ବାର୍ତା ପଠାଇଲେ ଯେ ସେମାନଙ୍କୁ (ଅର୍ଥାତ ମୁସଲମାନମାନଙ୍କୁ) କିଛି ପୁରସ୍କାର ଓ ଉପହାର ମିଳିବାର ପ୍ରତିଶୃତି ଦେଇ ଯୁଦ୍ଧ ଶେଷ କରିଦିଅ । ପୁରସ୍କାର ମଧ୍ୟ ବହୁତ କମ୍ ଥିଲା । ଅର୍ଥାତ ପ୍ରତ୍ୟେକ ସିପାହୀଙ୍କ ନିମନ୍ତେ ଗୋଟିଏ ବା ଦୁଇଟି ଦିନାର । ଏହି ଘଟଣାରୁ ଜଣାପଡୁଛି ଯେ ଆରବୀୟମାନେ ନିଜ ପଡ଼ୋଶୀମାନଙ୍କ ଦୃଷ୍ଟିରେ ଅତ୍ୟନ୍ତ ଗରୀବ, ଅଭାବୀ ଓ ଭୀରୁ ଥିଲେ । କିନ୍ତୁ ଇସ୍‌ଲାମ୍ ସେମାନଙ୍କୁ କଣ କରିଦେଲା ! ସେମାନେ ନା କେବଳ ଇରାନ୍ ଉପରେ ବିଜୟପ୍ରାପ୍ତ କଲେ ବରଂ ସିରିଆ, ପାଲେଷ୍ଟାଇନ୍, ମିସର୍, ଅନାତୁଲିୟା, ଆର୍‌ମିନିଆ, ଇରାକ୍, ଉତର ଆଫ୍ରିକା, ହସ୍‌ପାନିଆ, ଆଫ୍‌ଗାନିସ୍ତାନ, ହିନ୍ଦ୍ ଏବଂ ଚୀନ୍ ପର୍ଯ୍ୟନ୍ତ ମଧ୍ୟ ପ୍ରଥମ ଶତାବ୍ଦୀ ମଧ୍ୟରେ ବିଜୟ ପ୍ରାପ୍ତ କରିନେଲେ ।

ଯେଉଁ ସାହାବାମାନେ ଗରୀବ ଓ ମଧ୍ୟବିତ ଶ୍ରେଣୀର ଲୋକ ଥିଲେ, ସେମାନେ ଏତେ ଧନି ହୋଇଗଲେ ଯେ ଜଣେ ସାହାବି ଯାହାଙ୍କ ନାମ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଥିଲା, ତାଙ୍କର ଯେତେବେଳେ ଦେହାନ୍ତ ହେଲା, ସେତେବେଳେ ତାଙ୍କ ନିକଟରେ ଅଢ଼େଇ କୋଟି ଟଙ୍କାର ସମ୍ପତି ଥିଲା ଯାହା ଆଜିକାଲିର ହିସାବରେ ବହୁତ ବଡ଼ ସମ୍ପତି କାରଣ ସେ ସମୟରେ ଟଙ୍କାର ମୂଲ୍ୟ ବହୁତ ଥିଲା ।

ଦ୍ୱିତୀୟ ପରିବର୍ତନ ମଧ୍ୟ ସ୍ପଷ୍ଟ ରହିଛି । ଆରବର ଲୋକମାନେ ଲେଖିବାକୁ ଖରାପ ଭାବୁଥିଲେ । ତେଣୁ କୌଣସି ପ୍ରକାରର ଜ୍ଞାନ ସେମାନଙ୍କ ମଧ୍ୟରେ ନଥିଲା କିନ୍ତୁ ସେମାନେ ସାରା ଦୁନିଆର ଜ୍ଞାନ ହାସଲ କଲେ । ଇତିହାସର ମୂଳଦୁଆ ସେମାନେ ହିଁ ସ୍ଥାପନ କରିଛନ୍ତି । ସର୍‌ଫ୍ ଓ୍ୱ ନହୁ (ବ୍ୟାକରଣ), ଶବ୍ଦାର୍ଥ, ବର୍ଣ୍ଣନା ଏବଂ ଶବ୍ଦକୋଷକୁ ସେମାନେ ବହୁ ଉଚ୍ଚ ସ୍ତରରେ ପହଂଚାଇ ଦେଲେ । ଫିକା, ଦର୍ଶନ ଫିକା, ମନ୍‌ତିକ (ତର୍କଶାସ୍ତ୍ର), ତତ୍ତ୍ୱଜ୍ଞାନ, ଆଲ୍‌ଜେବ୍‌ରା, କେମିଷ୍ଟ୍ରି ଏବଂ ଖଗୋଳ ବିଦ୍ୟା ଇତ୍ୟାଦି ଅନେକ ଜ୍ଞାନ ଉଦ୍‌ଭାବନ କଲେ ବା ସେହି ଜ୍ଞାନକୁ ନିମ୍ନରୁ ବଢ଼ାଇ ଉଚ୍ଚ ସ୍ତରରେ ପହଂଚାଇ ଦେଲେ । ଆଜି ୟୁରୋପ୍‌ର ଗବେଷକମାନେ ସ୍ୱୀକାର କରୁଛନ୍ତି ଯେ ଯଦି ଆରବୀୟ ମୁସଲମାନ ନଥାନ୍ତେ ତେବେ ଆଜି ଏ ଦୁନିଆ ଜ୍ଞାନର ଏପରି ସ୍ଥିତିରେ ନଥାନ୍ତା ଯେଉଁ ଅବସ୍ଥାରେ ଏବେ ରହିଛି ଏବଂ ଆଧ୍ୟାତ୍ମିକତାରେ ଆରବୀୟମାନେ ଯେଉଁ ଉନ୍ନତି କରିଛନ୍ତି ତାହାର ଉଦାହରଣ ସୃଷ୍ଟିର ଆରମ୍ଭରୁ ଏ ପର୍ଯ୍ୟନ୍ତ ଅନ୍ୟ କୌଣସି ଜାତି ମଧ୍ୟରେ ଦେଖିବାକୁ ମିଳେନାହିଁ ।

***(ତଫ୍‌ସୀର୍ କବୀର୍, ଖଣ୍ଡ-୩, ପୃ- ୪୩୮-୪୩୯.....୨୦୧୦ କାଦିଆନ୍)***

*ପୃଷ୍ଠା- ୦୧ ର ଅବଶିଷ୍ଟାଂଶ ......*

ଓ ପ୍ରତାଡ଼ିତ ହୋଇଥାନ୍ତି । ପରିଶେଷରେ ସେହି ଇହୁଦୀମାନେ ଷଡ଼ଯନ୍ତ୍ର ଓ ଦୁଷ୍ଟାମି କରି ଏ ଚେଷ୍ଟା କଲେ ଯେ କେଉଁ ପ୍ରକାରେ ମଧ୍ୟ ତାଙ୍କୁ ଶେଷ କରିଦେବେ ଓ ତାଙ୍କୁ କୃଶ ଉପରେ ଲଟକାଇ ମାରିଦେବେ । ସେମାନେ ତାଙ୍କର ଏହି ଯୋଜନାରେ ସଫଳ ହେଲେ କାରଣ ହଜ୍‌ରତ୍ ମସିହ୍ ଇବ୍‌ନେ ମରିୟମ୍‌ଙ୍କୁ କୃଶ ଉପରେ ଲଟକାଇ ଦେବାର ନିର୍ଦ୍ଦେଶ ଦିଆଗଲା । କିନ୍ତୁ ଅଲ୍ଲାଃ ତାଲା, ଯିଏ କେବେ ବି ନିଜର ସତ୍ୟବାଦୀ ଓ ନିଜ ଦ୍ୱାରା ନିଯୁକ୍ତ ହୋଇଥିବା ସେବକମାନଙ୍କୁ ନଷ୍ଟ କରନ୍ତି ନାହିଁ, ସେ ତାଙ୍କୁ (ଅର୍ଥାତ ଯୀଶୁଙ୍କୁ) ସେହି ଅଭିଶପ୍ତ କୃଶୀୟ ମୃତ୍ୟୁରୁ ବଂଚାଇଲେ ଓ ଏପରି ପରିବେଶ ସୃଷ୍ଟି କରିଦେଲେ ଯେ ସେ ସେହି କୃଶ ଉପରୁ ଜୀବିତ ତଳକୁ ଓହ୍ଲାଇ ଆସିଲେ ।

ଏକଥାର ପ୍ରମାଣ ପାଇଁ ବହୁତ ଯୁକ୍ତିଯୁକ୍ତ ତଥ୍ୟମାନ ରହିଛି, ଯାହା ବିଶେଷ ଭାବରେ ଇଞ୍ଜିଲ୍‌ରୁ ମିଳିଥାଏ କିନ୍ତୁ ଏବେ ସେସବୁକୁ ବର୍ଣ୍ଣନା କରିବା ମୋର ଉଦ୍ଦେଶ୍ୟ ନାହିଁ । ଏହି ଘଟଣାଗୁଡ଼ିକୁ ଅର୍ଥାତ କୃଶ ଉପରେ ଲଟକାଯିବାର ଘଟଣାବଳୀକୁ ଇଞ୍ଜିଲ୍‌ରେ ପଢ଼ିଲେ ସ୍ପଷ୍ଟ ଭାବରେ ଜଣାପଡୁଛି ଯେ ହଜ୍‌ରତ୍ ମସିହ୍ ଇବ୍‌ନେ ମରିୟମ ଆ:ସ କୃଶ ଉପରୁ ଜୀବିତ ଓହ୍ଲାଇ ଆସିଛନ୍ତି । ପୁଣି ସେ ଏହା ଚିନ୍ତା କରିଛନ୍ତି ଯେ ଏ ଦେଶରେ ତାଙ୍କର ଅନେକ ଶତ୍ରୁ ଅଛନ୍ତି ଓ ଜୀବନ ଶତ୍ରୁ ମଧ୍ୟ ଅଛନ୍ତି, ତେଣୁ ସେ ଏ ନିଷ୍ପତି ନେଲେ ଯେ ଏହି ଦେଶକୁ ଛାଡ଼ି ଚାଲିଯିବେ । ଯେମିତି କି ସେ ପ୍ରଥମେ ଏକଥା କହି ସାରିଥିଲେ ଯେ "ନବୀ ନିଜ ଦେଶରେ ହିଁ ଅପମାନିତ ହୋଇଥାଏ" ସେଥିରୁ ତାଙ୍କ ହିଜ୍‌ରତ୍ (ପ୍ରବାସ) କରିବାର ସୂଚନା ମିଳୁଛି । ସୁତରାଂ ସେ ମନସ୍ଥ କଲେ ଯେ ଏହି ଦେଶକୁ ଛାଡ଼ି ଚାଲିଯିବେ ଓ ନିଜ ଉପରେ ନ୍ୟସ୍ତ କରାଯାଇଥିବା ନବୁଓ୍ୱତ୍‌ର ଦାୟିତ୍ୱକୁ ପୂରଣ କରିବା ପାଇଁ ସେ ବନି ଇସ୍ରାଇଲ୍‌ର ହଜିଯାଇଥିବା ମେଣ୍ଢାମାନଙ୍କ ସନ୍ଧାନରେ ବାହାରି ପଡ଼ିଲେ । ନସିବେନ୍ ଇଲାକା ଦେଇ ଆଫ୍‌ଗାନିସ୍ତାନ ହୋଇ କାଶ୍ମୀରରେ ପହଂଚିଲେ । ବନି ଇସ୍ରାଇଲ୍‌ର ଯେଉଁ ସନ୍ତାନମାନେ କାଶ୍ମୀରରେ ବସବାସ କରୁଥିଲେ, ସେମାନଙ୍କୁ ତବ୍‌ଲିଗ୍ କରିଚାଲିଲେ ଓ ସେମାନଙ୍କର ସଂସ୍କାର କଲେ ଏବଂ ଶେଷରେ ସେମାନଙ୍କ ଗହଣରେ ହିଁ ମୃତ୍ୟୁବରଣ କଲେ । ଏହା ହେଉଛି ସେହି ସତ୍ୟ ଯାହା ମୋ ଉପରେ ପ୍ରକାଶ କରାଯାଇଅଛି ।

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୦୩-୩୦୪ ମୁଦ୍ରଣ ପ୍ରକାଶନ୨୦୧୮ କାଦିୟାନ)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୮ ର ଅବଶିଷ୍ଟାଂଶ ......*

ସେବାପାଇଁ ନିଜକୁ ଉତ୍ସର୍ଗ କରିଥିଲେ । ମୁହମ୍ମଦ ଅହେମଦ୍ ସାହେବ ମଜ୍‌ହର୍ ଯିଏ କି ଫୈସଲାବାଦ ଜିଲ୍ଲାର ପୂର୍ବତନ ଅମୀର ଥିଲେ, ତାଙ୍କ ନିକଟକୁ ଗଲେ । ସେ କହିଲେ, ଆପଣ ଏଠାରେ ଅମୀରଙ୍କର ନିକଟରେ ଅର୍ଥାତ ମୋ ନିକଟରେ ଧର୍ମ ସେବା କରନ୍ତୁ । ଅତଏବ ସେ ସେଠାରେ ଫୈସଲାବାଦ ଯମାତ୍‌ରେ ଆଜୀବନ କର୍ମଚାରୀ ଭାବରେ ନିଜକୁ ଉତ୍ସର୍ଗ କରିଥିଲେ । ସେ ଓ୍ୱସିୟତ କରିଥିଲେ । ଜୀବିତ ଅବସ୍ଥାରେ ନିଜ ସମ୍ପତିର ହିସା ଜାଏଦାଦ୍ ଅର୍ଥାତ ସମ୍ପତିର ଅଂଶଭାଗ ଯମାତ୍‌କୁ ପ୍ରଦାନ କରିଦେଇଥିଲେ । ସେ ଅତି ତେହଜ୍ଜୁଦ୍ ପ୍ରୀୟ ବ୍ୟକ୍ତି ଥିଲେ । ଫୈସଲା ବାଦ୍‌ରେ ଅନେକ ପିଲାମାନଙ୍କୁ ପବିତ୍ର କୁର୍‌ଆନ୍ କରିମ୍ ପଢ଼ାଉଥିଲେ ଏବଂ ମୁଖସ୍ତ କରାଇବାକୁ ମଧ୍ୟ ଅନୁପ୍ରାଣିତ କରୁଥିଲେ । ସେ ନିଜର ସାନପୁତ୍ରକୁ ମଧ୍ୟ ପବିତ୍ର କୁର୍‌ଆନ୍ ମୁଖସ୍ତ କରାଇ ଦେଇଥିଲେ ।

ପରବର୍ତୀ ଯନାଜାଃ ହେଉଛି ସମ୍ମାନନୀୟ ଚୌଧୁରୀ ନୂର୍ ଅହ୍‌ମଦ୍ ନାସିର୍ ସାହେବଙ୍କର ବିଗତ ଦିନ ୮୨ ବର୍ଷ ବୟସରେ ତାଙ୍କର ବିୟୋଗ ଘଟିଛି । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ସେ ସ୍ୱର୍ଗତ ଚୌଧୁରୀ ଅବ୍‌ଦୁଲ୍ଲାଃ ସାହେବ ଦର୍‌ୱେସ୍ କାଦିୟାନ୍‌ର ଜ୍ୟେଷ୍ଠପୁତ୍ର ଥିଲେ । ତାଙ୍କର ଦୁଇଜଣ ପୁତ୍ର ଅଲ୍ଲାଃ ତାଲାଙ୍କ କୃପାରୁ ଓ୍ୱକ୍‌ଫେ ଜିନ୍ଦଗୀ ଅଟନ୍ତି । ଜଣେ ପୁତ୍ର ଲାଇବେରିଆର ବିଦ୍ୟାଳୟରେ ପ୍ରିନ୍ସିପାଲ ଅଛନ୍ତି ତାଙ୍କ ନାମ ହେଉଛି ମନ୍‌ସୁର୍ ଅହେମଦ୍ ସାହେବ ନାଶିର୍ ଓ ଅନ୍ୟଜଣେ ପୁତ୍ର ମସ୍‌ରୁର୍ ଅହେମଦ୍ ମୁଜାଫର୍ ସାହେବ ଘାନାର ମୁବ୍‌ଲିଗ୍ ସିଲ୍‌ସିଲା ଭାବରେ ସେବା ସମ୍ପାଦନ କରୁଛନ୍ତି । ଉଭୟ ପୁତ୍ର କର୍ମଭୂମିରେ କାର୍ଯ୍ୟରତ ଥିବା ଯୋଗୁଁ ନିଜ ପିତାଙ୍କ ଯନାଜାଃରେ ସାମିଲ ହୋଇପାରିନାହାନ୍ତି । ସ୍ୱର୍ଗତ ନୂର ମୁହମ୍ମଦ ସାହେବ ଓ୍ୱସିୟତ୍ ମଧ୍ୟ କରିଥିଲେ ।

ପରବର୍ତୀ ଯନାଜାଃ ହେଉଛି ସମ୍ମାନନୀୟ ମେହମୁଦ୍ ଅହ୍‌ମଦ୍ ମିନ୍‌ହାସ୍ ସାହେବଙ୍କର ତାଙ୍କ ପିତାଙ୍କ ନାମ ହକିମ୍ ଉବୈଦୁଲ୍ଲାଃ ମିନ୍‌ହାସ୍ ଥିଲା । ମେହ୍‌ମୁଦ୍ ମିନ୍‌ହାସ୍ ସାହେବଙ୍କର ୭୫ ବର୍ଷ ବୟସରେ ବିୟୋଗ ହୋଇଛି ।*ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ତାଙ୍କର ଜଣେ ପୁତ୍ର ରଶିଦ୍ ମେହମୁଦ୍ ମିନ୍‌ହାସ ସାହେବ ମୁବଲିଗ୍ ଅଟନ୍ତି । ସେ କୁହନ୍ତି ସ୍ୱର୍ଗତ ପିତାଶ୍ରୀ ଜଣେ ଦରୱେସ୍ (ସାଧୁ) ସ୍ୱଭାବିୟ ବ୍ୟକ୍ତି ଥିଲେ । ସେ ଅଂସଖ୍ୟ ଗୁଣାବଳୀର ଅଧିକାରୀ ଥିଲେ, ସେ ନିୟମିତ ରୂପେ ନମାଜ ତେହଜ୍ଜୁଦ୍ ପାଠ କରୁଥିଲେ । ସେ ଖିଲାଫତ୍‌ର ପାଗଳପ୍ରେମି ଥିଲେ । ଅଭାବି, ଦରିଦ୍ର ତଥା ଅନାଥମାନଙ୍କୁ ସାହାଯ୍ୟ କରିବାପାଇଁ ସେ ସର୍ବଦା ତତ୍ପର ରହୁଥିଲେ । ତାଙ୍କ ସୁପୁତ୍ର ରାଶିଦ୍ ମିନ୍‌ହାସ୍ ସାହେବ ଘାନାର କର୍ମ ଭୂମିରେ ସେବାରତ ଥିବା ଯୋଗୁଁ ନିଜ ପିତାଙ୍କ ଯନାଜାଃରେ ସାମିଲ ହୋଇପାରିନାହାନ୍ତି । ସେହିପରି ଆଉଜଣେ ପୁତ୍ର ମେଲାସିଆରେ ଥିବା ଯୋଗୁଁ ପିତାଙ୍କ ଅନ୍ତିମ ସଂସ୍କାରରେ ସାମିଲ ହୋଇପାରିନାହାନ୍ତି । ଏହି ସମସ୍ତଙ୍କୁ ଅଲ୍ଲାଃ ତାଲା ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ଓ ସମସ୍ତ ମୃତକମାନଙ୍କ ସନ୍ତାନସନ୍ତତି ଓ ପରିଜନମାନଙ୍କୁ ଅଲ୍ଲାଃ ତାଲା ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ।

ଅଲ୍ଲାଃ ତାଲା ଉପରୋକ୍ତ ସମସ୍ତ ମୃତକମାନଙ୍କର ସ୍ତରକୁ ବୈକୁଣ୍ଠରେ ଉନ୍ନୀତ କରନ୍ତୁ ଏବଂ ସେମାନଙ୍କ ପ୍ରତି ସଦୟ ହୁଅନ୍ତୁ । ଜୁମା ନମାଜ ପରେ ଏହି ସମସ୍ତ ମୃତକମାନଙ୍କର ମୁଁ ନମାଜ ଯନାଜାଃ ଗାଏବ ପଢ଼ାଇବି । ଇନ୍‌ଶାଅଲ୍ଲାଃ ତାଲା ।

⌘⌘⌘⌘⌘⌘⌘⌘⌘⌘

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ହଜ୍‌ରତ୍ ମୁହମ୍ମଦ ସ:ଆ:ସ କହିଲେ ଯେ ମତେ ଏପରି ଲୋକକୁ ହତ୍ୟା କରିବାପାଇଁ ମନା କରାଯାଇଅଛି ଯିଏ (କଲ୍‌ମା) ଶାହାଦତ୍ (ଅର୍ଥାତ ଏକେଶ୍ୱରବାଦର ସାକ୍ଷ୍ୟ) ଦେଉଥିବ ।

ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ ଖଲିଫା ରାଶିଦ୍ ଫାରୁକ୍ ଆଜମ୍ ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅଙ୍କ ଗୁଣ ଗାରିମାର ବର୍ଣ୍ଣନା

ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅ ବଦର, ଓ୍ୱହଦ୍ ଏବଂ ଖନ୍ଦକ ସମେତ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ସହିତ ସମସ୍ତ ଯୁଦ୍ଧରେ ସାମିଲ ହୋଇଥିଲେ ।

ବାରଜଣ ମରହୁମାନ୍: ମୋକରମ୍ କୁରୈଶୀ ମୁହମ୍ମଦ ଫଜ୍‌ଲୁଲ୍ଲାଃ ସାହେବ୍ ନାଏବ୍ ନାଜିର୍ ଇଶାଅତ୍ କାଦିଆନ୍, ମୋକରମ୍ ସୟଦ୍ ବଶିରୁଦ୍ଦିନ୍ ଅହ୍‌ମଦ୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା କାଦିଆନ୍, ମୋକରମ୍ ବିଶାରତ୍ ଅହ୍‌ମଦ୍ ସାହେବ୍ ହଇଦର୍ ଓ୍ୱାକିଫେ ଜିନ୍ଦେଗୀ କାଦିଆନ୍ (ଇବ୍‌ନେ ଫୈଜ୍ ଅହ୍‌ମଦ୍ ସାହେବ ଶହ୍‌ନା), ମୋକରମ୍ ଡ଼ାଃ ମୁହମ୍ମଦ ଅଲୀ ଖାନ୍ ସାହେବ୍ (ଅମୀର୍ ଜମାତ୍ ଅହେମଦିୟା ଜିଲ୍ଲା ପେଶାଓ୍ୱର୍), ମୋକରମ୍ ରଫି ଖାନ୍ ଶହ୍‌ଜାଦାଃ ସାହେବ୍ (ସାବିକ୍ କାର୍‌କୁନ୍ ଓ୍ୱକାଲତେ ମାଲ୍ ସାଲିସ୍ ରବ୍‌ଓ୍ୱା), ମୋକରମ୍ ରଫିକ୍ ଆଫ୍‌ତାବ୍ ସାହେବ ୟୁ.କେ, ମୋକରମା ଜରିନା ଅଖ୍‌ତର୍ ସାହିବା (ପତ୍ନୀ ମିର୍‌ଜା ନସିର୍ ଅହ୍‌ମଦ୍ ସାହେବ ଛଟି ମସିହ୍, ଶିକ୍ଷକ ଜାମିଆ ଅହେମଦିୟା ୟୁ.କେ), ମୋକରମ୍ ହାଫିଜ୍ ମୁହମ୍ମଦ୍ ଅକରମ୍ ସାହେବ୍, ମୋକରମ୍ ଚୌଧୁରୀ ନୂର୍ ଅହ୍‌ମଦ୍ ନାସିର୍ ସାହେବ ଏବଂ ମୋକରମ୍ ମୁହମ୍ମଦ୍ ଅହ୍‌ମଦ୍ ମିନ୍‌ହାସ୍ ସାହେବ୍ (ଇବ୍‌ନ୍ ହକିମ୍ ଉବୈଦୁଲ୍ଲାଃ ମିନ୍‌ହାସ୍ ସାହେବ)ଙ୍କର ଗୁଣ ବର୍ଣ୍ଣନା ଓ ନମାଜ ଯନାଜାଃ ଗାଏବ୍ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍: ୨୧ ମଇ ୨୦୨୧ ଅନୁଯାୟୀ ୨୧ ହିଜ୍‌ରତ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - اَلرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ହଜ୍‌ରତ୍ ଉମର୍ ର:ଅଙ୍କର ଚର୍ଚ୍ଚା ଚାଲିଥିଲା । ଆପଣ ଯେଉଁ ଯୁଦ୍ଧ ଓ ଅଭିଯାନରେ ଯୋଗଦାନ କରିଥିଲେ ସେଥି ସମ୍ପର୍କରେ କିଛି ବର୍ଣ୍ଣନା କରୁଅଛି । ହଜ୍‌ରତ୍ ଉମର୍ ର:ଅ ବଦର୍, ଓ୍ୱହଦ୍ ଓ ଖନ୍ଦକ ସମେତ ସମସ୍ତ ଯୁଦ୍ଧରେ ହଜୁର ସ:ଆ:ସଙ୍କ ସାଥିରେ ସାମିଲ ଥିଲେ । ଏତଦ୍‌ବ୍ୟତିତ ଅନ୍ୟ ଅଭିଯାନ ଗୁଡ଼ିକରେ ମଧ୍ୟ ସାମିଲ ଥିଲେ ଯେଉଁ ଅଭିଯାନ ମଧ୍ୟରୁ କେତେକରେ ଆପଣ ଅମୀର ଦାୟିତ୍ୱ ତୁଲାଇଥିଲେ ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩୧, ପୃ-୨୦୬........... ବେରୁତ ୨୦୧୨)***

ବଦର୍ ଯୁଦ୍ଧ ଅଭିମୁଖେ ବାହାରିଥିବା ମୁସଲମାନମାନଙ୍କ ନିକଟରେ ୭୦ଗୋଟି ଓଟ ରହିଥିଲା ଏଥିପାଇଁ ତିନିଜଣ ମୁସଲମାନମାନଙ୍କୁ ଗୋଟିଏ ଓଟ ଧାର୍ଯ୍ୟ କରାଯାଇଥିଲା ଏବଂ ପ୍ରତ୍ୟେକ ପାଳି କରି ଓଟ ଉପରେ ଆରୋହଣ କରୁଥିଲେ । ହଜ୍‌ରତ୍ ଅବୁବକର ସିଦ୍ଦିକ୍ ର:ଅ, ହଜ୍‌ରତ୍ ଉମର୍ ର:ଅ ଓ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଗୋଟିଏ ଓଟ ଉପରେ ଜଣକ ପରେ ଜଣେ ଆରୋହଣ କରୁଥିଲେ ।

***(ସିରତୁଲ୍ ହଲ୍‌ବିୟା...... ଖଣ୍ଡ-୨, ପୃଷ୍ଠା-୨୦୪..... ବେରୁତ ୨୦୦୨)***

ଉଲ୍ଲେଖ ରହିଛି ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ କୁରୈଶ୍‌ର ବାଣିଜ୍ୟ ଦଳ ଯେ କି ସିରିୟାରୁ ପ୍ରତ୍ୟାବର୍ତନ କରୁଥିଲା ତାହାର ମାର୍ଗ ଅବରୋଧ କରିବା ସକାଶେ ମଦିନାରୁ ବାହାରିଥିଲେ । ଯେତେବେଳେ ମୁସଲମାନ ସେନା ଜଫ୍‌ରାନ୍‌ଠାରେ ପହଂଚିଲା ଯାହାକି ସଫ୍‌ରା ଉପତ୍ୟାକା ନିକଟରେ ଅବସ୍ଥିତ ସେତେବେଳେ ହଜୁର ସ:ଆ:ସଙ୍କୁ ସୁଚନା ମିଳିଲା ଯେ, କୁରୈଶ୍ ନିଜ ବ୍ୟବସାୟୀ ଦଳକୁ ରକ୍ଷା କରିବା ନିମନ୍ତେ ମକ୍କାରୁ ବାହାରି ଆସିଛି । ହଜୁର ସ:ଆ:ସ ନିଜ ସାହାବାଙ୍କ ସହ ପରାମର୍ଶ କଲେ କି ଏପରି ପରିସ୍ଥିତିରେ କଣ କରିବା ଠିକ୍ ହେବ । ଆପଣ କହୁଛନ୍ତି କଣ ଅମାନ୍ୟକାରୀଙ୍କ ସେନା ମୁକାବିଲାରେ ବ୍ୟବସାୟୀ ଦଳର ମୁକାବିଲା ଅଧିକ ଫଳପ୍ରଦ ସାବ୍ୟସ୍ତ ହେବ ? ମୁସଲମାନମାନଙ୍କ ମଧ୍ୟରୁ ଗୋଟିଏ ଦଳ ଏହି ପରାମର୍ଶକୁ ସମର୍ଥନ କଲା ଏବଂ କହିଲା ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣଙ୍କୁ ବ୍ୟବସାୟୀ ଦଳ ଆଡ଼କୁ ଯିବା ଉଚିତ । ଆଉ ଏକ ବର୍ଣ୍ଣନା ଅନୁଯାୟୀ ଅନ୍ୟଦଳଟି କହିଲା ଯଦି ଆପଣ ଆମକୁ ଯୁଦ୍ଧ ପାଇଁ ଆହ୍ୱାନ ଦେଇଥାନ୍ତେ ତେବେ ଆମେ ସେଥିପାଇଁ ପ୍ରସ୍ତୁତ ହୋଇ ଆସିଥାନ୍ତୁ । ଏହା ଶୁଣି ଆପଣଙ୍କ ପବିତ୍ର ମୁଖର ରଙ୍ଗ ଫିକା ପଡ଼ିଗଲା । ହଜ୍‌ରତ୍ ଅବୁ ଅୟୁବ କୁହନ୍ତି ନିମ୍ନ ଲିଖିତ ଆୟତ ଅବତୀର୍ଣ୍ଣ ହେବାର କାରଣ ଏହା ହିଁ ଥିଲା । ସେହି ଆୟତଟି ହେଉଛି:- **କମା ଅଖ୍‌ରଜକା ରବ୍‌ବୁକା ମିମ୍ ବଇତିକା ବିଲ୍ ହକ୍କି ଓ୍ୱ ଇନ୍ନା ଫରିକମ୍ ମିନଲ୍ ମୁମିନିନା ଲକାରିହୁନ୍ (ଅନ୍‌ଫାଲ୍: ୦୬)** ଅର୍ଥାତ ଯେପରି ତୁମର ପ୍ରଭୁ ତୁମକୁ ସତ୍ୟତାର ସହିତ ତୁମ ଗୃହରୁ ବାହାର କରିଥିଲେ ଯେତେବେଳେ କି ମୋମିନ୍ ମାନଙ୍କ ମଧ୍ୟରୁ ଏକଦଳ ଏହାକୁ ନାପସନ୍ଦ କରୁଥିଲେ । ସେତେବେଳେ ହଜ୍‌ରତ୍ ଅବୁବକର ଛିଡ଼ା ହେଲେ ଏବଂ ବେଶ୍ ସୁନ୍ଦର କଥା କହିଲେ, ସେଥିଅନ୍ତେ ହଜ୍‌ରତ୍ ଉମର୍ ର:ଅ ଛିଡ଼ା ହେଲେ ସେ ମଧ୍ୟ ଅତି ସୁନ୍ଦର ବଚନ କଲେ । ନିଜର ମତ ରଖିଲେ, ତା'ପରେ ମିକ୍‌ଦାଦ୍ ଛିଡ଼ା ହେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ! ପ୍ରଭୁ ଯାହା ଆପଣଙ୍କୁ ଆଦେଶ ଦେଇଛନ୍ତି ସେହି ମାର୍ଗର ଅନୁସରଣ କରନ୍ତୁ ଆମେ ଆପଣଙ୍କ ସାଥିରେ ଅଛୁ । ଅଲ୍ଲାଃଙ୍କ ରାଣ ! ଆମେ ଆପଣଙ୍କୁ ସେପରି କହିବୁ ନାହିଁ ଯେପରି ବନୁ ଇସ୍ରାଇଲ୍ ହଜ୍‌ରତ୍ ମୁସା ଆ:ସଙ୍କୁ କହିଥିଲେ ଯେ, **ଫଜହବ୍ ଅନ୍‌ତା ଓ୍ୱ ରବ୍‌ବୁକା ଫକାତିଲା ଇନ୍ନା ହାବୁନା କାଏଦୁନ୍ (ଅଲ୍‌ମାଇଦାଃ:୨୫)** ଅର୍ଥାତ ଯାଅ ତୁମେ ଓ ତୁମର ପାଳନକର୍ତା ଯାଇ ଲଢ଼ ଆମେ ଏହିଠାରେ ହିଁ ବସି ରହିବୁ ନୁହେଁ ବରଂ ସାହାବାମାନେ କହିଲେ ଆମେ ନିଜର ଶେଷ ନିଶ୍ୱାସ ବାକି ରହିବା ପର୍ଯ୍ୟନ୍ତ ଆପଣଙ୍କ ସାଥିରେ ଲଢ଼ିବୁ ।***(ସିରତୁଲ୍ ହଲ୍‌ବିୟା....... ଖଣ୍ଡ-୨, ପୃଷ୍ଠା-୨୦୫-୨୦୬......ବେରୁତ ୨୦୦୨) (ଫରହଙ୍ଗ ସିରତ୍ ପୃଷ୍ଠା-୧୨୫)***

ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ର:ଅ କୁହନ୍ତି: ଯେତେବେଳେ ସେମାନେ ବଦର୍‌ର କଏଦୀମାନଙ୍କୁ ଧରି ନେଲେ ସେତେବେଳେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସହଜ୍‌ରତ୍ ଅବୁବକର ଓ ଉମର୍‌ଙ୍କୁ କହିଲେ ଏହି କଏଦୀମାନଙ୍କ ପ୍ରସଙ୍ଗରେ ତୁମର ମତ କଣ ? ହଜ୍‌ରତ୍ ଅବୁବକର ର:ଅ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ସେମାନେ ଆମ ଚଚା, ଆମ ବନ୍ଧୁ, ଆମ ପରିଜନ ତେଣୁ ମୋ ମତରେ ଆପଣ ସେମାନଙ୍କଠାରୁ ଫିଦିୟା ଅର୍ଥାତ କ୍ଷତିପୁରଣ ନେଇ ଛାଡ଼ି ଦେବା ପ୍ରଯୁଜ୍ୟ ହେବ । ସମ୍ଭବତଃ ପ୍ରଭୁ ସେମାନଙ୍କୁ ଇସ୍‌ଲାମ୍ ଆଡ଼କୁ ମାର୍ଗଦର୍ଶନ କରାଇଦେବେ । ହଜୁର ସ:ଆ:ସ କହିଲେ, ହେ ଇବ୍‌ନେ ଖତାବ୍ ତୁମର ଏ ସଂକ୍ରାନ୍ତରେ କଣ ରାୟ ରହିଛି । ହଜ୍‌ରତ୍ ଉମର୍ ର:ଅ କହିଲେ, ନା ହେ ଅଲ୍ଲାଃଙ୍କ ରସୁଲ୍ ! ଅଲ୍ଲାଃଙ୍କ ରାଣ ! ମୋ ରାୟ ତାହା ନୁହେଁ ଯାହା ହଜ୍‌ରତ୍ ଅବୁବକର ର:ଅ ଉପସ୍ଥାପନ କଲେ । ବରଂ ମୋ ମତରେ ଆପଣ ସେମାନଙ୍କୁ ଆମ ହାତରେ ଟେକି ଦିଅନ୍ତୁ ଆମେ ସେମାନଙ୍କ ଶିର ଛେଦ୍ କରିଦେବୁ । ଅଲ୍ଲୀଙ୍କ ଅଧିନରେ ଅକିଲ୍‌କୁ ଦେଇଦିଅନ୍ତୁ, ମୋ ଅଧିନରେ ଅମୁକକୁ ଦେଇ ଦିଅନ୍ତୁ ଯିଏ ମୋର ସମ୍ପର୍କୀୟ ମୁଁ ତାହାର ଶିର ଛେଦ କରିଦେବି କାରଣ ଏମାନେ ସମସ୍ତେ ହେଉଛନ୍ତି ଅମାନ୍ୟକାରୀଙ୍କ ନେତା ଓ ସର୍ଦ୍ଦାର । ହଜୁର ସ:ଆ:ସ ହଜ୍‌ରତ୍ ଅବୁବକର ର:ଅଙ୍କ ପରାମର୍ଶକୁ ପ୍ରାଧାନ୍ୟ ଦେଲେ, ହଜ୍‌ରତ୍ ଉମର୍ ର:ଅ କୁହନ୍ତି ମୋ କଥାକୁ ହଜୁର ପ୍ରାଧାନ୍ୟ ଦେଲେନାହିଁ । ପରବର୍ତୀ ଦିନ ହଜୁର ସ:ଆ:ସ ଓ ହଜ୍‌ରତ୍ ଅବୁବକର ର:ଅ ବସି ଅଶ୍ରୁ ଝରାଉଥିଲେ, ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ୍ ! ମତେ ଦୟା କରି କୁହନ୍ତୁ କେଉଁ କାରଣ ଯୋଗୁଁ ଆପଣ ଓ ଆପଣଙ୍କ ସାଥିଙ୍କର ଅଶ୍ରୁ ଝରି ଚାଲିଛି । ଯଦି ମତେ କାନ୍ଦ ଲାଗେ ତେବେ ମୁଁ ମଧ୍ୟ କାନ୍ଦିବି ଅଥବା ଆପଣ ଉଭୟଙ୍କ ପରି ମୁଁ ନିଜର କାନ୍ଦିବା ଅବସ୍ଥା କରିନେବି । ହଜୁର ସ:ଆ:ସ କହିଲେ, ମୋ କାନ୍ଦିବାର କାରଣ ଏହି

କି ଯେ, ତୁମ ସାଥିମାନେ ମୋ ସମ୍ମୁଖରେ ଏମାନଙ୍କଠାରୁ ଫିଦିୟା ନେବା ପାଇଁ ପରାମର୍ଶ ଦେଇଥିଲେ । ମୋ ସମ୍ମୁଖରେ ଏମାନଙ୍କର ଦଣ୍ଡ ସେହି ବୃକ୍ଷର ଅଧିକ ନିକଟବର୍ତୀ କରାଯାଇଅଛି ଯେଉଁ ବୃକ୍ଷ ଅଲ୍ଲାଃଙ୍କ ନବୀ ସ:ଆ:ସଙ୍କ ନିକଟରେ ଥିଲା ଏବଂ ଅଲ୍ଲାଃ ତାଲା ଏହି ପଂକ୍ତି ଅବତୀର୍ଣ୍ଣ କଲେ:-

**ମା କାନା ଲି ନବିୟିନ୍ ଅନ୍ ୟକୁନା ଲହୁ ଅସ୍‌ରା ହତ୍‌ତା ୟୁସ୍‌ଖିନା ଫିଲ୍ ଅର୍‌ଜି (ଅନ୍‌ଫାଲ୍:୬୮)** ଅର୍ଥାତ କୌଣସି ନବୀଙ୍କ ପାଇଁ ଏହା ବୈଧ୍ୟ ନୁହେଁ ଯେ ଭୁପୃଷ୍ଠରେ ରକ୍ତପାତ ବ୍ୟତିତ କଏଦୀ କରିନେବ । ପୁନଶ୍ଚ ପରବର୍ତୀ ଦୁଇଟି ଆୟତ ପରେ ଦର୍ଶାଇ ଦେଲେ ଯେ, **ଫକୁଲୁ ମିମ୍ମା ଗନିମ୍‌ତୁମ୍ ହଲାଲନ୍ ତୟବନ୍ (ଅନ୍‌ଫାଲ୍:୭୦)** ଅର୍ଥାତ ଯେଉଁ ମାଲେ ଗନିମତ ତୁମର ହସ୍ତଗତ ହେବ ସେଥି ମଧ୍ୟରୁ ବୈଧ୍ୟ ଓ ପବିତ୍ର ପଦାର୍ଥ ଗ୍ରହଣ କର ସୁତରାଂ ଅଲ୍ଲାଃ ତାଲା ସେମାନଙ୍କ ପାଇଁ ମାଲେ ଗନିମତ ବୈଧ୍ୟ କରିଦେଲେ । ଏହା ସହି ମୁସ୍‌ଲିମ୍‌ର ବର୍ଣ୍ଣନା ଅଟେ । ***(ସହି ମୁସ୍‌ଲିମ୍ କିତାବୁଲ୍ ଜିହାଦ୍..... ଅଲ୍‌ଇମ୍‌ଦାଦେ ବିଲ୍‌ମଲାଇକତି ହଦିସ୍:- ୪୫୮୮)***

ଏହି ହଦିସ୍‌ର ପ୍ରାରମ୍ଭରେ ହଜୁର ସ:ଆ:ସଓ ହଜ୍‌ରତ୍ ଅବୁବକର ର:ଅଙ୍କର ରୋଦନ କରୁଥିବାର ଯେଉଁ ଶବ୍ଦ ରହିଛି ପୁନଶ୍ଚ କୁର୍‌ଆନ୍‌ରେ ଯେଉଁ ପଂକ୍ତି ରହିଛି ସେଥିରେ ଯେଉଁ ବିଷୟ ଉଲ୍ଲେଖ ରହିଛି ତାହା ଏ ବିଷୟକୁ ଅସ୍ପଷ୍ଟ କରିଦେଉଛି । କଥା ସ୍ପଷ୍ଟ ହେଉନାହିଁ ଠିକ୍ ରୂପେ କଥା ବୁଝା ପଡୁନାହିଁ ସେ ଯାହା ହେଉ ଏହି ବର୍ଣ୍ଣନାକୁ ସଠିକ୍ ମନେ କରି ଅଧିକାଂଶ ଐତିହାସିକ ଓ ଜୀବନୀ ଲେଖାଳିମାନେ ତଥା ସମୀକ୍ଷାକାରୀ ଓ ବ୍ୟାଖ୍ୟାକାରୀମାନେ ବର୍ଣ୍ଣନା କରିଛନ୍ତି ଯେ, ଅଲ୍ଲାଃ ତାଲା ଯୁଦ୍ଧ ବିଜୟ ପରେ ହାତକୁ ଆସିଥିବା କଏଦୀମାନଙ୍କଠାରୁ ଫିଦିଆ ନେବାରେ ଅପ୍ରସନ୍ନତା ପ୍ରକାଶ କରିଛନ୍ତି ଏବଂ ହଜ୍‌ରତ୍ ଉମର୍ ର:ଅଙ୍କ ପରାମର୍ଶକୁ ପସନ୍ଦ କରିଛନ୍ତି । ହଜ୍‌ରତ୍ ଉମର୍ ର:ଅଙ୍କ ଜୀବନୀ ଲେଖାଳୀମାନେ ତାଙ୍କ ପ୍ରସଙ୍ଗରେ ଲେଖନ୍ତି ଯେ, ହଜ୍‌ରତ୍ ଉମର୍ ର:ଅଙ୍କ ରାୟ ଅନ୍ତର୍ଗତ କେଉଁ କେଉଁ ପବିତ୍ର କୁର୍‌ଆନୀୟ ପଂକ୍ତି ଅବତୀର୍ଣ୍ଣ ହୋଇଛି, ସେଥିମଧ୍ୟରେ ଗୋଟିଏ ଏହା ମଧ୍ୟ ଦରଜ ରହିଛି ଯେ, ବଦର ଯୁଦ୍ଧର କଏଦୀମାନଙ୍କ ପ୍ରସଙ୍ଗରେ ହଜ୍‌ରତ୍ ଉମର୍ ର:ଅଙ୍କ ରାୟକୁ ପ୍ରଭୁ ପ୍ରାଧାନ୍ୟ ଦେଇଛନ୍ତି । କିନ୍ତୁ ଏହା ବିଭ୍ରାନ୍ତ ପୂର୍ଣ୍ଣ ଢ଼ଥା ଯେପରି କି ମୁଁ ଏହା କରିସାରିଛି ଯେ ଏକଥାକୁ ବୁଝିବାରେ ଐତିହାସ୍‌ବିତ୍ ଓ ଦାର୍ଶନିକମାନେ ଭ୍ରମିତ ହୋଇଛନ୍ତି କଥାବୁଝା ପଡୁନାହିଁ । ତେବେ ସେ ଯାହା ହେଉ, ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କର ଏହି ପ୍ରସଙ୍ଗରେ ଯାହା ବର୍ଣ୍ଣନା ରହିଛି , ଯାହାକି ଆପଣଙ୍କ ଅପ୍ରକାଶିତ ନୋଟ୍ ମଧ୍ୟରୁ ଗୋଟିଏ ନୋଟ ହସ୍ତଗତ ହୋଇଛି, ତାହା ଏହି ବର୍ଣ୍ଣନାଗୁଡ଼ିକୁ ଖଣ୍ଡନ କରିଥାଏ ଓ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କ ବର୍ଣ୍ଣନା ହିଁ ସଠିକ୍ ମନେ ହେଉଛି ଅଯଥାରେ ହଜ୍‌ରତ୍ ଉମର୍ ର:ଅଙ୍କ ଆସନକୁ ଐତିହାସିକମାନେ ଉର୍ଦ୍ଧ କରିବାକୁ ଯାଇ ଏଭଳି ବର୍ଣ୍ଣନାଗୁଡ଼ିକ ଗଢ଼ି ଦେଇଛନ୍ତି ଅବା ସେମାନଙ୍କର ବୁଝିବାରେ ଭୁଲ ରହିଛି । ସେ ଯାହା ହେଉ, ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ସୁରାଃ ଅନ୍‌ଫାଲ୍‌ର ଆୟତ ନଂ ୬୮ର ବ୍ୟାଖ୍ୟା କରି କୁହନ୍ତି ପୂର୍ବେ ଆରବବାସୀଙ୍କର ଏବଂ ଆଜି ମଧ୍ୟ ବିଶ୍ୱର କେତେକ ସ୍ଥାନେ ଏହି ପରମ୍ପରା ପ୍ରଚଳିତ ରହିଛି ଯେ ଯଦିଚ ଯୁଦ୍ଧ ହୋଇନଥାଏ ତଥାପି କଏଦୀମାନଙ୍କୁ ଧରା ଯାଇଥାଏ ଏବଂ ସେମାନଙ୍କୁ କ୍ରୀତଦାସ କରିଦିଆଯାଇଥାଏ । ଉକ୍ତ ଆୟତଟି ଏପରି ଅଶୋଭନୀୟ ରୀତିନୀତି ଓ ପରମ୍ପରାକୁ ଅବୈଧ୍ୟ କରିଥାଏ ଏବଂ ସ୍ପଷ୍ଟ ଶବ୍ଦରେ ଆଦେଶ ଦେଇଥାଏ ଯେ, କେବଳ ଯୁଦ୍ଧ ହେବା ସ୍ଥଳେ ଓ ଯୁଦ୍ଧ ସମାପ୍ତ ହେବାପରେ ଶତ୍ରୁ ପକ୍ଷର ଲୋକଙ୍କୁ କଏଦୀ କରିବାର ଅନୁମତି ରହିଛି । ଯଦି ଯୁଦ୍ଧ ନ ହୁଏ ତେବେ କୌଣସି ବ୍ୟକ୍ତି ବିଶେଷକୁ କଏଦୀ କରିବା ନ୍ୟାୟ ସଙ୍ଗତ ନୁହେଁ । ଏହି ଆୟତର ବହୁତ ଭୁଲ୍ ବ୍ୟାଖ୍ୟା କରାଯାଇଛି । ଆପଣ କୁହନ୍ତି ଯେତେବେଳେ ମୁସଲମାନମାନେ ବଦର ଯୁଦ୍ଧ ପରେ ମକ୍କାବାସୀଙ୍କର କିଛି ଲୋକଙ୍କୁ କଏଦି କରି ଧରିନେଲେ, ସେତେବେଳେ ହଜୁର ସ:ଆ:ସ ସାହାବାଙ୍କ ସାଥିରେ ପରାମର୍ଶ କଲେ ଯେ, ସେମାନଙ୍କ ସହିତ କି ଆଚରଣ କରିବା ଠିକ୍ ହେବ । ହଜ୍‌ରତ୍ ଉମର୍ ର:ଅ ରାୟ ଦେଲେ ଏମାନଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରିଦେବା ଉଚିତ । କିନ୍ତୁ ହଜ୍‌ରତ୍ ଅବୁବକର ର:ଅ ମତ ପ୍ରକାଶ କଲେ ଯେ, ଫିଦିଆ ନେଇ ସେମାନଙ୍କୁ ସ୍ୱାଧିନ କରିଦେବା ଉଚିତ । ହଜୁର ସ:ଆ:ସ ହଜ୍‌ରତ୍ ଅବୁବକର ର:ଅଙ୍କ ମତକୁ ମାନ୍ୟତା ଦେଲେ, ଆପଣ ର:ଅ କୁହନ୍ତି ସୁରେଃ ଅନ୍‌ଫାଲ୍‌ର ଆୟତ ସଂଖ୍ୟା ୬୮ ଅନୁଯାୟୀ କୌଣସି ନବୀଙ୍କ ପାଇଁ ଏହା ବୈଧ୍ୟ ନୁହେଁ ଯେ, ସେ ଭୁପୃଷ୍ଠରେ ରକ୍ତପାତ କରୁ ।

ସେ ଯାହା ହେଉ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କ ଏହି ପ୍ରସଙ୍ଗରେ ସ୍ପଷ୍ଟିକରଣ କରି କୁହନ୍ତି: ହଜ୍‌ରତ୍ ଉମର୍ ର:ଅ ଓ ହଜ୍‌ରତ୍ ଅବୁବକର ର:ଅଙ୍କ ମତରେ ପ୍ରାର୍ଥକ୍ୟ ରହିଥିଲା ଏବଂ ହଜୁର ସ:ଆ:ସ ହଜ୍‌ରତ୍ ଅବୁବକର ର:ଅଙ୍କ ମତକୁ ପସନ୍ଦ କରିଥିଲେ ଏବଂ ଫିଦିଆ ନେଇ କଏଦୀମାନଙ୍କୁ ମୁକ୍ତ କରିଦେଇଥିଲେ । କିନ୍ତୁ (ବ୍ୟାଖ୍ୟକାରୀମାନେ) କୁହନ୍ତି ଯେତେବେଳେ ଏହି ଆୟତ ଅବତୀର୍ଣ୍ଣ ହେଲା ସେତେବେଳେ ଅଲ୍ଲାଃ ତାଲା ହଜୁର ସ:ଆ:ସଙ୍କର ଏହି କାର୍ଯ୍ୟକୁ ନାପସନ୍ଦ କଲେ । କଏଦୀମାନଙ୍କୁ ହତ୍ୟା କରିଦେବା ଉପଯୁକ୍ତ ଥିଲା ନା କି ତାଙ୍କଠାରୁ ଫିଦିଆ ନେଇ ଛାଡ଼ି ଦେବା । ଏହା ତିବ୍‌ରୀର ବ୍ୟାଖ୍ୟା ଅଟେ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ, ଲେଖିଛନ୍ତି ଏହି ବ୍ୟାଖ୍ୟା ଭୁଲ୍ ଅଟେ । ପ୍ରଥମତଃ ପ୍ରଭୁ ସେ ପର୍ଯ୍ୟନ୍ତ ଏପରି କୌଣସି ଆଦେଶ ପ୍ରଣୟନ କରିନଥିଲେ ଯେ, କଏଦୀମାନଙ୍କଠାରୁ ଫିଦିଆ ନେଇ ଛଡ଼ା ନଯାଉ । ଦ୍ୱିତୀୟରେ ଏହା ପୂର୍ବରୁ ହଜୁର ସ:ଆ:ସ ନଖଲା ସ୍ଥଳେ ଦୁଇଜଣ ବ୍ୟକ୍ତିଙ୍କଠାରୁ ଫିଦିଆ ନେଇ ମୁକ୍ତ କରି ସାରିଥିଲେ ତେଣୁ ସେତେବେଳେ ତ' ପରମେଶ୍ୱର ଆପଣଙ୍କର ଏହି ନିଷ୍ପତିକୁ ନାପସନ୍ଦ କରିନଥିଲେ, ତୃତୀୟରେ କେବଳ ଦୁଇଟି ଆୟତ ଯାହା ପରବର୍ତୀ ଆୟତରେ ପ୍ରଭୁ ମୁସଲମାନମାନଙ୍କୁ ଏହି ଅନୁମତି ପ୍ରଦାନ କରିଛନ୍ତି ଯେ, ମାଲେ ଗନିମତ୍‌ରୁ ତୁମକୁ ଯାହା କିଛି ମିଳୁଅଛି ସେଥିମଧ୍ୟରୁ ବୈଧ ଓ ପବିତ୍ର ପଦାର୍ଥ ତୁମେ ବ୍ୟବହାର କର ତେବେ ଏକଥା କାହାରି କଳନାରେ ମଧ୍ୟ ଆସିବନାହିଁ ଯେ, ହଜୁର ସ:ଆ:ସଙ୍କର କଏଦୀମାନଙ୍କଠାରୁ ଫିଦିଆ ନେଇ ତାଙ୍କୁ ଛାଡ଼ି ଦେବା କାର୍ଯ୍ୟକୁ ପ୍ରଭୁ ନାପସନ୍ଦ କଲେ ଓ ଏପରି ଯେଉଁ ଅର୍ଥ ପ୍ରାପ୍ତ ହୋଇଥାଏ ତାହାକୁ ବୈଧ ଓ ପବିତ୍ର ଦର୍ଶାଇବେ । ଅତଏବ ଏହି ବ୍ୟାଖ୍ୟା ଭୁଲ୍ ଅଟେ । ପ୍ରକୃତ କଥା ଏହି କି ଯେ, ଉକ୍ତ ଆୟତରେ ଗୋଟିଏ ସାଧାରଣ ନିୟମ ପ୍ରଣୟନ କରାଯାଇଅଛି ଯେ, ଯୁଦ୍ଧ ହେବା ସ୍ଥଳେ ହିଁ ଶତ୍ରୁପକ୍ଷର ଲୋକଙ୍କୁ କଏଦୀ କରାଯାଇପାରିବ । ***(ଦୁରୁସ୍ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ (ଅପ୍ରକାଶିତ) ସୁରଃ ଅନ୍‌ଫାଲ୍ ରେଜିଷ୍ଟ୍ରର ନଂ-୩୬, ପୃ-୯୬୮-୯୬୯)***

ବ୍ୟାଖ୍ୟାକାରୀ ଓ ସମୀକ୍ଷକମାନଙ୍କ ମଧ୍ୟରୁ କେବଳ ଅଲ୍ଲାମାଃ ଇମାମ୍ ରାଜି ଓ ସୁପ୍ରଶିଦ୍ଧ ଜୀବନୀ ଲେଖାଳି ଅଲାମା ଶିବ୍‌ଲି ନୁମାନି ମଧ୍ୟ ସେହି ମତ ପ୍ରକାଶ କରିଛନ୍ତି । ଯାହା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନ କଲେ ।***(ତଫ୍‌ସିର୍ କବୀର୍ ଅଲ୍ଲାମା ଇମାମ୍ ରାଜି, ଖଣ୍ଡ-୮,ଭାଗ-୧୫, ପୃ-୧୫୮.....ଲାହୋର୍ ୧୪୦୮ ହିଜ୍‌ରୀ)***

ହଜ୍‌ରତ୍ ମିର୍ଜା ବଶିର ଅହେମଦ ସାହେବ ଲେଖିଛନ୍ତି ଯେ, ହଜୁର ସ:ଆ:ସ ମଦିନା ପହଂଚିବା ପରେ କଏଦୀମାନଙ୍କ ପ୍ରସଙ୍ଗରେ ସାହାବାଙ୍କ ସାଥିରେ ପରାମର୍ଶ କଲେ । ଆରବରେ ଏହି କଥା ପ୍ରଚଳିତ ଥିଲା ଯେ, ସେମାନେ କଏଦୀମାନଙ୍କୁ ହତ୍ୟା କରିଦେଉଥିଲେ ଅବା ସଦାସର୍ବଦା ପାଇଁ କ୍ରିତଦାସ କରିଦେଉଥିଲେ, କିନ୍ତୁ ହଜୁର ସ:ଆ:ସ ଏହାକୁ ଅତି ଘୃଣା କରୁଥିଲେ ପୁଣି ଏହି ପ୍ରସଙ୍ଗରେ ଅଲ୍ଲାଃଙ୍କ ନିକଟରୁ କୌଣସି ସ୍ପଷ୍ଟ ନିର୍ଦ୍ଦେଶ ମଧ୍ୟ ଅବତୀର୍ଣ୍ଣ ହୋଇନଥିଲା । ହଜ୍‌ରତ୍ ଅବୁବକର ର:ଅ କହିଲେ, ମୋ ମତରେ ସେମାନଙ୍କ ଠାରୁ ଫିଦିଆ ନେଇ ତାଙ୍କୁ ମୁକ୍ତ କରିଦେବା ଉଚିତ ହେବ । ଏମିତି ଦେଖିବାକୁ ଗଲେ, ଏମାନେ ଆମର ହିଁ ଭାଇବନ୍ଧୁ ପୁଣି କଣ ଅସମ୍ଭବ ଯେ, ସେହିମାନଙ୍କ ମଧ୍ୟରୁ ଇସ୍‌ଲାମ୍‌ର ଉତ୍ସର୍ଗୀ ଉତ୍ପନ୍ନ ହୋଇଯିବେ କିନ୍ତୁ ହଜ୍‌ରତ୍ ଉମର୍ ର:ଅ ବିପରୀତ ରାୟ ପ୍ରକାଶ କଲେ ଯେ, ଧର୍ମ ମାମଲାରେ କୌଣସି ବନ୍ଧୁ ପରିଜନ ଦେଖିବା ଠିକ୍ ହେବନାହିଁ ଏମାନଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଦେବା ଉଚିତ ବରଂ ମୋ ମତରେ ମୁସଲମାନମାନଙ୍କୁ ଆଦେଶ ଦେବାକଥା ଯେ ସେମାନେ ନିଜ ସମ୍ପର୍କୀୟମାନଙ୍କୁ ନିଜ ହସ୍ତରେ ହତ୍ୟାକରନ୍ତୁ । ହଜୁର ସ:ଆ:ସ ନିଜ ସ୍ୱଭାବଗତ ଦୟା ଗୁଣରେ ଦୟାପରବଶ ହୋଇ ହଜ୍‌ରତ୍ ଅବୁବକର ର:ଅଙ୍କ ମତକୁ ପସନ୍ଦ କରିଥିଲେ, ଏବଂ ମୃତ୍ୟୁଦଣ୍ଡ ଦେବା ରାୟକୁ ଖାରଜ କରିଦେଇଥିଲେ । ଅତଏବ ହଜୁର ସ:ଆ:ସ ଙ୍କ ନିର୍ଦ୍ଦେଶ କ୍ରମେ ଅମାନ୍ୟକାରୀ କଏଦୀମାନଙ୍କଠାରୁ ଫିଦିଆ ନେଇ ସେମାନଙ୍କୁ ମୁକ୍ତ କରିଦିଆ ଯାଇଥିଲା । ଅତଏବ ଏହି ପ୍ରସଙ୍ଗରେ ପରବର୍ତୀ ସମୟରେ ଅଲ୍ଲାଃଙ୍କ ଧାର୍ଯ୍ୟ ବିଧାନ ମଧ୍ୟ ଅବତୀର୍ଣ୍ଣ ହେଲା । ଯେତେବେଳେ ଐଶି ବିଧାନ ଏହି ଫିଦିୟା ପ୍ରସଙ୍ଗରେ ଅବତୀର୍ଣ୍ଣ ହୋଇଗଲା ଯେମିତି କିହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏ ବିଷୟରେ ଲେଖିଛନ୍ତି ଯେ ସେତେବେଳେ ଏହି ହଦିସ୍‌କୁ ବୁନିୟାଦ୍ କରି ହଜୁର ସ:ଆ:ସ ଏବଂ ହଜ୍‌ରତ୍ ଅବୁବକର ର:ଅଙ୍କ ରୋଦନ କରିବା ବିଷୟରେ କହିବା ଆଶ୍ଚର୍ଯ୍ୟ ଲାଗୁଛି । ତେବେ ସେ ଯାହା ହେଉ, ହଜ୍‌ରତ୍ ମିର୍ଜା ବଶିର ଅହେମଦ ସାହେବ ଲେଖିଛନ୍ତି ଯେ ପ୍ରତ୍ୟେକ କଏଦୀଙ୍କଠାରୁ ଏକ ହଜାର ଦିର୍‌ହମ୍‌ରୁ ଚାରି ହଜାର ଦିର୍‌ହମ୍ ପର୍ଯ୍ୟନ୍ତ ଯାହା ତାଙ୍କ ପାଇଁ ଫିଦିୟା ଧାର୍ଯ୍ୟ କରାଯାଇଥିଲା, ତାହା ସେମାନେ ପଇଠ କରି ସ୍ୱାଧିନ ହୋଇ ଯାଇଥିଲେ ।

***(ସିରତ୍ ଖାତମୁନ୍ ନବିୟିନ୍, ପୃ-୩୬୭-୩୬୮)***

ହଜ୍‌ରତ୍ ଉମର୍ ର:ଅଙ୍କର କନ୍ୟା ହଜ୍‌ରତ୍ ହଫ୍‌ସା ର:ଅଙ୍କର ଆଁ ହଜ୍‌ରତ୍ ସ:ଆ:ସଙ୍କ ସାଥିରେ ବିବାହ ହେବାର ଯେଉଁ ଚର୍ଚ୍ଚା ରହିଛି ସେଥି ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ହଜ୍‌ରତ୍ ହଫ୍‌ସା ର:ଅଙ୍କର ସ୍ୱାମୀ ବଦର ଯୁଦ୍ଧରେ ସାମିଲ ହୋଇଥିଲେ ଏବଂ ଯୁଦ୍ଧରୁ ପ୍ରତ୍ୟାବର୍ତନ କରିବା ସମୟରେ ବ୍ୟାଧିରେ ଆକ୍ରାନ୍ତ ହୋଇ ଦେହ ତ୍ୟାଗ କଲେ । ପରବର୍ତୀ ସମୟରେ ହଜୁର ସ:ଆ:ସ ହଜ୍‌ରତ୍ ହଫ୍‌ସା ର:ଅଙ୍କ ସାଥିରେ ବିବାହ କରିଥିଲେ । ଏହାର ବ୍ୟାଖ୍ୟା ବୁଖାରୀରେ ଏପରି ଦରଜ ରହିଛି ଯେ, ହଜ୍‌ରତ୍ ଅବ୍‌ଦୁଲ୍ଲ ବିନ୍ ଉମର୍ ର:ଅ କୁହନ୍ତି ମଦିନାରେ ଯେତେବେଳେ ହଜ୍‌ରତ୍ ହଫ୍‌ସା ର:ଅଙ୍କ ସ୍ୱାମୀଙ୍କର ନିଧନ ହେଲା ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅଫ୍‌ଫାନ୍ ର:ଅଙ୍କ ସହ ସାକ୍ଷାତ କଲେ ଏବଂ ତାଙ୍କୁ ନିଜ କନ୍ୟାର ପ୍ରସ୍ତାବ ଦେଲେ ଯଦି ଆପଣ ପସନ୍ଦ କରନ୍ତି ତେବେ ମୁଁ ହଫ୍‌ସାଙ୍କ ବିବାହ ଆପଣଙ୍କ ସହିତ କରିଦେବି । ହଜ୍‌ରତ୍ ଉସ୍‌ମାନ୍ ର:ଅ ଉତର ଦେଲେ ଏହି ମାମଲାରେ ମୁଁ ଟିକିଏ ଚିନ୍ତା କରି କହିବି । ଅତଏବ ହଜ୍‌ରତ୍ ଉମର୍ ର:ଅ ଅନେକ ଦିନ ପର୍ଯ୍ୟନ୍ତ ତାଙ୍କ ଉତରର ଅପେକ୍ଷାରେ ରହିଲେ କିଛି ଦିନ ପରେ ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ ଏହି ଦିନରେ ମୋର ବିବାହ କରିବାକୁ ମନ ଡ଼ାକୁନାହିଁ । ହଜ୍‌ରତ୍ ଉମର୍ ର:ଅ କୁହନ୍ତି ସେଥିଅନ୍ତେ ମୁଁ ହଜ୍‌ରତ୍ ଅବୁବକର ର:ଅଙ୍କ ନିକଟକୁ ଗଲି ଏବଂ ତାଙ୍କୁ କହିଲି ଯଦି ଆପଣ ପସନ୍ଦ କରନ୍ତି ତେବେ ମୁଁ ହଫ୍‌ସାଙ୍କ ବିବାହ ଆପଣଙ୍କ ସହିତ କରିଦେବି । ହଜ୍‌ରତ୍ ଅବୁବକର ର:ଅ ନିରବ ରହିଲେ ଏବଂ ମୋ କଥାର କୌଣସି ଉତର ଦେଲେ ନାହିଁ । ହଜ୍‌ରତ୍ ଉମର୍ ର:ଅ କୁହନ୍ତି ଉସ୍‌ମାନଙ୍କଠାରୁ ଅବବୁକର ର:ଅଙ୍କ ଉପରେ ମୋର ଅଧିକ ଭରସା ଥିଲା କିନ୍ତୁ ସେ ମଧ୍ୟ ମୋ ପ୍ରସ୍ତାବକୁ ସ୍ୱୀକାର କଲେନାହିଁ ସେଥିଅନ୍ତେ ମୁଁ କିଛି ଦିନ ଅଟକି ରହିଲି ତା'ପରେ ହଜୁର ସ:ଆ:ସ ହଫ୍‌ସାଙ୍କୁ ବିବାହ କରିବା ପାଇଁ ନିଜର ପ୍ରସ୍ତାବ ପଠାଇଲେ ସୁତରାଂ ତା'ପରେ ମୁଁ ନିଜ କନ୍ୟାର ବିବାହ ହଜୁର ସ:ଆ:ସଙ୍କ ସହିତ କରିଦେଲି । ବିବାହ ସମ୍ପନ୍ନ ହେବାପରେ ହଜ୍‌ରତ୍ ଅବୁବକର ର:ଅ ମୋ ସହିତ ସାକ୍ଷାତ କଲେ ଏବଂ କହିଲେ, ସମ୍ଭବତଃ ଆପଣଙ୍କ ପ୍ରସ୍ତାବକୁ ମୁଁ ଅସ୍ୱୀକାର କରିବାରୁ ଆପଣ ମୋ ପ୍ରତି

ମନରେ କିଛି ମଳିନତା କିମ୍ବା ଊଣା ଭାବ ପୋଷଣ କରିଛନ୍ତି । ସେ ଉତର ଦେଲେ ହଁ, ମୁଁ ମନରେ କିଛି ଭାବ ପୋଷଣ କରିଥିଲି ଏଥିରେ ସେ କହିଲେ, ଅର୍ଥାତ ହଜ୍‌ରତ୍ ଅବୁବକର ର:ଅ କହିଲେ ଅସଲରେ ମୋ ନିକଟରେ ହଜୁର ସ:ଆ:ସ ନିଜ ପାଇଁ ହଫ୍‌ସାଙ୍କର ଚର୍ଚ୍ଚା କରିଥିଲେ ଯାହାକି ମୋତେ ଜ୍ଞାତ ଥିଲା ମୁଁ ହଜୁର ସ:ଆ:ସଙ୍କର ସେହି କଥାକୁ ପୂର୍ବରୁ ପ୍ରକାଶ କରିବାକୁ ଉଚିତ ମଣିଲି ନାହିଁ ତାହାକୁ ଗୋପନ ରଖିବାକୁ ଜରୁରୀ ମଣିଲି । ଯଦି ହଜୁର ସ:ଆ:ସ ତାଙ୍କୁ ବିବାହ କରିନଥାନ୍ତେ ତେବେ ମୁଁ ନିଶ୍ଚିତ ଏହି ପ୍ରସ୍ତାବକୁ ସ୍ୱୀକାର କରିନେଇଥାନ୍ତି ।

***(ସହି ବୁଖାରୀ, କିତାବୁଲ୍ ମଗାଜି...... ହଦିସ୍ ନଂ-୪୦୦୫)***

ଏହା ଥିଲା ହଜ୍‌ରତ୍ ଅବୁବକର ର:ଅଙ୍କର ଉତର । ଏହି ଘଟଣାର ବ୍ୟାଖ୍ୟା ସିରତ୍ ଖାତ୍‌ମୁନ୍ ନବିୟିନ୍‌ରେ ହଜ୍‌ରତ୍ ମିର୍ଜା ବଶିର ଅହେମଦ୍ ସାହେବ ଏପରି ଉଲ୍ଲେଖ କରିଛନ୍ତି । ହଜ୍‌ରତ୍ ଉମର୍ ର:ଅଙ୍କର ଜଣେ ଗେହ୍ଲି କନ୍ୟା ଥିଲେ ଯାହାଙ୍କ ନାମ ହଜ୍‌ରତ୍ ହଫ୍‌ସା ର:ଅ ଥିଲା ସେ ଖୁନୈସ୍ ବିନ୍ ହୁଜୈଫାଙ୍କର ପତ୍ନୀ ଥିଲେ । ସେ ଜଣେ ନିଷ୍ଠାପର ସାହାବି ଥିଲେ, ବଦର ଯୁଦ୍ଧରେ ସାମିଲ ହେଲେ ଓ ଯୁଦ୍ଧରୁ ପ୍ରତ୍ୟାବର୍ତନ କରିବା ସମୟରେ ବ୍ୟାଧିରେ ଆକ୍ରାନ୍ତ ହୋଇ ଦେହ ତ୍ୟାଗ କଲେ । ତାଙ୍କ ବିୟୋଗର କିଛି କାଳ ପରେ ହଜ୍‌ରତ୍ ଉମର୍ ର:ଅଙ୍କୁ ପୁତ୍ରୀର ଦ୍ୱିତୀୟ ବିବାହକୁ ନେଇ ଚିନ୍ତା ଘାରିଲା । ସେତେବେଳେ ହଫ୍‌ସା ର:ଅଙ୍କ ବୟସ ୨୦ ବର୍ଷରୁ କିଛି ଉର୍ଦ୍ଧ୍ୱ ଥିଲା, ହଜ୍‌ରତ୍ ଉମର୍ ର:ଅ ନିଜ ସରଳ ସ୍ୱଭାବ ଯୋଗୁଁ ସ୍ୱୟମ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସହ ସାକ୍ଷାତ କଲେ ଏବଂ ନିଜ ପୁତ୍ରୀର ପ୍ରସ୍ତାବ ଦେଇ କହିଲେ, ବର୍ତମାନ ସେ ବିଧବା ଯଦି ଆପଣ ପସନ୍ଦ କରନ୍ତି ତେବେ ତାଙ୍କୁ ବିବାହ କରିପାରନ୍ତି କିନ୍ତୁ ହଜ୍‌ରତ୍ ଉସ୍‌ମାନ୍ ର:ଅ କଥାଟାକୁ ଟାଳି ଦେଲେ । ସେଥିଅନ୍ତେ ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ଅବୁବକର ର:ଅଙ୍କ ନିକଟକୁ ଗଲେ ଏବଂ ତାଙ୍କୁ କହିଲେ, ଯଦି ଆପଣ ପସନ୍ଦ କରନ୍ତି ତେବେ ମୁଁ ଆପଣଙ୍କ ସହିତ ହଜ୍‌ରତ୍ ହଫ୍‌ସାଙ୍କର ବିବାହ କରାଇ ଦିଅନ୍ତି । ହଜ୍‌ରତ୍ ଅବୁବକର ର:ଅ ମଧ୍ୟ ନୀରବ ରହିଲେ ଏବଂ କୌଣସି ଉତର ଦେଲେନାହିଁ ଏଥିରେ ହଜ୍‌ରତ୍ ଉମର୍ ର:ଅଙ୍କୁ ବହୁତ ଦୁଃଖ ଲାଗିଲା । ତେଣୁ ସେ ଏହି ଅବସ୍ଥାରେ ହଜୁର ସ:ଆ:ସଙ୍କ ନିକଟରେ ଉପସ୍ଥିତ ହୋଇ ସମସ୍ତ ଘଟଣାର ବୃତାନ୍ତ କଲେ । ଆପଣ ସ:ଆ:ସ ଉତର ଦେଲେ ଉମର୍ ! ଚିନ୍ତା କରିବାର କୌଣସି କାରଣ ନାହିଁ ପ୍ରଭୁ ଯଦି ଇଚ୍ଛା କରନ୍ତି ତା'ହେଲେ ହଫ୍‌ସାଙ୍କୁ ଅବୁବକର ଓ ଉସ୍‌ମାନ୍‌ଠାରୁ ଉତମ ବର ମିଳିଯିବ ଏବଂ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ହଫ୍‌ସାଠାରୁ ଭଲ କନ୍ୟା ମିଳିଯିବ । ଏହା ଆପଣ ଏଥି ସକାଶେ କହିଲେ ଯେ, ଆପଣ ସ:ଆ:ସ ହଫ୍‌ସାଙ୍କ ସହିତ ବିବାହ କରିବା ପାଇଁ ଓ ନିଜ କନ୍ୟା ହଜ୍‌ରତ୍ ଉମ୍ମେ କୁଲ୍‌ସୁମ୍‌ଙ୍କର ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସହିତ ବିବାହ ଦେବାକୁ ମନସ୍ଥ କରିନେଇଥିଲେ ଅର୍ଥାତ ଆପଣ ଏହା ସ୍ଥିର କରିନେଇଥିଲେ ଓ ଏକଥା ହଜ୍‌ରତ୍ ଅବୁବକର ର:ଅ ଓ ହଜ୍‌ରତ୍ ଉମର୍ ର:ଅ ଉଭୟଙ୍କୁ ଜ୍ଞାତ ଥିଲା ସେଥି ସକାଶେ ସେ ଦୁହେଁ ଉମର୍‌ଙ୍କର ପ୍ରସ୍ତାବକୁ ସ୍ୱୀକାର କରିନଥିଲେ । ଉକ୍ତ ଘଟଣାର କିଛି କାଳ ପରେ ହଜୁର ସ:ଆ:ସ ନିଜ କନ୍ୟା ହଜ୍‌ରତ୍ ଉମ୍ମେ କୁଲ୍‌ସୁମ୍‌ଙ୍କର ବିବାହ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସହିତ କରିଦେଲେ ଏବଂ ତା'ପରେ ନିଜେ ସ୍ୱୟମ ହଫ୍‌ସାଙ୍କ ପାଇଁ ଉମର୍‌ଙ୍କ ନିକଟକୁ ପ୍ରସ୍ତାବ ପ୍ରେରଣ କଲେ । ହଜ୍‌ରତ୍ ଉମର୍ ର:ଅଙ୍କୁ ଏହାଠାରୁ ଭଳି ଭଲ ପ୍ରସ୍ତାବ ଆଉ କେଉଁଠାରୁ ବା ମିଳିଥାନ୍ତା ତେଣୁ ସେ ଅତି ଆନନ୍ଦ ସହକାରେ ଏହି ପ୍ରସ୍ତାବକୁ ସ୍ୱୀକାର କରିନେଲେ । ଅତଏବ ଶାବାନ୍ ମାସ ତିନି ହିଜ୍‌ରୀରେ ହଜୁର ସ:ଆ:ସଙ୍କର ବିବାହ ହଜ୍‌ରତ୍ ହଫ୍‌ସା ର:ଅଙ୍କ ସହିତ ସମ୍ପନ୍ନ ହୋଇଥିଲା । ବିବାହ ସମ୍ପନ୍ନ ହେବାପରେ ହଜ୍‌ରତ୍ ଅବୁବକର ର:ଅ ହଜ୍‌ରତ୍ ଉମର୍ ର:ଅଙ୍କୁ କହିଲେ, ସମ୍ଭବତଃ ମୁଁ ଆପଣଙ୍କ ପ୍ରସ୍ତାବକୁ ଅସ୍ୱୀକାର କରିବାରୁ ଆପଣ ମୋ ପ୍ରତି ମନଊଣା କରିଥିବେ କିନ୍ତୁ ଅସଲରେ ମୋ ନିକଟରେ ହଜୁର ସ:ଆ:ସ ନିଜ ପାଇଁ ହଫ୍‌ସାଙ୍କର ଚର୍ଚ୍ଚା କରିଥିଲେ ଯାହାକି ମତେ ଜ୍ଞାତ ଥିଲା କିନ୍ତୁ ଆପଣଙ୍କ ବିନା ଅନୁମତିରେ ଏହି ଗୋପନତାର ପ୍ରକାଶ କରିବାକୁ ମୁଁ ପ୍ରଜୁଯ୍ୟ ମଣିଲିନାହିଁ ହଁ ଯଦି ହଜୁର ସ:ଆ:ସ ଏହା ସ୍ଥିର କରିନଥାନ୍ତେ ତେବେ ମୁଁ ଅତି ଆନନ୍ଦରେ ଏହି ପ୍ରସ୍ତାବକୁ ସ୍ୱୀକାର କରିନେଇଥାନ୍ତି ।

ହଫ୍‌ସାଙ୍କ ବିବାହରେ ଏହି ବିଶେଷତା ଥିଲା ଯେ, ସେ ପ୍ରଥମତଃ ହଜ୍‌ରତ୍ ଉମର୍ ର:ଅଙ୍କ ସୁପୁତ୍ରୀ ଥିଲେ, ଯିଏ ହଜ୍‌ରତ୍ ଅବୁବକର ର:ଅଙ୍କ ଅନ୍ତେ ସମସ୍ତ ସାହାବାଙ୍କ ମଧ୍ୟରେ ଶ୍ରେୟସ୍କର ମଣାଯାଉଥିଲେ ଏବଂ ହଜୁର ସ:ଆ:ସଙ୍କର ନିକଟବର୍ତୀ ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ସୁତରାଂ ପାରସ୍ପରିକ ସମ୍ପର୍କକୁ ଘନିଷ୍ଠ କରିବା ତଥା ଖୁନୈସ୍ ବିନ୍ ହୁଜୈଫାଙ୍କ ଅକାଳ ବିୟୋଗରେ ହଫ୍‌ସାଙ୍କୁ ଯେଉଁ ଧକ୍କା ଲାଗିଥିଲା ତାହାର ନିବାରଣ କରିବା ପାଇଁ ହଜୁର ସ:ଆ:ସ ଏହା ଉଚିତ ମଣିଲେ ଯେ, ସେ ସ୍ୱୟମ ହଫସାଙ୍କୁ ବିବାହ କରିନେବେ ଏବଂ ଦ୍ୱିତୀୟରେ ଏକଥା ଚିନ୍ତା କରାଯାଇଥିଲା ଯେ ରସୁଲେ୍ କରିମ୍ ସ:ଆ:ସଙ୍କର ଯେତେ ଅଧିକା ହେବେ ସେତେମାତ୍ରାରେ ମହିଳାଙ୍କର ଯେଉଁମାନେ ମନୁଷ୍ୟ ଜାତିର ଅଧା ଅଂଶ ଅଟନ୍ତି, ସେମାନଙ୍କର ତବ୍‌ଲିଗ୍ କାର୍ଯ୍ୟ ଏବଂ ପ୍ରଶିକ୍ଷଣ କାର୍ଯ୍ୟ ସେତେ ଅଧିକ ମାତ୍ରାରେ ବ୍ୟାପକ ରୂପେ, ଅଧିକ ସହଜରେ ଓ ସୁନ୍ଦର ଭାବରେ ହୋଇପାରିବ ।"

***(ସିରତ୍ ଖାତମୁନ୍ ନବିୟିନ୍, ପୃ-୪୭୭-୪୭୮)***

ଓ୍ୱହଦ ଯୁଦ୍ଧରେ ହଜ୍‌ରତ୍ ଉମର୍ ର:ଅଙ୍କ ପ୍ରସଙ୍ଗରେ ଉଲ୍ଲେଖ ରହିଛି ଯେ, ଓ୍ୱହଦ୍ ଯୁଦ୍ଧରେ ଯେତେବେଳେ ଖାଲିଦ୍ ବିନ୍ ଓ୍ୱଲିଦ୍ ହଠାତ୍ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିଦେଲା ସେତେବେଳେ ମୁସଲମାନମାନେ ତାହାକୁ ସହ୍ୟ କରିପାରିଲେ ନାହିଁ । ଏହାର ବ୍ୟାଖ୍ୟା ହଜ୍‌ରତ୍ ମିର୍ଜା ବଶିର ଅହେମଦ ଏପରି ଉଲ୍ଲେଖ କରିଛନ୍ତି କୁରୈଶ୍‌ର ସେନା ଚର୍ତୁପାର୍ଶ୍ୱରୁ ଘେରି ରହିଥିଲା ଏବଂ କ୍ରମାଗତ ଭାବରେ ତୁହାକୁ ତୁହା ଆକ୍ରମଣ କରି ମୁସଲମାନମାନଙ୍କୁ ପ୍ରତ୍ୟେକ ଦିଗରୁ ଚାପ ପକାଇ ଚାଲିଥିଲା ଏହା ସତ୍ୱେ ମଧ୍ୟ ମୁସଲମାନମାନେ କିଛି ସମୟ ପର୍ଯ୍ୟନ୍ତ ନିଜ ପାଦକୁ ସୁଦୃଢ଼ ରଖିପାରିଥାନ୍ତେ କିନ୍ତୁ କୁରୈଶ୍‌ର ଜଣେ ବୀର ସିପାହୀ ଅବ୍‌ଦୁଲ୍ଲାଃ ବିନ୍ କମିଆ ମୁସଲମାନମାନଙ୍କ ଧ୍ୱଜାଧାରୀ ମୁସଅବ୍ ବିନ୍ ଉମୈର୍‌ଙ୍କ ଉପରେ ଆକ୍ରମଣ କରିଦେଲା ଏବଂ ନିଜ ତରବାରୀ ସାହାଯ୍ୟରେ ପ୍ରହାର କରି ତାଙ୍କ ଦକ୍ଷିଣ ହସ୍ତ କାଟିଦେଲା । ମୁସ୍‌ଅବ୍ ନିଜ ଦ୍ୱିତୀୟ ହସ୍ତରେ ଇସ୍‌ଲାମୀୟ ଧ୍ୱଜାକୁ ଧାରଣ କରିନେଲେ । ଏଥିରେ ପୁଣି ସେ ଦ୍ୱିତୀୟ ହସ୍ତ ଉପରେ ମଧ୍ୟ ପ୍ରହାର କଲା ଏବଂ ତାକୁ କାଟିଦେଲା ଏଥିରେ ମୁସ୍‌ଅବ୍ ର:ଅ ନିଜ ଦୁଇ କଟିଯାଇଥିବା ବାହୁକୁ ଯୋଡ଼ି ଇସ୍‌ଲାମ୍‌ର ଧ୍ୱଜାକୁ ସମ୍ଭାଳି ନେଲେ ଏବଂ ନିଜ ଛାତିରେ ଜାବୁଡ଼ି ରଖିଲେ ଏତିକି ବେଳେ ଇବ୍‌ନେ କିମିଆ ତାଙ୍କ ଉପରେ ତୃତୀୟ ପ୍ରହାର କଲା ଓ ଏଥର ମୁସଅବ୍ ଶହୀଦ ହୋଇଗଲେ । ଯଦିଚ ଧ୍ୱଜା ଅନ୍ୟ କେହି ସାହାବି ସଙ୍ଗେ ସଙ୍ଗେ ଦଉଡ଼ି ଯାଇ ଥାମି ନେଲେ କିନ୍ତୁ ଯେହେତୁ ମୁସ୍‌ଅବ୍‌ଙ୍କ ଶାରିରୀକ ଗଠନ ଓ ଚେହେରା ହଜୁର ସ:ଆ:ସଙ୍କ ସହ ସାମଞ୍ଜସ୍ୟ ରଖୁଥିଲା ତେଣୁ ସେ ଏହା ଭାବିଲା ଯେ ବୋଧ ହୁଏ ସେ ହଜୁର ସ:ଆ:ସଙ୍କୁ ହିଁ ହତ୍ୟା କରିଦେଇଛି ଅବା ଏହା ମଧ୍ୟ ସମ୍ଭବ ଯେ ସେମାନଙ୍କ ପଟୁ ଏହି ଖବର ପ୍ରଘଟ କରିବାର ଷଡ଼ଯନ୍ତ୍ର ହୋଇଥିବ ଯେ, ଛଳନା କରି ଏକଥାକୁ ପ୍ରଘଟ କରିଦିଆଯାଉ । ସେ ଯାହା ହେଉ ମୁସ୍‌ଅବ୍ ଯେତେବେଳେ ତଳେ ପଡ଼ି ବୀରଗତି ପ୍ରାପ୍ତ କଲେ ସେତେବେଳେ ଆକ୍ରମଣକାରୀ ଜଣକ ଚିତ୍କାର କରିବା ଆରମ୍ଭ କଲା ଯେ, ମୁଁ ମହମ୍ମଦ ସ:ଆ:ସଙ୍କୁ ଶହୀଦ କରିଦେଇଛି ଏହି ଖବର ଶୁଣି ମୁସଲମାନମାନଙ୍କ ବାକି ରହିଯାଇଥିବା ମନବଳ ଭୁଷୁଡ଼ି ପଡ଼ିଲା ଏବଂ ସେମାନଙ୍କ ଏକତା କ୍ଷୁର୍ଣ୍ଣ ହୋଇଗଲା । ଅନେକ ସାହାବି ଯୁଦ୍ଧ କ୍ଷେତ୍ର ଛାଡ଼ି ପଳାୟନ କଲେ । ସେତେବେଳେ ମୁସଲମାନମାନେ ତିନିଭାଗରେ ବିଭକ୍ତ ହୋଇଯାଇଥିଲେ । ଗୋଟିଏ ଗୋଷ୍ଠୀ ହଜୁର ସ:ଆ:ସଙ୍କ ଶହୀଦ ହେବା ଖବର ଶୁଣି ଯୁଦ୍ଧ କ୍ଷେତ୍ର ଛାଡ଼ି ପଳାୟନ କଲା କିନ୍ତୁ ଏହି ଦଳର ସଂଖ୍ୟା ଖୁବ୍ କମ୍ ଥିଲା ଯେପରି କି ପବିତ୍ର କୁର୍‌ଆନ୍‌ରେ ଆସୁଛି ଯେ, ସେତେବେଳର ବିଶେଷ ପରିସ୍ଥିତି ଓ ମୁସଲମାନମାନଙ୍କ ହୃଦୟର ଅବସ୍ଥା, ବିଶ୍ୱାସ ଓ ନିଷ୍ଠାକୁ ଧ୍ୟାନରେ ରଖି ଐଶ୍ୱର୍ଯ୍ୟମୟ ପ୍ରଭୁ ସେମାନଙ୍କୁ କ୍ଷମା ଦେଇଥିଲେ । ଦ୍ୱିତୀୟ ଦଳ ଯେ କି ପଳାୟନ ତ କରିନଥିଲେ କିନ୍ତୁ ହଜୁର ସ:ଆ:ସଙ୍କ ଶହୀଦ ହେବା ଖବର ଶୁଣି ଧରାଶାୟୀ ହୋଇଗଲେ ଓ ନିଜର ସାହାସ ହରାଇ ଯୁଦ୍ଧ କ୍ଷେତ୍ରରୁ ଅଲଗା ହୋଇ ଗୋଟିଏ ସ୍ଥଳେ ବସି ପଡ଼ିଥିଲେ ଏବଂ ନିଷ୍ପତି କରିନେଇଥିଲେ ଯେ ବର୍ତମାନ ଆଉ ସଂଘର୍ଷ କରିବା ମୂଲ୍ୟହୀନ । ତୃତୀୟ ଦଳଟି ଅମାନ୍ୟକାରୀଙ୍କ ସହିତ ବରାବର ମୁକାବିଲା କରିଚାଲିଥିଲା । ସେମାନଙ୍କ ମଧ୍ୟରୁ କିଛି ହଜୁର ସ:ଆ:ସଙ୍କୁ ଘେରି ରହିଥିଲେ ଓ ଅଦମ୍ୟ ସାହାସ ପ୍ରଦର୍ଶନ କରିଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଯୁଦ୍ଧ କ୍ଷେତ୍ରରେ ଛିନ୍ନଛତ୍ର ହୋଇ ଲଢ଼ି ଚାଲିଥିଲେ । ସେମାନଙ୍କୁ ଅର୍ଥାତ ଦ୍ୱିତୀୟ ଦଳକୁ ଯେତେବେଳ ଜଣାପଡ଼ଇଲା ଯେ ଆଁ ହଜ୍‌ରତ୍ ସ:ଆ:ସ ସୁରକ୍ଷିତ ଓ ଜୀବିତ ଅଛନ୍ତି, ସେତେବେଳେ ସେମାନେ ହଜୁର ସ:ଆ:ସଙ୍କର ସୁରକ୍ଷିତ ଥିବା ଦେଖି ପାଗଳ ପରି ଅତି ତିବ୍ରତାର ସହିତ ମହାଭାଗ ସ:ଆ:ସଙ୍କ ଚାରିପାଖରେ ଏକାଠି ହୋଇଗଲେ ।

ସେ ଯାହା ହେଉ ସେତେବେଳେ ଅତି ଭୟଙ୍କର ଓ ଘମାସାନ ଲଢ଼େଇ ଚାଲିଥିଲା । ମୁସଲମାନମାନଙ୍କ ପାଇଁ ତାହା ଏକ ବିରାଟ ପରୀକ୍ଷାର ସମୟ ଥିଲା ଯେପରି କି ଚର୍ଚ୍ଚା କରି ଆସିଲି ଯେ, ହଜୁର ସ:ଆ:ସଙ୍କ ଶହୀଦ ହେବା ଖବର ଶୁଣି ମୁସଲମାନମାନଙ୍କ ବାକି ରହିଯାଇଥିବା ମନବଳ ଭୁଷୁଡ଼ି ପଡ଼ିଥିଲା ଏବଂ ସେମାନଙ୍କ ମଧ୍ୟରୁ ଅନେକ ସାହାବି ଯୁଦ୍ଧକ୍ଷେତ୍ର ଛାଡ଼ି ପଳାୟନ କରିଥିଲେ । କିଛି ସାହାବି ନିଜ ଅସ୍ତ୍ର ଫିଙ୍ଗି ଯୁଦ୍ଧ କ୍ଷେତ୍ରରୁ ଅଲଗା ହୋଇ ଗୋଟିଏ ସ୍ଥଳେ ବସିପଡ଼ିଥିଲେ । ସେମାନଙ୍କ ମଧ୍ୟରେ ହଜ୍‌ରତ୍ ଉମର୍ ର:ଅ ମଧ୍ୟ ସାମିଲ ଥିଲେ ଯିଏ ହତୋତ୍ସାହିତ ହୋଇ ଗୋଟିଏ ସ୍ଥଳେ ଯାଇ ବସିପଡ଼ିଥିଲେ । ଠିକ୍ ଏତିକି ବେଳେ ସେମାନଙ୍କ ନିକଟକୁ ହଜ୍‌ରତ୍ ଅନସ୍ ବିନ୍ ନଜର୍ ଅନ୍‌ସାରୀ ନାମକ ଜଣେ ସାହାବି ଆସି କହିଲେ, ତୁମେ ଏଠାରେ ବସି କଣ କରୁଛ ? ସେମାନେ ଉତର ଦେଲେ ହଜୁର ସ:ଆ:ସ ତ ଶହୀଦ ହୋଇଗଲେ ଏବେ ଆଉ କାହା ପାଇଁ ଲଢ଼ିବା ? ଶତ୍ରୁର ମୁକାବିଲା କାହିଁକି କରିବା ? ଅନସ୍ କହିଲେ, ଏହା ହିଁ ମୁକାବିଲାର ଉପଯୁକ୍ତ ସମୟ ଯଦ୍ୱାରା ଆମେ ହଜୁର ସ:ଆ:ସଙ୍କ ପରି ଶାହାଦତ୍ ପ୍ରାପ୍ତ କରିନେବା ତା'ପରେ ସେଠାକୁ ସାଆଦ୍ ବିନ୍ ମାଆଜ୍ ଆସିଲେ ଅନସ୍ ତାଙ୍କୁ କହିଲେ, ହେ ସାଆଦ୍ ମତେ ପାହାଡ଼ ଦିଗରୁ ବୈକୁଣ୍ଠର ସୁଗନ୍ଧ ଆସୁଅଛି ଏହା କହି ଅନସ୍ ଶତ୍ରୁ ଉପରକୁ ଲମ୍ଫ ମାରିଲେ ଏବଂ ସେମାନଙ୍କ ମଧ୍ୟରେ ପ୍ରବେଶ କରିଗଲେ ଏପରି ଲଢ଼ି ଲଢ଼ି ସେ ଶହୀଦ ହୋଇଗଲେ । ଯୁଦ୍ଧ ସମାପ୍ତ ହେବାପରେ ଦେଖାଗଲା ତାଙ୍କ ଶରୀରରେ ଅଶିରୁ ଉର୍ଦ୍ଧ୍ୱ ଆଘାତ ଲାଗିଥିଲା ଏବଂ ତାଙ୍କୁ ଚିହ୍ନିବା କଷ୍ଟସାଧ୍ୟ ଥିଲା । ଶେଷରେ ଅନସ୍ ର:ଅଙ୍କ ଭଗିନୀ ତାଙ୍କ ଆଙ୍ଗୁଳି ଦେଖି ତାଙ୍କୁ ଚିହ୍ନିଲେ ।

***(ସିରତ୍ ଖାତମୁନ୍ ନବିୟିନ୍, ପୃ-୪୯୩-୪୯୫)***

ହଜୁର ସ:ଆ:ସ ଅହଦ୍ ଯୁଦ୍ଧ ସମୟରେ ନିଜର କିଛି ସାହାବାଙ୍କ ସହିତ ପାହାଡ଼ ଉପରେ ପହଂଚିଥିଲେ ଯେ, ଅମାନ୍ୟକାରୀଙ୍କ ଏକ ଦଳ ଘାଟି ଉପରେ ମଧ୍ୟ ଆକ୍ରମଣ କରିଦେଲା । ସେମାନଙ୍କ ମଧ୍ୟରେ ଖାଲିଦ୍ ବିନ୍ ଓ୍ୱଲିଦ୍ ମଧ୍ୟ ଥିଲେ ସେତେବେଳେ ହଜୁର ସ:ଆ:ସ ଦୁଆ କଲେ, **ଅଲ୍ଲାହୁମ୍ମା ଇନ୍ନଲୁ ଲା ୟମ୍‌ବଗି ଲହୁମ୍ ଅଇଁ ୟାଲୁନା** ଅର୍ଥାତ ହେ ଅଲ୍ଲାଃ ! ଏମାନେ ଆମ ନିକଟରେ ଯେପରି ନ ପହଂଚନ୍ତୁ ଏଥିରେ ହଜ୍‌ରତ୍ ଉମର୍ ର:ଅ କିଛି ସାହାବାଙ୍କ ସହିତ ମିଶି ସେହି ଅମାନ୍ୟକାରୀଙ୍କ ଉପରେ ଆକ୍ରମଣ କରିବା ଆରମ୍ଭ କରିଦେଲେ ଏବଂ ସେମାନଙ୍କୁ ମାରି ମାରି ଘଉଡ଼ାଇ ଦେଲେ ।

*(ସିରତ୍ ଇବ୍‌ନେ ହୁଶାମ୍ ପୃ-୫୩୭...... ବେରୁତ ଲେବ୍‌ନାନ୍ ୨୦୦୧)*

ହଜ୍‌ରତ୍ ମିର୍ଜା ବଶିର ଅହେମଦ ସାହେବ ଏହି ପରିପ୍ରେକ୍ଷୀରେ ଉଲ୍ଲେଖ କରିଛନ୍ତି: ହଜ୍‌ରତ୍ ଅବୁ ସୁଫିୟାନ୍ ନିଜର କିଛି ସାଥିଙ୍କୁ ନେଇ ସେହି ଚଟାଣ ଉପରକୁ ଚଢ଼ିଲା ଯେଉଁ ସ୍ଥଳେ ମୁସଲମାନମାନେ ଏକତ୍ରିତ ଥିଲେ ଏବଂ ସେମାନଙ୍କ ନିକଟରେ ଛିଡ଼ା ହୋଇ ଚିତ୍କାର କରି କହିଲା କଣ ତୁମ ମଧ୍ୟରେ ମୁହମ୍ମଦ ଜୀବିତ ଅଛନ୍ତି ? ହଜୁର ସ:ଆ:ସ ନିଜ ସାହାବାମାନଙ୍କୁ କହିଲେ, ତୁମେମାନେ ନୀରବ ରୁହ ତାହାର କୌଣସି ଉତର ଦିଅନାହିଁ । ପୁନଶ୍ଚ ଅବୁ ସୁଫିୟାନ୍ ପଚାରିଲା କଣ ତୁମମାନଙ୍କ ମଧ୍ୟରେ ଅବୁବକର ଓ ହଜ୍‌ରତ୍ ଉମର୍ ର:ଅ ଜୀବିତ ଅଛନ୍ତି ? ଏହି କଥାକୁ ଶୁଣି ହଜୁର ସ:ଆ:ସ ସାହାବାମାନଙ୍କୁ ନିର୍ଦ୍ଦେଶ ଦେଲେ ଯେ, କୌଣସି ଉତର ଦିଅନାହିଁ ଫଳତଃ ଅବୁ ସୁଫିୟାନ୍ ଉଚ୍ଚ ସ୍ୱରରେ ଓ ଅହଙ୍କାରୀ ଢ଼ଙ୍ଗିରେ କହିଲା, ଏହି ସମସ୍ତ ଲୋକ ନୀହତ ହୋଇଯାଇଛନ୍ତି କାରଣ ଯଦି ଏମାନେ ଜୀବିତ ଥାନ୍ତେ ତାହେଲେ ଅବଶ୍ୟ ଉତର ଦେଇଥାନ୍ତେ । ହଜ୍‌ରତ୍ ଉମର୍ ର:ଅ ସେତେବେଳେ ଧୈର୍ଯ୍ୟ ହରା ହୋଇ କହିଉଠିଲେ, ଅର୍ଥାତ ସହସା କହିଉଠିଲେ ହେ ଅଲ୍ଲାଃଙ୍କ ଶତୃ ! ତୁମେ ମିଥ୍ୟା କହୁଅଛ । ଆମେ ସମସ୍ତେ ଜୀବିତ ଅଛୁ ଓ ପ୍ରଭୁ ଆମରି ହସ୍ତ ଦ୍ୱାରା ତୁମକୁ ତିରସ୍କୃତ କରିବେ । ଅବୁ ସୁଫିୟାନ୍ ହଜ୍‌ରତ୍ ଉମର୍ ର:ଅଙ୍କ ସ୍ୱରକୁ ଚିହ୍ନି କହିଲା, ହେ ଉମର୍ ! ସତ କୁହ କଣ ତୁମମାନଙ୍କ ମଧ୍ୟରେ ମୁହମ୍ମଦ ଜୀବିତ ଅଛନ୍ତି ? ହଜ୍‌ରତ୍ ଉମର୍ ର:ଅ କହିଲେ, ହଁ ହଁ ଈଶ୍ୱରଙ୍କ ଦୟାରୁ ସେ ଜୀବିତ ଅଛନ୍ତି ଓ ତୁମର ଏହି କଥା ଶୁଣୁଛନ୍ତି ଫଳତଃ ଅବୁ ସୁଫିୟାନ୍ ଧିର ସ୍ୱରରେ କହିଲା ତାହେଲେ ଇବ୍‌ନେ କିମିୟା ମିଛ କହିଛି କାରଣ ମୁଁ ତା ଅପେକ୍ଷା ତୁମକୁ ଅଧିକ ସତ୍ୟବାଦୀ ମନେକରୁଅଛି ବା ଜାଣିଛି । ଏହାପରେ ଅବୁ ସୁଫିୟାନ୍ ଉଚ୍ଚ ସ୍ୱରରେ ଡ଼ାକ ମାରି କହିଲା ଉଲୁଲ୍ ହୁବୁଲ୍ ଅର୍ଥାତ ହେ ହୁବୁଲ୍ ଠାକୁର ତୁମର ମର୍ଯ୍ୟାଦା ତଥା ଗାରିମା ଉଚ୍ଚ ହେଉ । ସାହାବାମାନେ ହଜୁର ସ:ଆ:ସଙ୍କ କଥା ଅନୁଯାୟୀ ନୀରବ ଥିଲେ କାରଣ ଏହା ପୂର୍ବରୁ ହଜୁର ସ:ଆ:ସ ନୀରବ ରହିବାକୁ କହିଥିଲେ କିନ୍ତୁ ଅବୁ ସୁଫିୟାନ୍‌ର ଏପରି କଥା ଶୁଣି ହଜୁର ସ:ଆ:ସ ସାହାବାଙ୍କୁ କହିଲେ, ବର୍ତମାନ ତୁମେମାନେ ଉତର କାହିଁ ଦେଉନାହଁ ? ଅବୁ ସୁଫିୟାନ କଥାର ଉତର ଦିଅ । ସାହାବମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତାବହ ! ଆମେ କି ଉତର ଦେବୁ ? ହଜୁର ସ:ଆ:ସ କହିଲେ, ତୁମେ **ଅଲ୍ଲାହୁ ଆଲା ଓ ଅଜଲ୍ କୁହ ।** ଅର୍ଥାତ ଶ୍ରେଷ୍ଠତା ଓ ସମ୍ମାନତା କେବଳ ଅଲ୍ଲାଃ ତାଲାଙ୍କର । ଅବୁ ସୁଫିୟାନ କହିଲା **ଲନା ଅଲ୍‌ଉଜ୍ଜା ୱ୍ଲା ଉଜ୍ଜା ଲକୁମ୍** ଅର୍ଥାତ ଆମ ସହିତ ଉଜ୍ଜା ଠାକୁର ଅଛନ୍ତି ଓ ତୁମ ସହିତ ଉଜ୍ଜା ଠାକୁର ନାହାନ୍ତି । ହଜୁର ସ:ଆ:ସ ନିଜ ସାହାବାଙ୍କୁ କହିଲେ, ତୁମେ ତାହାର ଏହି କଥାର ଉତର ଦିଅ ଯେ, **ଅଲ୍ଲାଃହୁ ମୌଲାନା ୱ୍ଲା ମୌଲା ଲକୁମ୍** ଅର୍ଥାତ ଉଜ୍ଜାର କ'ଣ ସତା ରହିଛି ? ଆମମାନଙ୍କ ସହିତ ଆମର ଐଶ୍ୱର୍ଯ୍ୟମୟ ପ୍ରଭୁ ଅଲ୍ଲାଃ ରହିଛନ୍ତି ଯାହାକି ତୁମ ସାଥିରେ ନାହାନ୍ତି । ଏଥିରେ ଅବୁ ସୁଫିୟାନ୍ କହିଲା ଯେ, ଯୁଦ୍ଧ ହେଉଛି ଏକ ଢ଼ୋଲ୍ ସଦୃଶ ଅର୍ଥାତ କୂପରୁ ପାଣି କାଢ଼ିବା ପାଇଁ ବ୍ୟବହୃତ ପାତ୍ର ସଦୃଶ ଯାହା କେତେବେଳେ ଉର୍ଦ୍ଧଗାମୀ ହୋଇଥାଏ ଓ କେତେବେଳେ ନିମ୍ନଗାମୀ ହୋଇଥାଏ । ତେଣୁ ଏହି ଦିନଟି ବଦର ଯୁଦ୍ଧର ପ୍ରତିଶୋଧ ବୋଲି ଧରି ନିଅ ଏବଂ ତୁମେ ଯୁଦ୍ଧ ଭୁମିରେ ଏପରି ଶବଗୁଡ଼ିକୁ ଅବଲୋକନ କରିବ ଯେଉଁ ଶବମାନଙ୍କ ସହିତ ମୁସ୍‌ଲା ଅର୍ଥାତ ଶରୀର ଭିନ୍ନ ଭିନ୍ନ ଅଙ୍ଗକୁ ଛେଦନ କରିବାର ବର୍ବରତା କରାଯାଇଛି । ମୁଁ ଏପରି କରିବାକୁ ନିଜ ସୈନ୍ୟକୁ ଆଦେଶ ଦେଇନଥିଲି କିନ୍ତୁ ଯେତେବେଳେ ମୁଁ ଜାଣିବାକୁ ପାଇଲି ଯେ, ସେମାନେ ଏପରି କରିବସିଛନ୍ତି ସେତେବେଳେ ମତେ ସେଥିପାଇଁ ତିଳେମାତ୍ର ପଶ୍ଚାତାପ ହେଲାନାହିଁ । କିନ୍ତୁ ମୋର ଏହି ପ୍ରତିଶୃତି ରହିଲା ଯେ, ଆମ ଓ ତୁମ ମଧ୍ୟରେ ଆସନ୍ତା ବର୍ଷ ଏହି ଦିନ ଏହି ମାସରେ ବଦର ସ୍ଥାନରେ ପୁନଶ୍ଚ ଦେଖା ହେବ । ପ୍ରତିଉତରରେ ଜଣେ ସାହାବି ହଜୁର ସ:ଆ:ସଙ୍କ ନିର୍ଦ୍ଦେଶ କ୍ରମେ ଉତର ଦେଲେ ଠିକ୍ ଅଛି ଏହି ପ୍ରତିଜ୍ଞା ରହିଲା । ସେ ଯାହା ହେଉ ନା କାହିଁକି ଅବୁ ସୁଫିୟାନ ଏହି କଥା କହି ନିଜ ସାଥିମାନଙ୍କୁ ଧରି ତଳକୁ ଓହ୍ଲାଇ ଗଲା ଏବଂ ପୂନଶ୍ଚ କୁରୈଶ୍‌ର ସୈନ୍ୟଦଳ ମକ୍କା ଅଭିମୁଖେ ବାହାରି ପଡ଼ିଲେ ।

*(ସିରତ୍ ଖାତମୁନ୍ ନବିୟିନ୍, ପୃ-୪୯୮-୪୯୯)*

ହଜୁର ସ:ଆ:ସ ୱ୍ହଦ୍ ଯୁଦ୍ଧ ପରେ ମଦିନାରେ ଯେତେବେଳେ ପହଂଚିଲେ ସେତେବେଳେ ମୁନାଫିକ୍ ଅର୍ଥାତ କପଟବିଶ୍ୱାସୀ ଓ ଇହୁଦୀମାନେ ଆନନ୍ଦ ଉଲ୍ଲାସିତ ହୋଇ ଉଠିଲେ ଏବଂ ମୁସଲମାନମାନଙ୍କ ସହ ଥଟ୍ଟା ପରିହାସ ଓ ନିନ୍ଦା କରିବା ଆରମ୍ଭ କଲେ, ସେମାନେ କହିବାକୁ ଲାଗିଲେ ଯେ ମୁହମ୍ମଦ ସ:ଆ:ସ ରାଜା ହେବାକୁ ଚାହୁଁଚନ୍ତି । ଆଜି ପର୍ଯ୍ୟନ୍ତ କୌଣସି ନବୀ ଏତେ କ୍ଷତି ସହି ନାହାନ୍ତି ଯେତେ କ୍ଷତି ସେ ଉଠାଇଛନ୍ତି । ସେ ସ୍ୱୟମ ଆହତ ହୋଇଛନ୍ତି ତାଙ୍କର ସାହାବାମାନେ ମଧ୍ୟ ଆହତ ହୋଇଛନ୍ତି । ସେହି କପଟ ବିଶ୍ୱାସୀମାନେ କହୁଥିଲେ ଯଦି ତୁମର ସେହି ଲୋକମାନେ, ଯେଉଁମାନେ ନୀହତ ହୋଇଛନ୍ତି, ସେମାନେ ଯଦି ଆମ ସହିତ ରହିଥାନ୍ତେ ତାହେଲେ କେବେ ବି ନୀହତ ହୋଇନଥାନ୍ତେ । ହଜ୍‌ରତ୍ ଉମର୍ ର:ଅ ହଜୁର ସ:ଆ:ସଙ୍କଠାରୁ ସେହି କପଟ ବିଶ୍ୱାସୀମାନଙ୍କୁ ହତ୍ୟା କରିବାପାଇଁ ଅନୁମତି ଲୋଡ଼ିଲେ । ହଜୁର ସ:ଆ:ସ କହିଲେ, ଏମାନେ ଏ ସାକ୍ଷ୍ୟ ଦେଉଛନ୍ତି ଯେ, ଅଲ୍ଲାଃ ତାଲାଙ୍କ ବ୍ୟତିତ ଅନ୍ୟ କେହି ଉପାସ୍ୟ ଯୋଗ୍ୟ ନାହାନ୍ତି ଏବଂ ମୁଁ ଅଲ୍ଲାଃଙ୍କ ବାର୍ତାବହ । ଏହି ଲୋକମାନେ ତ କଲ୍‌ମା ପଢୁଛନ୍ତି । ଉତରରେ ହଜ୍‌ରତ୍ ଉମର୍ ର:ଅ କହିଲେ, ଅବଶ୍ୟ ଏମାନେ କଲ୍‌ମାର ସାକ୍ଷ୍ୟ ଦେଉଛନ୍ତି କିନ୍ତୁ ହଜ୍‌ରତ୍ ଉମର୍ ର:ଅ କହିଲେ, ଏହା ସେମାନେ ଏଥିପାଇଁ କହୁଛନ୍ତି ଯେ, ସେମାନେ ତରବାରୀକୁ ଭୟ କରୁଛନ୍ତି ଅର୍ଥାତ ତରବାରୀ ଭୟରେ ସେମାନେ କଲ୍‌ମା କହୁଛନ୍ତି । ଅତଏବ ଏମାନଙ୍କ ଉଦ୍ଦେଶ୍ୟ ପ୍ରକାଶିତ ହୋଇଯାଇଛି ବର୍ତମାନ ସେମାନଙ୍କ ହୃଦୟରେ ଥିବା କଥାଟି ବାହାରି ଯାଇଛି ଏବଂ ଅଲ୍ଲାଃ ତାଲା ସେମାନଙ୍କ ବିଦ୍ୱେଷକୁ ପ୍ରକାଶ କରିଦେଇଛନ୍ତି । ସୁତରାଂ ସେମାନଙ୍କଠାରୁ ପ୍ରତିଶୋଧ ନେବା ଉଚିତ ଏବଂ ସେମାନଙ୍କୁ ଦଣ୍ଡ ଦେବା ଉଚିତ । ହଜୁର ସ:ଆ:ସ କହିଲେ, ମତେ ଏପରି କରିବାକୁ ଅର୍ଥାତ କପଟ ବିଶ୍ୱାସୀଙ୍କୁ ବଦ୍ଧ କରିବାକୁ ବାରଣ କରାଯାଇଛି । *(ସିରତୁଲ୍ ହଲ୍‌ବିୟା...... ଖଣ୍ଡ-୨, ପୃ-୩୪୮.... ଲେବ୍‌ନାନ୍ ୨୦୦୨)* ହଜ୍‌ରତ୍ ଉମର୍ ର:ଅଙ୍କ ସର୍ମ୍ପକୀତ ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ତାଲା ଆଗାମି ଖୁତ୍‌ବାରେ ଆଲୋଚନା କରିବି ।

ଏଠାରେ କେତେକ ମୃତକମାନଙ୍କର ଚର୍ଚ୍ଚା କରିବାକୁ ଚାହୁଁଛି କିନ୍ତୁ ଏହା ପୂର୍ବରୁ ମୁଁ ଦୁଆ ପାଇଁ ମଧ୍ୟ କହିଦେବାକୁ ଚାହେଁ ଗତ ସପ୍ତାହରେ ମଧ୍ୟ ଦୁଆ ପାଇଁ ଆପଣମାନଙ୍କୁ ଆହ୍ୱାନ ଦେଇଥିଲି ଯେ, ପାଲେଷ୍ଟାଇନ୍‌ର ନିରୀହ ଜନତାଙ୍କ ପାଇଁ ଦୁଆ କରିବେ କାରଣ ସେଠାରେ ଏବେ ଯୁଦ୍ଧ ବିରତି ହୋଇଛି । କିନ୍ତୁ ଇତିହାସ ଆମକୁ ଏହା ସୁଚାଉଛି ଯେ, କିଛି ସମୟ ପରେ କେଉଁଠି ନା କେଉଁଠି କୌଣସି ନା କୌଣସି ଉପାୟରେ କୌଣସି ନା କୌଣସି ବାହାନାରେ ଶତୃ ଏହି ପାଲେଷ୍ଟାଇନ୍‌ର ଲୋକମାନଙ୍କୁ ଅତ୍ୟାଚାରର ଶିକାର କରିବେ ପୁନଶ୍ଚ ସାଧାରଣ ଜନତାଙ୍କ ଉପରେ ଅତ୍ୟାଚାର ଆରମ୍ଭ କରିଦେବେ ଅଲ୍ଲାଃ ତାଲା ପାଲେଷ୍ଟାଇନ୍ ଅଧିବାସୀଙ୍କ ଉପରେ ଦୟା ଅବତୀର୍ଣ୍ଣ କରନ୍ତୁ ଏବଂ ସେମାନଙ୍କୁ ପ୍ରକୃତ ସ୍ୱାଧିନତା ପ୍ରଦାନ କରନ୍ତୁ । ଅଲ୍ଲାଃ ତାଲା ସେମାନଙ୍କୁ ଏଭଳି ନେତା ମଧ୍ୟ ପ୍ରଦାନ କରନ୍ତୁ ଯେଉଁ ନେତାମାନଙ୍କ ଠାରେ ବୁଦ୍ଧି ଓ ବିବେକ ଥିବ ଏବଂ ଶକ୍ତି ତଥା ସାମର୍ଥ୍ୟ ରହିଥିବ । ଯିଏ ନିଜ କଥାକୁ ରଖିପାରୁଥିବେ ଏବଂ ନିଜର ହକ୍‌କୁ ନେଇ ପାରୁଥିବେ । ସେହିପରି ବିଶେଷ କରି ପାକିସ୍ତାନରେ ବସବାସ କରୁଥିବା ଅହେମଦୀମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ ଯେ, ଅଲ୍ଲାଃ ତାଲା ସେମାନଙ୍କୁ ମଧ୍ୟ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ ।

ବର୍ତମାନ ମୁଁ କିଛି ଯନାଜାଃ ବିଷୟରେ ଚର୍ଚ୍ଚା କରିବି ସେମାନଙ୍କ ମଧ୍ୟରେ ସର୍ବପ୍ରଥମେ ଯାହାଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି କୁରୈଶୀ ଫଜ୍‌ଲୁଲ୍ଲାଃ ସାହେବ ନାଏବ୍ ନାଜିର୍ ଇଶାଅତ୍ କାଦିୟାନ୍‌ଙ୍କର । ସେ ଗତ ଏପ୍ରିଲ୍ ମାସ ୨୭ ତାରିଖ ଦିନ ମୃତ୍ୟୁବରଣ କରିଥିଲେ । *ଇନ୍ନା ଲିଲ୍ଲାହେ ୱ୍ ଇନ୍ନା ଇଲୈହେ ରାଜେଉନ* । ତାଙ୍କ ମାଆଙ୍କ ଅଜା ଓ ବାପାଙ୍କ ଜେଜେ ହଜ୍‌ରତ୍ ମୁନ୍‌ଶୀ ମେହେର୍ ଦୀନ୍ ସାହେବ ର:ଅ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବି ଥିଲେ । ଯାହାଙ୍କ ମାଧ୍ୟମରେ ତାଙ୍କ ବଂଶରେ ଅହେମଦିୟତ୍ ଆସିଥିଲା ଏବଂ ତାଙ୍କ ନାମ ମିନାରତୁଲ୍ ମସିହର ଚାନ୍ଦା ପୈଠକାରୀଙ୍କ ମଧ୍ୟରେ ଉଲ୍ଲେଖ ରହିଛି ।

ଜାମିୟା ଅହେମଦିୟାରୁ ଶିକ୍ଷା ସମାପ୍ତି ପରେ ଫଜ୍‌ଲୁଲ୍ଲାଃ କୁରୈଶୀ ସାହେବ ଦୀର୍ଘ ୨୩ ବର୍ଷ ୫ ମାସ ଜାମିୟା ଅହେମଦିୟା କାଦିୟାନ୍‌ରେ ଶିକ୍ଷକତା କରିଥିଲେ ଏବଂ ପବିତ୍ର କୁର୍‌ଆନ୍ କରୀମ୍, ଉର୍ଦ୍ଦୁ, ବ୍ୟାକରଣ, ଆରବୀ ସାହିତ୍ୟ ଆଦି ବିଷୟ ପଢ଼ାଇଥିଲେ । ଅତଏବ ସ୍ୱର୍ଗତଙ୍କର ମୋଟ ସେବାର ଅବଧି ୩୭ ବର୍ଷ ୭ ମାସ ଅଟେ । ଅଲ୍ଲାଃ ତାଲାଙ୍କ କୃପାରୁ ସ୍ୱର୍ଗତ ଫଜ୍‌ଲୁଲ୍ଲାଃ କୁରୈଶୀ ସାହେବ ୱ୍ସିୟତ୍ କରିଥିଲେ । ମୃତକଙ୍କ ପରିଜନଙ୍କ ମଧ୍ୟରେ ପତ୍ନୀ, ଏକମାତ୍ର ପୁତ୍ର ଏବଂ ଦୁଇଜଣ ପୁତ୍ରୀ ରହିଛନ୍ତି ।

ତାଙ୍କ ସଂପର୍କରେ ନାଜିର ସାହେବ ନଶ୍‌ରୋ ଇଶାଅତ୍ କହନ୍ତି ଯେ, ସ୍ୱର୍ଗତ କୁରୈଶୀ ସାହେବ ଯେତେବେଳେ ଜାମିୟାରେ ଶିକ୍ଷକ ଥିଲେ ସେତେବେଳେ ସେ ଛାତ୍ରମାନଙ୍କ ପ୍ରତି ସ୍ନେହ ଏବଂ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରୁଥିଲେ । ଅତ୍ୟନ୍ତ ବିଶ୍ୱସ୍ତତାର ସହିତ ଉତ୍ସର୍ଗ ମନୋଭାବ ରଖି ସର୍ବଦା ନିଜର କର୍ତବ୍ୟ ସମ୍ପାଦନ କରିଥିଲେ । ସେ ଜଣେ ସମୟାନୁବର୍ତୀ ଓ କର୍ମଠ ବ୍ୟକ୍ତି ଥିଲେ ଏବଂ ନିଜ ଛାତ୍ରମାନଙ୍କୁ ମଧ୍ୟ ସମୟାନୁବର୍ତୀ ହେବା ପାଇଁ ଅଭ୍ୟାସ କରିବାକୁ କହୁଥିଲେ । ଭାରତରେ ଅନେକ ମୁବଲ୍ଲିଗିନ୍ ସ୍ୱର୍ଗତଙ୍କର ଛାତ୍ର ଅଟନ୍ତି ଏବଂ ସ୍ୱର୍ଗତଙ୍କ ଠାରୁ ଉପକୃତ ହୋଇଛନ୍ତି, ସ୍ୱର୍ଗତ କୁରୈଶୀ ସାହେବଙ୍କ ସ୍ୱଭାବ ଅତ୍ୟନ୍ତ ସରଳ ଥିଲା । ସେ ସଂକ୍ଷିପ୍ତ ଭାଷା ପ୍ରୟୋଗ କରୁଥିଲେ ଏବଂ ଖୁବ୍ କମ କଥା କହୁଥିବା ବ୍ୟକ୍ତି ଥିଲେ । କିନ୍ତୁ ତାଙ୍କର ବାକ୍ୟ ଅତ୍ୟନ୍ତ ଜ୍ଞାନଗର୍ଭିକ ଏବଂ ଦୃଢ଼ୋକ୍ତି ପୂର୍ଣ୍ଣ ହେଉଥିଲା । ତାଙ୍କୁ ଖୁଦ୍ଦାମୁଲ୍ ଅହେମଦିୟା ଭାରତର ଉପସଭାପତି ରୂପେ ମଧ୍ୟ ସେବା କରିବାକୁ ସୁଯୋଗ ପ୍ରାପ୍ତ ହୋଇଥିଲା । ଦୀର୍ଘ ୩୪ ବର୍ଷ ପର୍ଯ୍ୟନ୍ତ ବଦର୍ ନାମକ ସାପ୍ତାହିକ ସମ୍ବାଦପତ୍ରର ନାଏବ ଏଡ଼ିଟର (ଉପ ସମ୍ପାଦକ) ଭାବରେ ମଧ୍ୟ ସେବା କରିବାକୁ ସୌଭାଗ୍ୟ ଅର୍ଜନ କରିଥିଲେ । ସେହିପରି ସେ ମିଶ୍‌କାତ୍ ନାମକ ପତ୍ରିକାର ମଧ୍ୟ ସମ୍ପାଦକ ଥିଲେ । ସେ 'ତାରିଖେ ଅହେମଦିୟତ୍' (ଅହେମଦିୟତ୍‌ର ଇତିହାସ) କମିଟିର ସଦସ୍ୟ ଥିଲେ । ଭାରତରେ ସଂକଳିତ ଓ ପ୍ରକାଶିତ **'ରୁହାନୀ ଖଜାଏନ୍'** ନୂତନ କମ୍ପ୍ୟୁଟରାଇଜ୍ ସଂସ୍କରଣରେ ମଧ୍ୟ ସେ ପ୍ରୁଫ୍ ରିଡ଼ିଂ କରି ତ୍ରୁଟି ବାହାର କରିଥିଲେ ଏବଂ ଏତଦ୍‌ପରେ ତାଙ୍କ କହିବାନୁସାରେ ଏହାର ତ୍ରୁଟି ସଂଶୋଧନ ମଧ୍ୟ କରାଇଥିଲେ । ସେ ଅତ୍ୟନ୍ତ ସୂକ୍ଷ୍ମଦର୍ଶିତାର ସହିତ ପ୍ରତ୍ୟେକ ଜିନିଷକୁ ତନଖି ତନଖି ନିରୀକ୍ଷଣ ଓ ଅନୁଧ୍ୟାନ କରିବା ସହିତ ସେ ସବୁର ତ୍ରୁଟି ସଂଶୋଧନ କରୁଥିଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ କେତେକ ପୁସ୍ତକ ଯାହାକି ପୃଥକ ପୃଥକ ଭାବରେ ପ୍ରକାଶିତ ହୋଇଅଛି ସେଗୁଡ଼ିକର ସଂପୂର୍ଣ୍ଣ ପ୍ରୁଫ୍ ରିଡ଼ିଂ

କରିଥିଲେ । ବିଶେଷ କରି **ବରାହିନେ ଅହମଦିୟା, ଆର୍ଯ୍ୟ ଧର୍ମ** ଓ **ସତ୍‌ବଚନ** ଆଦି ପୁସ୍ତକର ପ୍ରୁଫ୍ ରିଡ଼ିଙ୍ଗ କରିଥିଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ଦିଆଯାଇଥିବା ହୱାଲା, ଯାହାର ଅସଲ ଉତ୍ସ ଗ୍ରନ୍ଥ ଓ ବେଦ ଥିଲା, ସେ ଗୁଡ଼ିକୁ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ପୁନରାବଲୋକନ କରିବା ସଙ୍ଗେ ସଙ୍ଗେ ଗୋଟିଏ ଗୋଟିଏ ଶବ୍ଦର ସଠିକ୍ ତଥା ଶୁଦ୍ଧ ଉଚ୍ଚାରଣ ଏବଂ ଅନୁବାଦରେ ଯେଉଁ ତାରତମ୍ୟ ପରିଲକ୍ଷିତ ହେଉଥିଲା ତାହାକୁ ଚିହ୍ନଟ କରୁଥିଲେ । ପ୍ରତ୍ୟେକ ପ୍ରସଙ୍ଗରେ ନିଜର ଗବେଷଣା ଓ ଅନ୍ୱେଷଣକୁ ଚୁଡ଼ାନ୍ତ ପର୍ଯ୍ୟାୟ ପର୍ଯ୍ୟନ୍ତ ପହଂଚାଇବା ତାଙ୍କର ଅନ୍ୟତମ ଲକ୍ଷଣ ଥିଲା । ଆର୍ଯ୍ୟ ଧର୍ମ ଓ ସତ୍‌ବଚନ ପୁସ୍ତକରେ ବର୍ଣ୍ଣିତ ପ୍ରମାଣର ଅନୁସନ୍ଧାନ ଏବଂ ଚେକିଂ ଅତ୍ୟନ୍ତ ପରିଶ୍ରମର ସହିତ ସେ କରିଥିଲେ । ସେ ଏହା କହୁଥିଲେ ଯେ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହି ପୁସ୍ତକକୁ ହିନ୍ଦୁ ଏବଂ ଶିଖ୍ ଧର୍ମର ଲୋକମାନଙ୍କ ନିମନ୍ତେ ସନନ୍ଦ ରୂପେ ଉପସ୍ଥାପିତ କରିଛନ୍ତି (ଅର୍ଥାତ ସାର୍ଟିଫିକେଟ ସଦୃଶ ଉପସ୍ଥାପନ କରିଛନ୍ତି) ଏବଂ ଉକ୍ତ ଦୁଇଟି ପୁସ୍ତକ ଏହି ଉଭୟ ଧର୍ମାବଲମ୍ବୀଙ୍କ ବିପକ୍ଷରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ୱାକ୍ଷର ବହନକାରୀ । ଏଣୁ ଅତ୍ୟନ୍ତ ସୂକ୍ଷ୍ମତାର ସହିତ ଏହାକୁ ଚେକ୍ କରିବାକୁ ହେବ ଏବଂ ହୱାଲାଗୁଡ଼ିକୁ (ପ୍ରମାଣ) ଠିକ୍ କରିବାକୁ ହେବ । ଆମ ପକ୍ଷରୁ ପ୍ରକାଶିତ ପବିତ୍ର କୁର୍‌ଆନ୍‌ର **ମନ୍‌ଜୁର୍ ଲିପିର** ସଫ୍ଟୱେୟାରର ପ୍ରସ୍ତୁତିରେ ତାଙ୍କର ଯୋଗଦାନ ଅତୁଳନୀୟ ଥିଲା । ବମ୍ବେର କମ୍ପାନୀରୁ ଉକ୍ତ ସଫ୍ଟୱେୟାର ପ୍ରସ୍ତୁତ କରାଯାଇଥିଲା ଏବଂ ତହିଁରେ ସେ କଠିନ ପରିଶ୍ରମ ଓ କାର୍ଯ୍ୟ କରିଥିଲେ । ସେ ଦିବାରାତ୍ର ଉକ୍ତ କାର୍ଯ୍ୟର ସଂଶୋଧନ, ତଦାରଖ ଏବଂ ସଠିକତା ପାଇଁ କାମ କରିଥିଲେ । ସେହିପରି ମନ୍‌ଜୁର୍ ଲିପିରେ ସରଳ ପବିତ୍ର କୁର୍‌ଆନ୍ କରୀମ୍ ତ' ପ୍ରକାଶିତ ହୋଇଯାଇଛି । ବର୍ତମାନ ହଜ୍‌ରତ୍ ମୌଲବୀ ଶେର୍ ଅଲୀ ସାହେବଙ୍କ ଦ୍ୱାରା ସଂକଳିତ ପବିତ୍ର କୁର୍‌ଆନ୍ କରୀମ୍‌ର ଇଂରାଜୀ ଅନୁବାଦକୁ ପ୍ରସ୍ତୁତ କରିବା ଏବଂ ପ୍ରକାଶନ କାର୍ଯ୍ୟରେ ସେ ବ୍ୟସ୍ତ ଥିଲେ । ପ୍ରାୟତଃ ଏହା ପ୍ରସ୍ତୁତ ହୋଇସାରିଛି ଏବଂ ଖୁବ୍ ଶୀଘ୍ର ତାହା ଛପା ହୋଇ ପ୍ରକାଶ ପାଇବ ଇନ୍‌ଶାଅଲ୍ଲାଃ । ତହିଁରେ ମଧ୍ୟ ସେ ଅକ୍ଳାନ୍ତ ପରିଶ୍ରମ କରିଛନ୍ତି । ସେହିପରି ହଜ୍‌ରତ୍ ମୀର୍ ମୁହମ୍ମଦ୍ ଇସ୍‌ହାକ୍ ସାହେବଙ୍କ ଦ୍ୱାରା ସମ୍ପାଦିତ ଅନୁବାଦର କେତେକ ସିପାରାର କାମ ମଧ୍ୟ ସେ ସାରି ଦେଇଥିଲେ । ପବିତ୍ର କୁର୍‌ଆନ୍ କରୀମ୍‌ର କାର୍ଯ୍ୟରେ, ପ୍ରକାଶନ କାର୍ଯ୍ୟରେ ମଧ୍ୟ ସେ ବହୁତ ପରିଶ୍ରମ କରିଛନ୍ତି । ବିଶେଷ ଭାବରେ ମନ୍‌ଜୁର୍ ଲିପିର ପ୍ରକାଶନ କାର୍ଯ୍ୟରେ ।

**ନଶ୍‌ରୋ ଇଶାଅତ୍** କାର୍ଯ୍ୟାଳୟର **ନାଜର୍ ସାହେବ** ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ମୋର ଶିକ୍ଷକ ଥିଲେ ଓ ମୋର ମାମୁଁ ଶ୍ୱଶୁର ମଧ୍ୟ ଥିଲେ । ଏହା ସତ୍ତ୍ୱେ ମଧ୍ୟ ସେ ନାଏବ୍ ନାଜର ଭାବରେ ସର୍ବଦା ଆଜ୍ଞାବହତାର ମନୋଭାବ ରଖି ଅତ୍ୟନ୍ତ ବିନମ୍ରତା ଓ ଶାଳୀନତାର ସହକାରେ କଥାବାର୍ତା କରୁଥିଲେ । ସେ ମୋ ଆଗରେ କେବେ ଏହା ପ୍ରକାଶ କରି ନାହାନ୍ତି ଯେ, ମୁଁ ତୁମର ଶିକ୍ଷକ ଥିଲି କିମ୍ବା ସଂପର୍କରେ ମୁଁ ତୁମଠାରୁ ବଡ଼ ଓ ତୁମର ଗୁରୁଜନ । ତାଙ୍କର ଛାତ୍ରମାନେ ଉଲ୍ଲେଖ କରନ୍ତି ଯେ, ସେ ଶ୍ରେଣୀରେ ଥିବା ନିଜ ଛାତ୍ରମାନଙ୍କୁ ନିଜର ଛାତ୍ର ଜୀବନୀ ସଂପର୍କରେ ଚର୍ଚ୍ଚା କହୁଥିଲେ ଯେ, ଛାତ୍ର ଜୀବନାରେ ସେ କେବେବି ଛୁଟି ନେଇ ନାହାନ୍ତି କି ଶିକ୍ଷକତା କରିବା ଅବସରରେ ମଧ୍ୟ ଜାମିୟାରୁ କେବେବି ଛୁଟି ନେଇନାହାନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ସୟଦ୍ ବଶୀରୁଦ୍ଦୀନ୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲାଙ୍କର । ସେ ମଧ୍ୟ କାଦିୟାନର ଅଧିବାସୀ ଥିଲେ । ଅଲ୍ଲାଃ ତାଲାଙ୍କ ଲିଖିତ ବିଧାନ ଅନୁଯାୟୀ ୮୩ ବର୍ଷ ବୟସରେ ସ୍ୱର୍ଗତଙ୍କର ବିୟୋଗ ହୋଇଥିଲା । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* । ସେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସାହାବି ସୟଦ୍ ସଇଦୁଦ୍ଦୀନ୍ ସାହେବ ର:ଅଙ୍କ ପୌତ୍ର ଥିଲେ । ସେ ଅତ୍ୟନ୍ତ ଉପାସନାକାରୀ ଏବଂ ତେହଜ୍ଜୁଦ୍ ପାଠକାରୀ ବ୍ୟକ୍ତି ଥିଲେ । ସେ ଦୁଆକାରୀ ମଧ୍ୟ ଥିଲେ ଏବଂ ଅତ୍ୟନ୍ତ ସରଳ ସ୍ୱଭାବୀୟ ବ୍ୟକ୍ତି ଥିଲେ । ସ୍ୱର୍ଗତ ୱସିୟତ୍ ମଧ୍ୟ କରିଥିଲେ । ମୃତକଙ୍କ ପରିଜନମାନଙ୍କ ମଧ୍ୟରେ ତିନିଜଣ ପୁତ୍ର ରହିଛନ୍ତି । ଏହି ସମସ୍ତ ପୁତ୍ରମାନେ ସଦର୍ ଅଞ୍ଜୁମନ୍‌ର କାର୍ଯ୍ୟାଳୟରେ ସେବାକାର୍ଯ୍ୟ କରୁଛନ୍ତି ।

ପରବର୍ତୀ ଯନାଜାଃ ହେଉଛି କାଦିୟାନ୍‌ର ବିଶାରତ୍ ଅହେମଦ୍ ହୈଦର୍ ସାହେବ ୱକ୍‌ଫେ ଜିନ୍ଦେଗୀଙ୍କର । ସେ ସ୍ୱର୍ଗତ ଫୈଜ୍ ଅହେମଦ୍ ଶାହ୍‌ନାଙ୍କ ପୌତ୍ର ଥିଲେ । ୭୧ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଥିଲା । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* । ସ୍ୱର୍ଗତ ବିଶାରତ୍ ସାହେବ ସ୍ୱର୍ଗତ ହଜ୍‌ରତ୍ ଅବ୍‌ଦୁଲ୍ କରୀମ୍ ସାହେବଙ୍କ ପୌତ୍ର ଥିଲେ । ଯିଏ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ନିଦର୍ଶନ ଥିଲେ । ସଗେ ଗଜିବା ଅର୍ଥାତ କୁକୁର କାମୁଡ଼ିଲେ ଯେଉଁ ଜଳାତଙ୍କ ରୋଗ ହୁଏ, ସେ ସେହି ରୋଗରେ ପିଡ଼ିତ ହୋଇ ପୁଣି ବଂଚିଥିଲେ । ସେ ନିଜ ଜୀବନକୁ ଉତ୍ସର୍ଗ କରି କର୍ଣ୍ଣାଟକରୁ କାଦିୟାନ ଆସିଥିଲେ ଏବଂ ପୁନଶ୍ଚ ମାଦ୍ରାସା ଅହେମଦିୟାରେ ଶିକ୍ଷା ପ୍ରାପ୍ତ କରିବା ପରେ ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟ କରିଥିଲେ । ପୁନଶ୍ଚ ସେହପରି ସେ **ରିଶ୍‌ତା ନାତା** ବିଭାଗର ବିଭାଗୀୟ ମୁଖ୍ୟ ରୂପେ ନିଯୁକ୍ତ ହୋଇଥିଲେ । ସେ ଏହି ବିଭାଗରେ ୪୬ ବର୍ଷ ପର୍ଯ୍ୟନ୍ତ ସିଲ୍‌ସିଲାର ସେବା କରିଥିଲେ । ସ୍ୱଳ୍ପ ବେତନ ଓ ସ୍ୱଳ୍ପ ସମ୍ବଳ ସତ୍ତ୍ୱେ ମଧ୍ୟ ଅତ୍ୟନ୍ତ ସରଳ ତଥା ଧଳା ବସ୍ତ୍ର ପରିଧାନ କରି ସରଳ ଜୀବନ ଯାପନ କରିଥିଲେ । ସେ ଉତମ ଚରିତ୍ରବାନ୍, ସଭ୍ୟ ଓ ଶିକ୍ଷିତ ବ୍ୟକ୍ତି ଥିଲେ । ସ୍ୱର୍ଗତ ବିଶାରତ୍ ସାହେବ ୱସିୟତ୍ ମଧ୍ୟ କରିଥିଲେ । ସ୍ୱର୍ଗତଙ୍କ ପତ୍ନୀଙ୍କ ବ୍ୟତୀତ ତିନି ଜଣ ପୁତ୍ରୀ ଅଛନ୍ତି । ସେହି ତିନି ଝିଅଙ୍କୁ ସେ ଉଚ୍ଚ ଶିକ୍ଷିତା ଓ ସଂସ୍କାରୀ କରି ୱାକିଫେ ଜିନ୍ଦେଗୀ ଅର୍ଥାତ ଉତ୍ସର୍ଗୀକାରୀଙ୍କୁ ବିବାହ ଦେଇଛନ୍ତି ।

ପରବର୍ତୀ ଯନାଜାଃ ହେଉଛି ସମ୍ମାନନୀୟ ଡ଼ାକ୍ତର ମୁହମ୍ମଦ ଅଲୀ ଖାନ୍ ସାହେବଙ୍କର, ସେ ପେଶାୱର ଜିଲ୍ଲାର ଅମୀର୍ ଥିଲେ । ୬୭ ବର୍ଷ ବୟସରେ ତାଙ୍କର ମୃତ୍ୟୁ ଘଟିଛି, *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* ।

ଯେତେବେଳେ ସେ ଏଫ୍‌ଏସସିର ଛାତ୍ର ଥିଲେ ସେତେବେଳ ସେ ସ୍ୱୟମ ବୟତ କରିଥିଲେ । ସେ ନିଜେ କୁହନ୍ତି ମୋ ବଡ଼ବାପାଙ୍କ ଦୋକାନ ଥିଲ. ମୁଁ ସେଠାରେ ବସୁଥିଲି, ଜଣେ ଲୋକ ସେଠାକୁ ଆସିଲେ, ସେ ଅତ୍ୟନ୍ତ ସମ୍ମାନୀୟ ବ୍ୟକ୍ତି ଥିଲେ, ସେ ଯେତେବେଳେ ଚାଲିଗଲେ ମୋ ବଡ଼ବାପା ମତେ କହିଲେ ଯେ କଣ ତୁମେ ଜାଣ ଏ ବ୍ୟକ୍ତି କିଏ ? ମୁଁ ଉତର ଦେଲି ନାହିଁ । ବଡ଼ବାପା କହିଲେ, ଏ ବ୍ୟକ୍ତି ହେଉଛନ୍ତି କାଦିୟାନୀ ଏବଂ କାଦିୟାନୀ ଲୋକ ବହୁତ ଭଲ ଲୋକ । ସ୍ୱର୍ଗତ କୁହନ୍ତି ଏହା ମୋର ଯମାତ୍ ଅହେମଦିୟା ସହିତ ପ୍ରଥମ ପରିଚୟ ଥିଲା । ପୁନଶ୍ଚ ମେଡ଼ିକାଲ୍ କଲେଜ୍‌ରେ ତାଙ୍କର ଜଣେ ଅହେମଦି ବନ୍ଧୁ ଥିଲେ, ହଜ୍‌ରତ୍ ଇସା ଆ:ସଙ୍କ ସମ୍ପର୍କରେ ମୁଁ ତାଙ୍କୁ ପଚାରିଲି ଯେ, ତୁମର ହଜ୍‌ରତ୍ ଇଶାଙ୍କ ସଂକ୍ରାନ୍ତରେ କଣ ଧାରଣା ରହିଛି ? ସେ ଜୀବିତ ଅଛନ୍ତି ନା ମୃତ । ତେବେ ପ୍ରତିଉତରରେ ଡ଼ାକ୍ତର ମୁହମ୍ମଦ ଅଲୀ ସାହେବ କହିଲେ ଯେ ମୁଁ ତାଙ୍କୁ ମୃତ ବୋଲି ମନେ କରୁଛି । ସେହି ଅହେମଦି ଶିକ୍ଷାର୍ଥୀଙ୍କ ମନରେ ଏହି ଧାରଣା ଆସିଲା ଯେ ତାହେଲେ ଏହି ଅଣଅହେମଦୀଙ୍କୁ ତବ୍‌ଲିଗ୍ କରିବା ଉଚିତ । ସେ ଯାହା ହେଉ ନା କାହିଁକି ଏହା ପରେ ସେ ତାଙ୍କୁ ମିଶନ ହାଉସ୍‌କୁ ନେଇ ଆସିଲେ ସେଠାରେ ତାଙ୍କୁ ଜମାତ୍ ଅହେମଦିୟା ବିଷୟରେ ପରିଚିତ କରାଇଲେ । ସେଠାରେ ବେଶରତ୍ ବଶିର୍ ସିନ୍ଧି ସାହେବ ମୁରବୀ ସିଲ୍‌ସିଲା ଥିଲେ । ସେ ଫୁଲ୍ ପ୍ୟାଂଟ ପିନ୍ଧିଥିଲେ ଅର୍ଥାତ ବଶାରତ୍ ବଶିର ସାହେବ ପିନ୍ଧିଥିଲେ । ତେଣୁ ସେ ବଶାରତ୍ ସାହେବ ସିନ୍ଧିଙ୍କ ବସ୍ତ୍ର ପରିଧାନକୁ ଦେଖି ଅତ୍ୟନ୍ତ ଆଶ୍ଚର୍ଯ୍ୟ ଚକିତ ହେଲେ ଏବଂ ମନରେ କହିଲେ ଇଏ ତ ବଡ଼ ବିଚିତ୍ର ଆଧୁନିକ ମୌଲାନା । ସେ ଯାହା ହେଉ ନା କାହିଁକି ମୁବ୍‌ଲିଗ୍ ସାହେବ ତାଙ୍କୁ ଦାୱତୁଲ୍ ଅମୀର ନାମକ ଏକ ପୁସ୍ତକ ପଢ଼ିବାକୁ ଦେଲେ, ସେ କୁହନ୍ତି ମୁଁ ସେହି ପୁସ୍ତକକୁ ସେହିଦିନ ପଢ଼ି ସାରିଦେଲି ଏବଂ ମତେ ବିଶ୍ୱାସ ହୋଇଗଲା ଯେ, ଅହେମଦିୟତ୍ ସତ୍ୟ ଅଟେ । ୧୯୭୩ ମସିହାରେ ସେ ବୟତ କରିନେଲେ ଓ ୧୯୭୪ ମସିହାରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅ ତାଙ୍କ ବୟତକୁ ମଞ୍ଜୁର କଲେ । ୧୯୭୪ ମସିହାରେ ଯେତେବେଳେ ସେ ଅହେମଦୀ ହୋଇଗଲେ ସେତେବେଳେ ତାଙ୍କ ଅଂଚଳରେ ଉପଦ୍ରବ ଆରମ୍ଭ ହୋଇଗଲା । ବିରୋଧିମାନେ ଅର୍ଥାତ ତାଙ୍କ ମହାବିଦ୍ୟାଳୟର ସହପାଠୀମାନେ ଗୋଠ ହୋଇ ତାଙ୍କୁ ଧରି କହିଲେ, ତୁମେ ଅହେମଦିୟତ୍‌କୁ ପ୍ରତ୍ୟାଖ୍ୟାନ କର । କାରଣ ସେମାନେ ଜାଣିଥିଲେ ଯେ, ସ୍ୱର୍ଗତ ମୁହମ୍ମଦ ଅଲୀ ଖାନ୍ ସାହେବ ଅହେମଦୀ ହୋଇଯାଇଛନ୍ତି । ସେହି ଛାତ୍ର ଗୋଷ୍ଠୀ ତାଙ୍କୁ କହିଲେ, ତୁମେ ଅହେମଦି ହୋଇଯାଇଛ ତେଣୁ ଆମେମାନେ ତୁମକୁ ଶହୀଦ କରିଦେବୁ କିମ୍ବା ତୁମକୁ ହତ୍ୟା କରିଦେବୁ । ସେ ଯାହା ହେଉ ନା କାହିଁକି କଲେଜ ପ୍ରଶାସନ ଓ କର୍ତୃପକ୍ଷ ସେହି ବିରୋଧି ଛାତ୍ରଗୋଷ୍ଠୀଙ୍କର କିଛି କରିପାରିଲାନାହିଁ କିନ୍ତୁ ସେତେବେଳେ ବିଶ୍ୱବିଦ୍ୟାଳୟର କୁଳପତି ଥିଲେ ଅଲୀ ଖାନ୍ ସାହେବ ଯିଏ ବାଚ୍ ଖାନ୍‌ଙ୍କ ପୁତ୍ର ଥିଲେ । ସେ ଘଟଣାସ୍ଥଳକୁ ଆସି ସେହି ଛାତ୍ରମାନଙ୍କଠାରୁ ସ୍ୱର୍ଗତଙ୍କୁ ଛଡ଼ାଇ ନିଜ ସହିତ ନିଜ ଗାଡ଼ିରେ ବସାଇ ସହର ବାହାରେ ନେଇ ଛାଡ଼ିଦେଲେ । ସେ କହୁଛନ୍ତି ଯେ, ସେଠାରୁ ମୁଁ ଖାଲି ପାଦରେ ଚାଲି ଚାଲି ଆମ ଗ୍ରାମରେ ପହଂଚିଲି ଏବଂ ମୋ ବାପା ମତେ କହିଲେ ତୁମେ ନିଜ ବାପାଙ୍କୁ କାହିଁକି ସମସ୍ୟାରେ ପକାଉଛ ଏବଂ ଆମକୁ ବଦ୍‌ନାମ କରୁଛ । ତୁମେ ଅହେମଦିୟତ୍ କାହିଁକି ପରିତ୍ୟାଗ କରିଦେଉନାହଁ ? ପ୍ରତ୍ୟୁତରରେ ସ୍ୱର୍ଗତ ଡ଼ାକ୍ତର ଅଲୀ ମୁହମ୍ମଦ ଖାନ୍ ସାହେବ କହିଲେ, ମୁଁ ଅହେମଦୀୟତ୍ ଛାଡ଼ି ପାରିବି ନାହିଁ । ସେ ଯାହା ହେଉନା କାହିଁକି ମୋର ପିତାଙ୍କ ସହିତ ଯୁକ୍ତିତର୍କ ଜାରି ରହିଲା ଓ ପ୍ରତିକୂଳ ପରିସ୍ଥିତି ଯୋଗୁଁ ଶିକ୍ଷା ମଧ୍ୟ ଅଭ୍ୟାହତ ରହିପାରିଲାନାହିଁ । ହଜୁର ଅନୱର ଅ:ବ:ଅ କହିଲେ ତାଙ୍କର ପରିସ୍ଥିତି ବହୁତ ଖରାପ ଥିଲା । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଅହେମଦିୟତ୍‌କୁ ଛାଡ଼ିଲେ ନାହିଁ ବରଂ ଅବିଚଳ ଓ ଅଟଳ ରହିଲେ । ଦିନେ ତାଙ୍କ ପିତା ତାଙ୍କୁ କହିଲେ, ଦେଖ ଏହି ସମସ୍ୟାକୁ ସମାପ୍ତ କରିଦିଅ । ଅହେମଦିୟତ୍ କୁ ଛାଡ଼ି ଦିଅ । ସେ ପ୍ରତ୍ୟୁତରରେ ତାଙ୍କୁ କହିଲେ, ଏହାର କେବଳ ଗୋଟିଏ ସମାଧାନ ରହିଛି ତାହା ହେଉଛି ଏହା କି ଆପଣ ମୋ ପାଇଁ ଯେଉଁ ଖାଦ୍ୟ ପଠାଉଛନ୍ତି ତହିଁରେ ବିଷ ମିଶାଇ ଦିଅନ୍ତୁ କାରଣ ଏପରି କରିବା ଦ୍ୱାରା ମୋର ମୃତ୍ୟୁ ଘଟିବ ଏବଂ ଆପଣଙ୍କ ସମସ୍ୟାର ସମାଧାନ ହୋଇଯିବ । କାରଣ ମୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଓ ତାଙ୍କ ଯମାତ୍‌କୁ ଆଦୌ ଛାଡ଼ିପାରିବିନାହିଁ । ସ୍ୱର୍ଗତ କୁହନ୍ତି ଏହାପରେ ତାଙ୍କ ପିତା ତାଙ୍କୁ କେବେହେଲେ ଅହେମଦିୟତ ପରିତ୍ୟାଗ କରିବାପାଇଁ କହିଲେ ନାହିଁ । ଯେତେବେଳେ ସ୍ୱର୍ଗତଙ୍କ ପିତାଙ୍କର ମୃତ୍ୟୁ ଘଟିଲା ସେତେବେଳେ ତାଙ୍କ ଯନାଜାଃରେ ମଧ୍ୟ ସେ ସାମିଲ ହୋଇନଥିଲେ କାରଣ ସ୍ୱର୍ଗତ ଡ଼ାକ୍ତର ମୁହମ୍ମଦ ଅଲୀଙ୍କର ପିତା ଅହେମଦି ନଥିଲେ ଲୋକମାନେ ଏହାକୁ ବହୁତ ଖରାପ ଭାବିଲେ କାରଣ ଏହା ତାଙ୍କ ପରମ୍ପରାର ଖିଲାପ କଥା ଥିଲା । ଇଏ କି ପୁଅ ଯିଏ ନିଜ ବାପାଙ୍କ ଯନାଜାଃ ମଧ୍ୟ ପଢ଼ିଲେ ନାହିଁ । ପ୍ରତ୍ୟୁତରରେ ସ୍ୱର୍ଗତ ମୁହମ୍ମଦ ଅଲୀ ସାହେବ କହିଲେ, ମୋ ପାଇଁ ତ' ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି ବାକି ସବୁ ଏହାପରେ । ସେହିପରି ତାଙ୍କ ମାତା ମଧ୍ୟ ତାଙ୍କ ସହିତ ଅସଦ୍‌ବ୍ୟବହାର ପ୍ରଦର୍ଶନ

କରିଥିଲେ । ତାଙ୍କ ମାତା କହିଲେ, ତୁମେ ମୋର ପୁତ୍ର ନୁହଁ ଏବଂ ପ୍ରତ୍ୟେକ ଜିନିଷରୁ ତାଙ୍କୁ ବଂଚିତ କରିଦେଇଥିଲେ । ସଂପତିରୁ ମଧ ବେଦଖଲ କରିଦେଇଥିଲେ । ଫଳତଃ ଏହାପରେ ସ୍ୱର୍ଗତ ଡ଼ାକ୍ତର ମୁହମ୍ମଦ ସାହେବ ଆଉ ଗ୍ରାମକୁ ଫେରିନଥିଲେ କିନ୍ତୁ ସ୍ୱର୍ଗତ ଡ଼ାକ୍ତର ସାହେବ ନିଜ ମାତାଙ୍କୁ ସାହାଯ୍ୟ କରୁଥିଲେ । ନିଜ ବଡ଼ବାପାଙ୍କ ଘରକୁ ଯାଉଥିଲେ, ସେଠାରୁ ନିଜ ମାତାଙ୍କର ଭଲମନ୍ଦ ବୁଝୁଥିଲେ ଏବଂ ତାଙ୍କୁ ଆର୍ଥିକ ସାହାଯ୍ୟ ମଧ କରୁଥିଲେ । ଯେତେବେଳେ ତାଙ୍କ ମାତାଙ୍କର ବିୟୋଗ ଘଟିଲା ସେତେବେଳେ ମଧ ସେ ତାଙ୍କ ଯନାଜାଃରେ ସାମିଲ ହେଲେନାହିଁ ସେହିପରି ନିଜର ସାନ ଭାଇଙ୍କୁ ମଧ ଅହେମଦି କରିନେଇଥିଲେ । ତାଙ୍କ ସାନ ଭାଇ ମଧ ନିଜ ମାତାଙ୍କ ଯନାଜାଃ ପଢ଼ିନଥିଲେ । ଏହା ଉପରେ ଲୋକମାନେ ଆପତି ଓ ଟିପ୍ପଣୀ କଲେ ଦେଖ କେମିତିକା ପୁଅମାନେ ଅଛନ୍ତି ନିଜ ବାପାମାଆଙ୍କ ଯନାଜାଃରେ ମଧ ସାମିଲ ହେଲେନାହିଁ । ପ୍ରତ୍ୟୁତରରେ ସେ କହିଲେ, ଯେଉଁଠି ଯମାତ୍‌ର ସ୍ୱାଭିମାନର ପ୍ରଶ୍ନ ଉଠୁଛି ସେଠାରେ ଏହି ଅଣଅହେମଦୀ ଲୋକମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମ୍ବନ୍ଧରେ ଅପଶବ୍ଦ ବ୍ୟବହାର କରୁଛନ୍ତି ତେଣୁ ଆମେମାନେ ତାଙ୍କର ଯନାଜାଃ ପଢ଼ିପାରିବୁନାହୁଁ । ଅସାଧାରଣ ଭାବରେ ଏହି ଦୁଇ ଭାଇ ଅହେମଦିୟତ ପ୍ରତି ନିଜର ଅହେତୁକ ସ୍ୱାଭିମାନର ପ୍ରଦର୍ଶନ କରିଥିଲେ । ସେ ଦୀର୍ଘ ୨୭ ବର୍ଷ ସେନାରେ ସେବା କାର୍ଯ୍ୟ କରିଛନ୍ତି ପୁଣି ଲେଫ୍ଟନାଂଟ କର୍ନଲ ପଦବୀରେ ରହି ସେ ଅବସର ମଧ ନେଇଥିଲେ । ଜଣେ ଡ଼ାକ୍ତର ଥିଲେ, ଚାକିରିରୁ ଅବସର ନେବାପାରେ ତାଙ୍କୁ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନୀତ ସମ୍ମାନସୂଚକ ପଦକ ମଧ ମିଳିଥିଲା । ଏହାପରେ ସେ ପେଶାଓ୍ୱର୍‌ର ନସିର୍ ଟିଚିଙ୍ଗ ହସ୍ପିଟାଲ୍‌ରେ ଆସିଷ୍ଟାଂଟ ପ୍ରଫେସର ଭାବରେ ଦାୟିତ୍ୱ ତୁଲାଇଥିଲେ । ଦର୍ଶନଶାସ୍ତ ବିଭାଗରେ ବିଭାଗୀୟ ମୁଖ୍ୟ ମଧ ରହିଥିଲେ । ୩୨ ବର୍ଷ ବୟସରେ ତାଙ୍କୁ ହଜ୍‌ରତ୍ ଖଲିଫତୁଲ୍ ମସିହ ର:ଅ ସୀମାଚଂଳ, ପେଶାଓ୍ୱରର ଜିଲ୍ଲା ଏବଂ ପେଶାଓ୍ୱର ଅମୀର ଭାବରେ ମୁତୟନ କରିଥିଲେ । ୧୯୮୫ ମସିହାରେ ସେ ଓ୍ୱକ୍‌ଫେ ଜଦିଦ୍‌ର ବୋର୍ଡ଼ ଅଫ୍ ଡ଼ାଇରେକ୍ଟର ରୂପେ ନିଯୁକ୍ତ ହୋଇଥିଲେ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ଏହି ପଦବୀରେ ସେବା ସମ୍ପାଦନ କରି ଆସୁଥିଲେ । ସେହିପରି ସେ ଫଜଲ୍ ଉମର୍ ଫାଉଣ୍ଡେସନ୍, ତାହେର୍ ଫାଉଣ୍ଡେସନ୍ ତଥା ଷ୍ଟାଡ଼ିଙ୍ଗ ସୁରାଃ କମିଟିର ସଦସ୍ୟମଧ ରହିଥିଲେ । ତାଙ୍କର ଛୋଟ ଭାଇ କର୍ନଲ ଅୟୁବ ସାହେବ ମଧ ଯାହାଙ୍କର ମୁଁ ଚର୍ଚ୍ଚା କଲି ସେ ମଧ ଅହେମଦିୟତ୍ ଗ୍ରହଣ କରିନେଇଛନ୍ତି । ତାଙ୍କର ବିବାହ ପେଶାଓ୍ୱର ଜିଲ୍ଲାର ସୀମାବର୍ତୀ ଅଂଚଳର ଅମୀର ସମ୍ମାନନୀୟ ସମ୍‌ସୁଦ୍ଦୀନ୍ ସାହେବଙ୍କ କନ୍ୟାଙ୍କ ସହିତ ହୋଇଥିଲା । ମୃତକଙ୍କ ପରିଜନଙ୍କ ମଧରେ ପତ୍ନୀଙ୍କ ବ୍ୟତିତ ଜଣେ ପୁତ୍ର ଓ ତିନିଜଣ କନ୍ୟା ସନ୍ତାନ ରହିଛନ୍ତି । ତାଙ୍କର ପୁତ୍ର ଓ୍ୱକ୍‌ଫେ ନୌର ତହ୍‌ରିକ୍‌ରେ ସାମିଲ ଅଛନ୍ତି । ସେ ଆଜିକାଲି ହ୍ୟୁମାନିଟି ଫାଷ୍ଟ ଅଧିନରେ ତାଞ୍ଜାନିଆରେ ସେବାରତ ଅଛନ୍ତି । ତାଙ୍କ ପୁତ୍ର ଉଲ୍ଲେଖ କରନ୍ତି, ସ୍ୱର୍ଗତ ଡ଼ାକ୍ତର ସାହେବ ସତ୍ୟବାଦୀ ନିସ୍ୱାର୍ଥପର, ମୁକ୍ତମନଭାବ ରଖିଥିବା ବ୍ୟକ୍ତି ବିଶେଷ ଥିଲେ । ସେ କେବେବି ଧନସମ୍ପତି, ଖର୍ଚ୍ଚ, ସାଂସାରିକ ଧନଦୌଲତ ବା ଅନ୍ୟ କୌଣସି ଜିନିଷର ଚର୍ଚ୍ଚା କରୁନଥିଲେ । ତାଙ୍କର ପ୍ରତ୍ୟେକ ସନ୍ତାନ ଏହି ସମାନ୍ କଥା ଉଲ୍ଲେଖ କରିଛନ୍ତି । ସେ ସର୍ବଦା ଆନନ୍ଦମୟ ଜୀବନ ଅତିବାହିତ କରିଛନ୍ତି, ସେ ପ୍ରତ୍ୟେକ ପ୍ରକାର ଦୁଃଖ ସମୟ ଓ ସମସ୍ୟାକୁ ଅତି ପ୍ରେମ ଓ ଅଲ୍ଲାଃ ତାଲାଙ୍କ ସାହାଯ୍ୟ ଉପରେ ଭରଷା କରି କାଳତିପାତ କରିଥିଲେ । ଯମାତ୍‌ର ନେତୃତ୍ୱ ନେଇଥିଲେ । ପେଶାଓ୍ୱରର ଲୋକେ ତାଙ୍କ ବିୟୋଗରେ ଅତ୍ୟନ୍ତ ମର୍ମାହତ । ସେ ଖିଲାଫତ୍‌କୁ ପ୍ରାଣଠାରୁ ଅଧିକ ଭଲ ପାଉଥିଲେ । ଆଜ୍ଞାନୁବର୍ତିତାର ଜ୍ୱଳନ୍ତ ନମୁନା ଥିଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ପ୍ରେମ ସମ୍ପର୍କ ଓ ହଜୁର ସ:ଆ:ସଙ୍କ ସହିତ ଅତି ପ୍ରେମାନୁରାଗ ତଥା ଅଲ୍ଲାଃ ତାଲାଙ୍କ ଏକଶ୍ୱରବାଦ ପାଇଁ ପ୍ରତ୍ୟେକ ବଳିଦାନ ପାଇଁ ସେ ପ୍ରସ୍ତୁତ ରହୁଥିଲେ । ଅସଂଖ୍ୟ ଗୁଣାବଳୀର ଅଧିକାରି ଥିଲେ ।

ପରବର୍ତୀ ଯନାଜାଃ ହେଉଛି ରବ୍‌ଓ୍ୱାର ସମ୍ମାନନୀୟ ମୁହମ୍ମଦ ରଫି ଖାନ୍ ଶହଜାଦା ସାହେବଙ୍କର । ବିଗତ ମାର୍ଚ୍ଚ ମାସ ୩୦ ତାରିଖ ଦିନ ତାଙ୍କର ବିୟୋଗ ଘଟିଛି । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା । ସ୍ୱର୍ଗତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବା ଗୁଲାମ୍ ରସୁଲ୍ ସାହେବ ଆଫ୍‌ଗାନ୍ ଓ ଆଇସା ପଠାନୀ ସାହିବାଙ୍କ ନାତି ଥିଲେ ଓ ହଜ୍‌ରତ୍ ଅବ୍‌ଦୁସ୍ ସତାର୍ ଖାନ୍ ସାହେବ ନାମକ ଜଣେ ଖ୍ୟାତନାମା ବ୍ୟକ୍ତିଙ୍କ ଅଣନାତୀ ଥିଲେ । ସେ ଜଣେ ଉପାସନା ପ୍ରୀୟ ଓ ନମାଜ ତେହ୍‌ଜୁଦ୍ ପାଠକାରୀ ବ୍ୟକ୍ତି ଥିଲେ । ଧର୍ମ ପ୍ରତି ସ୍ୱାଭିମାନ ରହିଥିଲା, ଜଣେ ଉତ୍ସର୍ଗୀ ଓ ପବିତ୍ରମୟ ବ୍ୟକ୍ତିତ୍ୱର ଅଧିକାରି ଥିଲେ । ମେଡ଼ିକାଲ୍‌ରେ ଶେଷ ରୋଗରେ ଥିଲେ, ନିଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ଥିବା ସତ୍ୱେ ମଧ ପବିତ୍ର କୁରଆନ୍ କରିମ୍ ଉଚ୍ଚ ସ୍ୱରରେ ପଢୁଥିଲେ । ଯେତେବେଳେ ସେ ଅବୁଧାବୀ ଏୟାରଫୋର୍ସରେ ଭର୍ତି ହେଲେ ଏବଂ କିଛି କାଳପରେ ସେ ଅବୁଧାବିକୁ ଚାଲିଗଲେ । ସେଠାକାର ଏୟାରଫୋର୍ସର ଆସେମ୍ବିଲିରେ ଜଣେ ମୌଲବୀ କହିଲେ କାଦିଆନୀମାନଙ୍କୁ ହତ୍ୟା କରାଯିବା ଜରୁରୀ ଏହାର ଜବାବ୍‌ରେ ସେ ଅତ୍ୟନ୍ତ ନିର୍ଭିକତା ଓ ଦାମ୍ଭିକତା ସହିତ ଛିଡ଼ା ହୋଇ କହିଲେ, ମୁଁ ଜଣେ ଅହେମଦି ତୁମେ ମତେ ଯଦି ହତ୍ୟା କରିବାକୁ ଚାହୁଁଛ ତେବେ କରିଦେଖାଅ । କିନ୍ତୁ ସେ ଯାହା ହେଉ ନା କାହିଁକି ଏହି ଘଟଣା ପରେ ସେ ସେଠାରୁ ଇସ୍ତଫା ପତ୍ର ଦେଇଦେଲେ ଓ ପାକିସ୍ତାନକୁ ଚାଲି ଆସିଲେ । ପାକିସ୍ତାନକୁ ଆସି ନିଜର ଏକ ମେଡ଼ିକାଲ୍ ଷ୍ଟୋର ଖୋଲିଲେ ଏବଂ ଏହି ଅବଧିରେ ଦାରୁଲ୍ ରେହମତ୍ ପୂର୍ବ (ରାଜିକି) ମହଲାର ସେ ସଦର ଭାବରେ ମନୋନୀତ ହୋଇଥିଲେ । ଏହିପରି ଭାବରେ ଏମ୍‌ଟିଏର ପୁସ୍ତ ଭାଷାରେ ଯେଉଁ କାର୍ଯ୍ୟକ୍ରମ ଚାଲେ, ସେଥିରେ ଅନ୍ୟୁନ ୫୦ଟି ଏପିସୋଡ଼୍‌ରେ ସେ ଅଂଶଗ୍ରହଣ କରିଥିଲେ । ନିଜ ମହଲାର ପ୍ରତ୍ୟେକ ବ୍ୟକ୍ତି ସହିତ ନମ୍ରତା ଓ ଉତମ ଆଚରଣ ପ୍ରଦର୍ଶନ କରୁଥିଲେ । ଗୁପ୍ତ ଭାବରେ ଲୋକମାନଙ୍କୁ ଆର୍ଥିକ ସାହାଯ୍ୟ ମଧ କରୁଥିଲେ । ମୃତକଙ୍କ ପରିବାରରେ ପତ୍ନୀଙ୍କ ବ୍ୟତିତ ଦୁଇଜଣ ପୁତ୍ର ଓ ଚାରିଜଣ କନ୍ୟା ସନ୍ତାନ ରହିଛନ୍ତି । ସେ ମୁସି ଥିଲେ ।

ପରବର୍ତୀ ଯନାଜାଃ ହେଉଛି ଅଷ୍ଟ୍ରେଲିୟାର ସମ୍ମାନନୀୟ ଅୟାଜ୍ ୟୁନୁସ୍ ସାହେବଙ୍କର । ବିଗତ ମାର୍ଚ୍ଚ ମାସ ୨୪ ତାରିଖ ଦିନ ଅଷ୍ଟ୍ରେଲିୟାର ରାଜ୍ୟ ନ୍ୟୁ ସାଉଥ୍ ଓ୍ୱେଲଥ୍‌ରେ ଆସିଥିବା ବନ୍ୟାରେ ବୁଡ଼ିଯିବା ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିଲା । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ସେ ଜଣେ ନୈଷ୍ଠିକ ସେବକ ଥିଲେ । ସେ ସଦର ସାହେବଙ୍କୁ କହି ରଖିଥିଲେ ଯେ, ଆପଣଙ୍କୁ ଯଦି କୌଣସି କାମର ଆବଶ୍ୟକତା ପଡ଼େ ତାହେଲେ ଆପଣ ମତେ ଆଦେଶ ଦିଅନ୍ତୁ ମୁଁ ତୁରନ୍ତ ଆସି ଉପସ୍ଥିତ ହୋଇଯିବି । ସେ ସର୍ବଦା ସେବାପାଇଁ ତତ୍ପର ରହୁଥିଲେ ପ୍ରତ୍ୟେକଙ୍କୁ କହୁଥିଲେ ଯେ, ମୋର ଦ୍ୱାର ସର୍ବଦା ତୁମମାନଙ୍କ ପାଇଁ ଉନ୍ମୁକ୍ତ ରହିଛି । ଯେତେବେଳେ ବି କୌଣସି ପ୍ରକାର ସହାୟତାର ଆବଶ୍ୟକତା ପଡ଼େ ମୋ ଦ୍ୱାରରେ ଆସି ପହଂଚିବେ । ସେ ପ୍ରତ୍ୟେକ ଅଭାବି ଲୋକମାନଙ୍କର ଅସାଧାରଣ ଭାବରେ ସାହାଯ୍ୟ କରୁଥିଲେ । ସେ ଯୁବକ ଥିଲେ ତାଙ୍କର ବିବାହ ମଧ ହୋଇନଥିଲା । ତାଙ୍କ ମାଆବାପାଙ୍କୁ ପାକିସ୍ତାନରୁ ଆସିବା ପାଇଁ ଭିଜା ମିଳିଥିଲା । ତାଙ୍କର ଶେଷକୃତ୍ୟ ରାଷ୍ଟ୍ରିୟ ମର୍ଯ୍ୟାଦାର ସହିତ ସରକାରୀ ପ୍ରତିନିଧିଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେଲା ।

ପରବର୍ତୀ ଯନାଜାଃ ହେଉଛି ସମ୍ମାନନୀୟ ମିଆଁ ତାହେର ସାହେବ ଇବ୍‌ନେ ମିଆଁ କୁର୍ବାନ ହୁସୈନ୍ ସାହେବଙ୍କର । ସେ ରବ୍‌ଓ୍ୱା ଅନ୍ତର୍ଗତ ଓ୍ୱକାଲତେ ମାଲ୍ ସାଲିସ୍ ବିଭାଗର ପୂର୍ବତନ କର୍ମଚାରୀ ଥିଲେ । ସେ ଏଠିକାର ଆମ ଇସାଲାମାବାଦର ପ୍ରକଳ୍ପ ଯନ୍ତ୍ରୀ ଇଦ୍‌ରିସ୍ ଅହେମଦ୍ ସାହେବଙ୍କ ପିତା ଥିଲେ । ୬୭ ବୟସରେ ତାଙ୍କର ବିୟୋଗ ହୋଇଛି । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ସେ ସ୍ଥାନୀୟ ଯମାତ୍‌ର ତର୍‌ବିୟତ୍ ସଚିବ ଥିଲେ । ଜଇମ୍ ଅନ୍‌ସାରୁଲ୍ଲାଃ ଉପସଭାପତି ଭାବରେ ମଧ ସେବା ସମ୍ପାଦନ କରିଛନ୍ତି । ସେ ତେହଜୁଦ୍ ଓ ନୌଫିଲ୍ ପାଠକାରୀ, ପବିତ୍ର କୁର୍‌ଆନ୍ ନିୟମିତ ରୂପେ ଆବୃତି କରୁଥିବା, ଓ୍ୱସିୟତକାରୀ ବ୍ୟକ୍ତି ଥିଲେ । ମୃତକଙ୍କ ପରିଜନଙ୍କ ମଧରେ ତାଙ୍କ ପତ୍ନୀଙ୍କ ବ୍ୟତିତ ଦୁଇଜଣ କନ୍ୟା ଓ ତିନିଜଣ ପୁତ୍ର ସନ୍ତାନ ଅଛନ୍ତି ।

ପରବର୍ତୀ ଯନାଜାଃ ହେଉଛି ୟୁ.କେର ସମ୍ମାନନୀୟ ରଫିକ୍ ଅହ୍‌ମଦ୍ ଆଫ୍‌ତାବ୍ ସାହେବଙ୍କର । ସେ ଫାରୁକ୍ ଆଫ୍‌ତାବ୍ ସାହେବଙ୍କର ପିତା ଥିଲେ । ୬୩ ବର୍ଷ ବୟସରେ ତାଙ୍କର ବିୟୋଗ ଗତ ଏପ୍ରିଲ୍ ମାସରେ ହୋଇଛି । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ଫାରୁକ୍ ସାହେବ ଉଲ୍ଲେଖ କରନ୍ତି ଯେ, ମୋର ପିତା ଅନେକ ସୁଗୁଣାବଳୀର ଅଧିକାରି ଥିଲେ, ଜଣେ ବିନି. ମେଳାପି, ଆନନ୍ଦ ସ୍ୱଭାବ, ସମ୍ମାନୀୟ ଓ ଅତିଥିପ୍ରୀୟ ବ୍ୟକ୍ତି ଥିଲେ । ଅନେକ ଲୋକ ଆମକୁ ଫୋନ କରି କହିଲେ ଏବଂ ସ୍ୱର୍ଗତଙ୍କ ଗୁଣାବଳୀର ସାକ୍ଷ୍ୟ ଦେଲେ ଯେ ସେ ଏହି ସମସ୍ତ ଗୁଣାବଳୀର ଅଧିକାରି ଥିଲେ । ଜଣେ ନୈଷ୍ଠିକ ଓ ବଳିଦାନ ପ୍ରୀୟ ବ୍ୟକ୍ତି ଥିଲେ । ସନ୍ତାନମାନଙ୍କୁ ଖିଲାଫତ୍ ସହିତ ସର୍ବଦା ଯୋଡ଼ି ରହିବାପାଇଁ ଧ୍ୟାନ ଆକର୍ଷଣ କରୁଥିଲେ । ଏହାର ପରିଣାମ ସ୍ୱରୁପ ଆଜି ତାଙ୍କ ସନ୍ତାନମାନେ ମଧ ଯମାତ୍ ସହିତ ଯୋଡ଼ି ରହିଛନ୍ତି ଓ ସେବା ସମ୍ପାଦନ କରୁଛନ୍ତି ।

ପରବର୍ତୀ ଯନାଜାଃ ହେଉଛି ସମ୍ମାନନୀୟା ଜରିନା ଅଖ୍‌ତର୍ ସାହିବାଙ୍କର । ସ୍ୱର୍ଗତା ଜାମିୟା ଅହେମଦିୟା ୟୁ.କେର ଅଧାପକ ମିର୍ଜା ନଶିର୍ ଅହେମଦ୍ ସାହେବଙ୍କ ପତ୍ନୀ ଥିଲେ । ଗତମାସରେ ତାଙ୍କର ଦେହାନ୍ତ ହୋଇଛି । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ସ୍ୱର୍ଗତା ସାହାବାଙ୍କ ବଂଶରୁ ଜଣେ ଥିଲେ, ଅତ୍ୟନ୍ତ ଧୈର୍ଯ୍ୟଶୀଳା, କୃତଜ୍ଞା ମହିଳା ଥିଲେ । ନିଜ ଅଭିଭାବକଙ୍କ ତଥା ଶାଶୁଶଶୁର ଓ ଅନ୍ୟାନ୍ୟ ସମସ୍ତଙ୍କର ପ୍ରୀୟ ଓ ସେବାକାରୀ ମହିଳା ଥିଲେ । ସେ ନିଜର ଓ୍ୱକ୍‌ଫେ ଜିନ୍ଦଗୀ ସ୍ୱାମୀଙ୍କ ସହିତ ବିଶ୍ୱସ୍ତତା ଓ ମିତବ୍ୟୟତାର ସହିତ ଜୀବନଯାପନ କରିଥିଲେ । ଘାନାରେ ଅବସ୍ଥାନ ସମୟରେ ଅତ୍ୟନ୍ତ ଦୁଃଖଦ ସମୟରେ ଓ ଉତ୍କଟ ପରିସ୍ଥିତି ଥିବା ସତ୍ୱେ ଓ ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନଥିବା ସତ୍ୱେ ମଧ ଅତ୍ୟନ୍ତ ଧୈର୍ଯ୍ୟ ଓ କୃତଜ୍ଞତାର ସହିତ ଜୀବନ ଅତିବାହିତ କରିଥିଲେ । ସେ ନିଜ ତୁଣ୍ଡରେ କେବେ କୌଣସି ଅଭିଯୋଗ ଆଣିନଥିଲେ । ସ୍ୱର୍ଗତା ଓ୍ୱସିୟତକାରୀ ଥିଲେ, ତାଙ୍କର ସୁପୁତ୍ର ମିର୍ଜା ତୌକିର୍ ଅହେମଦ୍ ଓ୍ୱକ୍‌ଫେ ଜିନ୍ଦଗୀ ଅଟନ୍ତି । ସେ ବର୍ତମାନ ଏମ୍‌ଟିଏରେ କର୍ମରତ ।

ପରବର୍ତୀ ଯନାଜାଃ ହେଉଛି ସମ୍ମାନନୀୟ ହାଫିଜ୍ ମୁହମ୍ମଦ୍ ଅକ୍ରମ୍ ସାହେବଙ୍କର । ଚଳିତ ମାସରେ ତାହେର୍ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ରେ ତାଙ୍କର ୮୦ ବର୍ଷ ବୟସରେ ଦେହାନ୍ତ ହୋଇଛି । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ*

ତାଙ୍କର ବଂଶରେ ଅହେମଦିୟତ୍ ହଜ୍‌ରତ୍ ଖଲିଫତୁଲ୍ ମସିହ ଅଓ୍ୱଲ୍ ର:ଅଙ୍କ ମାଧମରେ ଆସିଥିଲା ଏବଂ ଏହାପରେ ତାଙ୍କର ଦଦା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟରେ ଲିଖିତ ଭାବରେ ବୟତ କରିଥିଲେ । ତାଙ୍କର ଜଣେ ନାତି ଅବ୍‌ଦୁଲ୍ ଖବିର୍ ରିଜଓ୍ୱାନ୍ ଏଠାରେ ୟୁ.କେରେ ପିଏସ୍ କାର୍ଯ୍ୟାଳୟରେ ସେବାରତ । ସେ ମଧ ଯମାତ୍

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଜରୁରୀ ଯେ ମାନବଜାତିର ଅଧିକାରକୁ ମଧ୍ଯ ପ୍ରଦାନ କରାଯାଉ ।

ମୁଁ ପୁଣି ଏକଥା ପଚାରୁଛି ଯେ କ'ଣ ଏପରି ଶିକ୍ଷା ପାଶ୍ଚାତ୍ୟ ସଭ୍ୟତା ପାଇଁ ବିପଦ ହୋଇପାରେ କି ? ସୁତରାଂ ମୋ ମତରେ ପାଶ୍ଚାତ୍ୟ ଦେଶର ଲୋକମାନଙ୍କର ଏପରି କଥା କହିବା ବୃଥା ହେବ ଯେ ଇସ୍‌ଲାମ୍ ଏବଂ ମୁସଲମାନମାନଙ୍କର ଏହି ଦେଶମାନ ଯଦି ମୁସଲମାନମାନେ ଏହି ସମାଜ ଅଂଶବିଶେଷ ହେବାପାଇଁ, ପଡ଼ୋଶୀମାନଙ୍କ ଅଧିକାରକୁ ପ୍ରଦାନ କରିବାପାଇଁ, ଦେଶ ଓ ଜାତିର ବିକାଶ ଓ ଉନ୍ନତି ପାଇଁ ଚେଷ୍ଟା କରିବାର ମନୋଭାବ ରଖି ଏଠାକୁ ଆସନ୍ତି, ତା'ହେଲେ ଏହା ନିନ୍ଦନୀୟ ହେବନାହିଁ ବରଂ ପ୍ରଶଂସନୀୟ ହେବ ।

କିଛି ଲୋକ ଏପରି ମନୋଭାବ ରଖିଛନ୍ତି ଯେ ମୁସଲମାନମାନଙ୍କୁ ଜିହାଦ୍ କରିବାପାଇଁ ନିର୍ଦ୍ଦେଶ ଅଛି ତେଣୁ ସେମାନେ ପାଶ୍ଚାତ୍ୟ ଦେଶରେ ଆସି ହିଂସା ଏବଂ ଯୁଦ୍ଧ ଆରମ୍ଭ କରିଦେବେ ଏବଂ ଇସ୍‌ଲାମୀୟ ସଭ୍ୟତାକୁ ବାଧ୍ୟତାମୂଳକ ଭାବରେ ଲାଗୁ କରି ସମାଜର ଶାନ୍ତି ଓ ସ୍ଥିରତାକୁ ନଷ୍ଟ କରିଦେବେ । ଏପରି ଭାବନା ଜିହାଦର ଶିକ୍ଷା ଏବଂ ସ୍ଥିରତାକୁ ନଷ୍ଟ କରିଦେବେ । ଏପରି ଭାବନା ଜିହାଦର ଶିକ୍ଷା ଏବଂ ଇସ୍‌ଲାମୀୟ ଇତିହାସର ପ୍ରାରମ୍ଭିକ ଯୁଗରେ ଲଢ଼ାଯାଇଥିବା ଯୁଦ୍ଧ ବିଷୟରେ ଭୁଲ ବୁଝାମଣା ଉପରେ ଆଧାରିତ । ବାସ୍ତବିକ ଇସ୍‌ଲାମ୍ ହତ୍ୟା ଓ ହିଂସାର ଧର୍ମ ନୁହେଁ ।

ଏକଦା ଆଁ ହଜ୍‌ରତ୍ ସ:ଆ:ସଙ୍କର ଜଣେ ସାହାବି ଇସ୍‌ଲାମୀୟ ସେନାରେ ସାମିଲ ହୋଇ ଜିହାଦ୍ କରିବା ପାଇଁ ଅନୁମତି ମାଗିଲେ । ପୈଗମ୍ବର ସାହେବ ତାଙ୍କର ନିବେଦନକୁ ଏହା କହି ରଦ୍ଦ କରିଦେଲେ ଯେ ତା'ର ମାଆ ବାପା ବୃଦ୍ଧ ଥିଲେ । ତେଣୁ ତାକୁ ଏ ନିର୍ଦ୍ଦେଶ ଦେଲେ ଯେ ସେ ଘରେ ରହି ବୃଦ୍ଧ ମାଆବାପାଙ୍କର ସେବା କରୁ ଏହା ତା' ପାଇଁ ଜିହାଦ୍ ହେବ । ଯଦି ଜିହାଦ୍‌ର ଉଦ୍ଦେଶ୍ୟ ଯୁଦ୍ଧ ଓ ହତ୍ୟାକାଣ୍ଡ ହୋଇଥା'ନ୍ତା ତେବେ ପୈଗମ୍ବର ସ:ଆ:ସ ସେହି ସାହାବିଙ୍କ ଅନୁରୋଧକୁ ଯଥାଶିଘ୍ର ଗ୍ରହଣ କରି ଇସ୍‌ଲାମୀୟ ସେନାକୁ ଶକ୍ତି ଦେବା ପାଇଁ ଅଗ୍ରାଧିକାର ଦେଇଥା'ନ୍ତେ ।

ଏହା ମଧ୍ୟ ସ୍ପଷ୍ଟ ହେବା ଜରୁରୀ ଯେ ଇସ୍‌ଲାମ୍‌ର ପ୍ରାରମ୍ଭିକ ଯୁଗରେ ଯେଉଁ ଯୁଦ୍ଧ ଲଢ଼ାଯାଉଥିଲା, ତାହାର ଉଦ୍ଦେଶ୍ୟ ଶକ୍ତି ହାସଲ କରିବା ବା ଅତ୍ୟାଚାର କରିବା ତଥା ସ୍ଥାନୀୟ ଲୋକମାନଙ୍କୁ ଜୋର ଜବରଦସ୍ତି ବାଧ୍ୟ କରି ମୁସଲମାନ କରିବ ନଥିଲା । ସେହି ଯୁଦ୍ଧର ଉଦ୍ଦେଶ୍ୟ ଥିଲା ଧର୍ମର ସୁରକ୍ଷା ଏବଂ ଧର୍ମୀୟ ସ୍ୱାଧିନତାର ପ୍ରତିଷ୍ଠା କରିବା ।

ପବିତ୍ର କୁର୍‌ଆନ୍‌ର ୨୨ତମ ସୁରଃର ଆୟତ ନଂ ୪୦ ଓ ୪୧ ରେ ଅଲ୍ଲାଃ ତାଲା କହିଛନ୍ତି ଯେ ଯଦି ଧାର୍ମିକ ସଂନ୍ତ୍ରାସବାଦକୁ ନ ରୋକାଯାଇଥାନ୍ତା ତେବେ ଗୀର୍ଜା, ଉପାସନା ପୀଠ, ମନ୍ଦିର, ମସ୍‌ଜିଦ୍ ଏବଂ ଅନ୍ୟାନ୍ୟ ପୂଜାସ୍ଥଳୀଗୁଡ଼ିକ ଭିଷଣ ବିପଦରେ ପଡ଼ିଯାଇଥାନ୍ତେ । ମକ୍କାର ଅବିଶ୍ୱାସକାରୀମାନଙ୍କର ଉଦ୍ଦେଶ୍ୟ ତ ଏହା ହିଁ ଥିଲା ଯେ ଧର୍ମର ସମସ୍ତ ଚିହ୍ନବର୍ଣ୍ଣକୁ ଏହି ମର୍ତ୍ତ୍ୟମଣ୍ଡଳରୁ ବିଲୋପ କରିଦିଆଯାଉ । ଇସ୍‌ଲାମ୍ ସମସ୍ତ ଧର୍ମର ସୁରକ୍ଷାକର୍ତ୍ତା ହେବାର ପ୍ରମାଣ ହେଉଛି ଏହା କି ସେ ସମସ୍ତ ଧର୍ମର ସୁରକ୍ଷା ନିମନ୍ତେ ଧାର୍ମିକ ସନ୍ତ୍ରାସବାଦ ସହିତ ଲଢ଼ିଲା ।

ପୁଣି ସନ୍ତାନମାନଙ୍କ ଲାଳନପାଳନ ସମ୍ବନ୍ଧରେ ପବିତ୍ର କୁର୍‌ଆନ୍‌ର ଷଷ୍ଠ ସୁରଃର ଆୟତ ନଂ ୧୫୨ରେ ଆସିଛି ଯେ ମୁସଲମାନମାନେ ନିଜର ସନ୍ତାନମାନଙ୍କୁ ହତ୍ୟା କରନ୍ତୁ ନାହିଁ । ଏଠାରେ ସନ୍ତାସମାନଙ୍କ ସହିତ ପ୍ରେମ ଓ ସ୍ନେହ କରିବାର ନିର୍ଦ୍ଦେଶ ଦିଆଯାଇଅଛି ଯଦ୍ୱାରା ସେମାନେ ବଡ଼ ହୋଇ ଅତ୍ୟନ୍ତ ଯୋଗ୍ୟ ଓ ଚରିତ୍ରବାନ ବ୍ୟକ୍ତି ବିଶେଷ ହୋଇ ଦେଶ ଓ ଜାତିର ସମ୍ପତି ହେବେ ।

ସେହିଭଳି ଇସ୍‌ଲାମ୍ ମୁସଲମାନମାନଙ୍କୁ ଏ ନିର୍ଦ୍ଦେଶ ମଧ୍ୟ ଦେଇଛି ଯେ ସେମାନେ ସମାଜର ଦୃବଳ ଶ୍ରେଣୀର ଲୋକମାନଙ୍କର ଅଧିକାରକୁ ସୁରକ୍ଷିତ ରଖନ୍ତୁ । ଉଦାହରଣ ସ୍ୱରୁପ ପବିତ୍ର କୁର୍‌ଆନ୍‌ର ଚତୁର୍ଥ ସୁରଃର ସପ୍ତମ ଆୟତରେ ମୁସଲମାନମାନଙ୍କୁ ବାଧ୍ୟ କରାଯାଇଅଛି ଯେ ସେମାନେ ଅନାଥ ପିଲାମାନଙ୍କର ଶୋଷଣକୁ ରୋକନ୍ତୁ, ସେମାନଙ୍କର ସମ୍ମାନ ଏବଂ ସେମାନଙ୍କ ଉତରାଧିକାରୀ ଅଧିକାରକୁ ସେ ପର୍ଯ୍ୟନ୍ତ ସୁରକ୍ଷା ଦିଅନ୍ତୁ ଯେ ପର୍ଯ୍ୟନ୍ତ ସେମାନେ ପ୍ରାପ୍ତ ବୟସ୍କ ହୋଇ ନିଜେ ନିଜର ମାମଲାକୁ ନିଜ ସମାଧାନ କରିପାରୁଥିବେ ।

ପାଶ୍ଚାତ୍ୟ ଦେଶଗୁଡ଼ିକରେ ଇସ୍‌ଲାମ୍ ଉପରେ ଆଉ ଏକ ଆପତି ଓ ଅଭିଯୋଗ ଏହା ଲଗାଯାଇଅଛି ଯେ ମୁସଲମାନ ମହିଳାମାନଙ୍କୁ ଓ ସେମାନଙ୍କ ଅଧିକାର ପ୍ରତି ଧ୍ୟାନ ଦିଆଯାଉନାହିଁ । ପ୍ରଥମେ ତ ଏହା ସ୍ପଷ୍ଟ ହେବା ଉଚିତ ଯେ ସର୍ବପ୍ରଥମେ ଇସ୍‌ଲାମ୍ ହିଁ ମହିଳାମାନଙ୍କୁ ଉତରାଧିକାରୀ ହେବାର ହକ୍ ପ୍ରଦାନ କରିଛି । ଖୁଲା (ଅର୍ଥାତ ଛାଡ଼ପତ୍ର) ନେବାର ଅଧିକାର ଦେଇଛି । ସେହି ଅନ୍ୟାନ୍ୟ ଅଧିକାରକୁ କାଏମ୍ କରିଛି । ତତ୍‌ସହିତ ଇସ୍‌ଲାମ୍ ମହିଳାମାନଙ୍କ ଶିକ୍ଷା ଓ ମହିଳାମାନଙ୍କର ବ୍ୟକ୍ତିଗତ ଉନ୍ନତି ପାଇଁ ସୁଯୋଗ ଯୋଗାଇ ଦେବାପାଇଁ ମଧ୍ୟ ପ୍ରବଳ ଜୋର୍ ଦେଇଥାଏ ।

ପୈଗମ୍ବର ସ:ଆ:ସଙ୍କର ଏକ ପ୍ରଶିଦ୍ଧ କଥନ ରହିଛି ଯେ ମାଆଙ୍କ ପାଦତଳେ ବୈକୁଣ୍ଠ ରହିଛି । ଏହି ବାକ୍ୟଟି ସମାଜରେ ମହିଳାମାନଙ୍କର ମହାନ୍ ଚରିତ୍ର, ପ୍ରତିଷ୍ଠା ଓ ଅନ୍ୟାନ୍ୟ ପଦମର୍ଯ୍ୟାଦାର ସ୍ୱରୁପ ଅଟେ । ମାଆମାନଙ୍କ ନିକଟରେ ,ପରି ଶକ୍ତି ଓ ଯୋଗ୍ୟତା ଅଛି ଯେ ସେ ନିଜର କୌମ୍/ ଜାତିକୁ/ସମ୍ପ୍ରଦାୟକୁ ବୈକୁଣ୍ଠରେ ପରିଣତ କରିଦେବେ ଓ ନିଜ ସନ୍ତାନମାନଙ୍କ ପାଇଁ ସ୍ଥାୟୀ ବୈକୁଣ୍ଠର ଦ୍ୱାରକୁ ଖୋଲିଦେବେ ।

ସେହିଭଳି ପବିତ୍ର କୁର୍‌ଆନ୍‌ର ଚତୁର୍ଥ ସୁରଃର ବିଂଶତମ ଆୟତରେ ମୁସଲମାନ ପୁରୁଷମାନଙ୍କୁ ଏ ନିର୍ଦ୍ଦେଶ ଦିଆଯାଇଅଛି ଯେ ସେମାନେ ନିଜ ପତ୍ନୀମାନଙ୍କ ସହିତ ପ୍ରେମ ଓ ସଦବ୍ୟବହାର କରନ୍ତୁ । ପାଶ୍ଚାତ୍ୟ ଦେଶମାନଙ୍କରେ ତ ଏମିତି କୌଣସି ଦିନ ଅତିବାହିତ ହେଉନାହିଁ । ଯେବେ ପାରିବାରିକ ହିଂସାର ଘଟଣାମାନ ଘଟି ପୋଲିସ୍ ଏବଂ କୋର୍ଟ କଚେରୀରେ ଲୋକମାନେ ଚକର କାଟୁନଥିବେ । ଅନେକ ଗବେଷଣା ଓ ରିପୋର୍ଟଗୁଡ଼ିକରୁ ଏ ବିଷୟରେ ଜଣାପଡୁଛି । ଉଦାହରଣ ସ୍ୱରୁପ ବ୍ରିଟେନ୍‌ର ଜାତୀୟ ଅନୁଷ୍ଠାନର ସମ୍ପାଦକୀୟ ୨୦୧୮ର ରିପୋର୍ଟରୁ ପ୍ରମାଣ ହେଉଛି ଯେ ଏହିସବୁ ଅପରାଧଗୁଡ଼ିକ କୌଣସି ବିଶେଷ ଧର୍ମ ସହିତ ଜଡ଼ିତ ନୁହେଁ । ନିକଟରେ ହୋଇଥିବା ଅନ୍ୟ ଏକ ରିପୋର୍ଟରୁ ଏହା ମଧ୍ୟ ପ୍ରମାଣ ହେଉଛି ଯେ ଜର୍ମାନୀ ମଧ୍ୟ ଏପରି ଘଟଣାରୁ ବର୍ତିନାହିଁ । ତେଣୁ ଇସ୍‌ଲାମ୍‌କୁ ମହିଳା ବିରୋଧି ଧର୍ମ ରୂପରେ ଅଭିହିତ କରିବା ଭିଷଣ ଅନ୍ୟାୟ ।

ଇସ୍‌ଲାମ୍ ନିଜର ଅନୁଯାୟୀମାନଙ୍କଠାରୁ ଏହା ମଧ୍ୟ ଅପେକ୍ଷା କରିଛି ଯେ ସେମାନେ ଅନ୍ୟ ଧର୍ମର ଲୋକମାନଙ୍କ ଆସ୍ଥା ବିଶ୍ୱାସ ଓ ଧାର୍ମିକ ଭାବନାକୁ ଅନୁଭବ କରୁ । ମଦିନାର ଚାର୍ଟର ଏହି ଶିକ୍ଷାର ସ୍ପଷ୍ଟ ପ୍ରମାଣ ଅଟେ ଯେଉଁଠି ତୌରାତ୍‌କୁ ଇହୁଦୀମାନଙ୍କର ଧର୍ମ ବିଧାନ ରୂପେ ସ୍ୱୀକାର କରାଯାଇଅଛି ।

ଇସ୍‌ଲାମ୍ ଧର୍ମ ଶତୃ ଓ ବିରୋଧିମାନଙ୍କ ଅଧିକାରକୁ ସୁରକ୍ଷା ପାଇଁ ମଧ୍ୟ ଶିକ୍ଷା ଦେଇଛି । ଦ୍ୱିତୀୟ ସୁରଃର ଆୟତ ନଂ ୧୯୧ରେ ବତାଯାଇଅଛି ଯେ ଯୁଦ୍ଧ ସମୟରେ ମଧ୍ୟ ବିରୋଧିମାନଙ୍କ ଉପରେ ଜୁଲମ କରିବାରୁ ରୋକାଯାଇଅଛି । ଦୁଃକର ବିଷୟ ଯେ ବର୍ତମାନ ଯୁଗରେ, ଯେଉଁମାନେ ଅତୀତ ଯୁଗର ଲୋକମାନଙ୍କଠାରୁ ଅଧିକା ସଭ୍ୟ ହେବାର ଦାବି କରୁଛନ୍ତି, ସେମାନେ ଲୋକମାନଙ୍କର, ଜାତିର ଓ ବିରୋଧିମାନଙ୍କର ଅଧିକାରକୁ କ୍ଷୁର୍ଣ୍ଣ କରି ଭିଷଣ ଜୁଲମ୍ କରିଛନ୍ତି ଏବଂ ପ୍ରତିଶୋଧ ନେବାର କୌଣସି ବା ଅବସରକୁ ହାତଛଡ଼ା କରୁନାହାନ୍ତି ।

ପବିତ୍ର କୁର୍‌ଆନ୍‌ର ପଂଚମ ସୁରଃର ଆୟତ ନଂ-୯ ଅଲ୍ଲାଃ ତାଲା କହିଛନ୍ତି ଯେ କୌଣସି ଜାତି ବା ଦଳ ସହିତ ତମର ଶତୃତା ତୁମକୁ ନ୍ୟାୟ ବିଚାର କରିବାରୁ ବଂଚିତ ନ ରଖୁ । ବରଂ ଇସ୍‌ଲାମ୍ ତ ଏ ନିର୍ଦ୍ଦେଶ ଦେଇଅଛି ଯେ ଯେକୌଣସି ପରିସ୍ଥିତିରେ ଥିଲେ ମଧ୍ୟ ନ୍ୟାୟ ଉପରେ ପ୍ରତିଷ୍ଠିତ ରହନ୍ତୁ ଓ କେବେବି ପ୍ରତିଶୋଧ ପରାୟଣ ନ ହୁଅନ୍ତୁ ।

ଏହି ଶିକ୍ଷାର ଏକ ଉତମ ଉଦାହରଣ ଦୟା ଓ କ୍ଷମା ଏହି ଅନୁପମ ବ୍ୟବହାରରୁ ଆମକୁ ମିଳିଥାଏ ଯାହାର ପ୍ରଦର୍ଶନ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଫତହ୍ ମକ୍କା ଅର୍ଥାତ ମକ୍କା ବିଜୟ ସମୟରେ କରିଥିଲେ । ଇତିହାସ ସାକ୍ଷୀ ଅଛି ଯେ ମକ୍କାରେ ମୁସଲମାନମାନଙ୍କ ଉପରେ ଜୁଲମ ଓ ଅତ୍ୟାଚାରର ପାହାଡ଼ ଭଙ୍ଗାଯାଇଥିଲା, ମୋନଙ୍କର ଜୀବନ ନିଆଗଲା, ସେମାନଙ୍କୁ ଘରୁ ବାହାର କରିଦିଆଗଲା । ଏପରି କି ସେମାନଙ୍କୁ ହିଜ୍‌ରତ୍ ଅର୍ଥାତ ଦେଶଛାଡ଼ି ଅନ୍ୟତ୍ର ପଳାୟନ କରିବାକୁ ପଡ଼ିଲା କିନ୍ତୁ ଯେବେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ମହାନ ବିଜୟ ପ୍ରାପ୍ତ କରି ମକ୍କା ଲେଉଟିଲେ, ସାରା ସହର ଆପଣ ସ:ଆ:ସଙ୍କ ଅଧିନସ୍ଥ ଥିଲା, ଏହା ସତ୍ୱେ ମଧ୍ୟ ମହାଭାଗ ସ:ଆ:ସ ଏ ଘୋଷଣା କଲେ ଯେ ମୁସଲମାନମାନଙ୍କ ଉପରେ ଅତ୍ୟାଚାର କରିଥିବା ଲୋକମାନଙ୍କର କୌଣସି ପ୍ରତିଶୋଧ ନିଆଯିବ ନାହିଁ । ମହାଭାଗ ସ:ଆ:ସ ଘୋଷଣା କଲେ ଯେ ଇସ୍‌ଲାମୀୟ ଶିକ୍ଷା ଅନୁସାରେ ମୁସଲମାନମାନଙ୍କ ଉପରେ ଅତ୍ୟାଚାର କରିଥିବା ଲୋକମାନଙ୍କୁ କ୍ଷମା କରିଦିଆଯାଉ ଓ କାହା ସହିତ ମଧ୍ୟ ଅନ୍ୟାୟ ଅନୀତି ପୂର୍ଣ୍ଣ ବ୍ୟବହାର କରାନଯାଉ । ସେ ଇସ୍‌ଲାମ୍ ଗ୍ରହଣ କରନ୍ତୁ ବା ନ କରନ୍ତୁ ।

ଇସ୍‌ଲାମ୍ ଜରିଆରେ ସମାଜର ଦୃବଳ ଶ୍ରେଣୀର ଲୋକମାନଙ୍କ ପାଇଁ ଆଉ ଏକ ବିପ୍ଳବ ଗୁଲାମି ସମ୍ବନ୍ଧରେ ଆସିଛି । ଯାହାକୁ ଇସ୍‌ଲାମ୍ ପୂର୍ବରୁ ବୈଧ ଓ ଚିରାଚରିତ ସାଧାରଣ କଥା ରୂପେ ବିବେଚିତ କରାଯାଇଥିଲା । ପବିତ୍ର କୁର୍‌ଆନ୍‌ର ସୁରଃ ନଂ-୨୪ର ଆୟତ ନଂ-୩୪ ରେ ଅଲ୍ଲାଃ ତାଲା କହିଛନ୍ତି ଯେ ଯଦି କୌଣସି ଗୁଲାମ (କ୍ରୀତଦାସ) ସ୍ୱାଧିନ ହେବାକୁ ଚାହେଁ ତା'ହେଲେ ତାକୁ ସ୍ୱାଧିନ କରିଦିଆଯାଉ । ଯଦି ତା'ଠାରୁ କିଛି ମାଲ/ଧନ କ୍ଷତିପୁରଣ ଆକାରରେ ନେବାକୁ ଜରୁରୀ ମଣେ, ତା'ହେଲେ ସେ ଉଚିତ ଓ କିସ୍ତିରେ ଗୁଲାମଠାରୁ ତାହା ନେଉ ବା ତାକୁ କ୍ଷମା କରିଦିଆଯାଉ ।

ଆଜି ବ୍ୟବହାରିକ ଦାସତ୍ୱର ଯୁଗ ତ ନାହିଁ କିନ୍ତୁ ତା ସ୍ଥାନକୁ ଅର୍ଥନୈତିକ ପ୍ରତିବନ୍ଧକ ନେଇସାରିଛି । ଶକ୍ତିଶାଳୀ ରାଷ୍ଟ୍ର ଓ ଦୃବଳ ରାଷ୍ଟ୍ରଗୁଡ଼ିର ଆପୋଷ ସମ୍ପର୍କ ମାଲିକ ଓ ଦାସ ମଧ୍ୟରେ ଥିବା ସମ୍ପର୍କୀୟ ପରିଣତ ହୋଇସାରିଛି । ଉଦାହରଣ ସ୍ୱରୁପ ଧନିକ ରାଷ୍ଟ୍ରମାନଙ୍କ ତରଫରୁ ଗରୀବ ରାଷ୍ଟ୍ରମାନଙ୍କୁ ସାହାଯ୍ୟ ନାମରେ ଦିଆଯାଉଥିବା କରଜ ଦିଆଯାଉଅଛି, ଯାହାକୁ ସ୍ୱୀକାର କରିବା ବ୍ୟତୀତ ଗରୀବ ରାଷ୍ଟ୍ରଗୁଡ଼ିକ ନିକଟରେ ଆଉ କୌଣସି ଉପାୟ ହିଁ ନାହିଁ । ସେମାନେ ଯାହା ବି ସର୍ତରଖନ୍ତୁ ତାହା ମାନିବାକୁ ଗରୀବ ରାଷ୍ଟ୍ରଗୁଡ଼ିକ ବାଧ୍ୟ । ପୁଣି ସେମାନଙ୍କ ଉପରେ ଯେଉଁ ସୁଧହାର ଲଗାଯାଉଛି, ତାହା ତାକୁ ଆହୁରି ଅସୁବିଧାରେ ପକାଇ ଦେଉଛି । ଫଳତଃ ଗରୀବ ରାଷ୍ଟ୍ରଗୁଡ଼ିକ ଧନି ରାଷ୍ଟ୍ରମାନଙ୍କ ନିକଟରେ ମୁଣ୍ଡପାତିବା ବ୍ୟତୀତ ଆଉ କିଛି ଉପାୟ ନାହିଁ । ଏହି ଗୁଲାମି ସମ୍ପୁର୍ଣ୍ଣ ରୂପେ ଅନୈତିକ ।

ଇସ୍‌ଲାମ୍ ପ୍ରାରମ୍ଭରୁ ହିଁ ଅଣମୁସଲମାନମାନଙ୍କ ଅଧିକାରକୁ ମଧ୍ୟ କାଏମ୍ କରିଦେଇଛି ଏବଂ ମୁସଲମାନମାନଙ୍କୁ ସମାଜରେ ଶାନ୍ତି ଓ ଏକତା ପ୍ରତିଷ୍ଠା କରିବା ପାଇଁ ବାଧ୍ୟ କରିଛି । ଉଦାହରଣ ସ୍ୱରୁପ ପବିତ୍ର କୁର୍‌ଆନ୍‌ର ଷଷ୍ଠ ସୁରଃର ଆୟତ ନଂ ୧୦୯ରେ ଏ ନିର୍ଦ୍ଦେଶ ଦିଆଯାଇଅଛି ଯେ ମୁସଲ୍‌ମାନମାନେ ମୁସ୍‌ରିକ (ଅର୍ଥାତ ପିତୁଳାପୂଜକ)ମାନଙ୍କ ପ୍ରତିମାକୁ ମଧ୍ୟ ଖରାପ ବୋଲି ନ କହନ୍ତୁ । ଯଦି ଏପରି କହିବେ ତା'ହେଲେ ଏହା ମୁସ୍‌ରିକ୍‌ମାନଙ୍କୁ ଅଲ୍ଲାଃଙ୍କୁ ଅପମାନିତ କରିବାପାଇଁ ପ୍ରୋତ୍ସାହନ ଦେବ ।

ଏହି ସ୍ୱଳ୍ପ ସମୟ ମଧ୍ୟରେ ମୁଁ କିଛି ପଏଂଟ ବର୍ଣ୍ଣନା କରି ଯେଉଁଥିରୁ ପ୍ରମାଣ ହେଉଅଛି ଯେ ଇସ୍‌ଲାମ୍ କିଭଳି ମାନବଜାତିର

ବକ୍ତବ୍ୟ ଦ୍ୱାରା ଆପଣମାନଙ୍କୁ ସନ୍ତୁଷ୍ଟି ମିଳିଥିବ ଯେ ଇସ୍‌ଲାମ୍ ପାଶ୍ଚାତ୍ୟ ସଭ୍ୟତା ବା ସଂସ୍କୃତି ପାଇଁ ବିପଦ ନୁହେଁ । ଯଦି କୌଣସି ମୁସଲମାନ ଜଣେ ଅଣମୁସଲମାନର ଅଧିକାରକୁ ଉଲଂଘନ କରୁଅଛି ତେବେ ଇସ୍‌ଲାମୀୟ ଶିକ୍ଷାର ଉଲଂଘନ କରୁଅଛି ଅଥବା ସେ ସେହି ଶିକ୍ଷା ବିଷୟରେ କିଛି ଜାଣିନାହିଁ ।

ମୂଳକଥା ହେଉଛି ଏହା କି ଆମେମାନେ ଏପରି ଏକ ଦୁନିଆରେ ବସବାସ କରୁଅଛେ ଯାହା ବିନାଶର ପଥରେ ଛିଡ଼ା ହୋଇଛି ଏବଂ ଆଶଙ୍କା କରାଯାଉଛି ଯେ ଏହି ଅବସ୍ଥା ଆହୁରି ଖରାପ ହେବ ।

ଏକଥା ବୁଝିବାର ଆବଶ୍ୟକ ଯେ ଶବ୍ଦର ପରିଣାମ ସୁଦୂର ପ୍ରସାରୀ ହୋଇଥାରେ ତେଣୁ ସଭ୍ୟତାର ସଂଘର୍ଷ ବିଷୟରେ ବାର୍ତାଳାପ କରିବା ପରିବର୍ତେ ଏବଂ ଦେଶ ଦେଶ ମଧ୍ୟରେ ଅନାବଶ୍ୟକ ଚାପ ପକାଇବା ପରିବେର୍ତ ଜଣେ ଅନ୍ୟଜରକ ଧାର୍ମିକ ଶିକ୍ଷା ଉପରେ ଆକ୍ରମଣ ଓ ପ୍ରତି ଆକ୍ରମଣରୁ ଦୁରେଇ ରହିବା ଜରୁରୀ । କାହାର ଆସ୍ଥା ଉପରେ ପ୍ରତିବନ୍ଧକ ଲଗାଇବା ପରିବର୍ତେ ଆମର ଏ ଧାନ ରହିବା ଉଚିତ ଯେ ଆମେ ସମସ୍ତେ ଗୋଟିଏ ସମାନ ମାନବ ଜାତିର ଅଂଶ ବିଶେଷେ ଏବଂ ପୂର୍ବଠାରୁ ଅଧିକା ଆଜି ଆମେମାନେ ଆପୋଷର ଯୋଡ଼ି ହୋଇ ରହିଛେ । ବିଭିନ୍ନ ରଙ୍ଗ, ଜାତି ଏବଂ ଧର୍ମର ସମ୍ମାନ କରି ଆମକୁ ଏକତାର ସ୍ଥାପନା ପ୍ରତି ଧ୍ୟାନ ଦେବା ଉଚିତ ଫଳତଃ ଏ ଦୁନିଆରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ହୋଇପାରିବ ।

କିଛି ବର୍ତମାନର ପରିସ୍ଥିତି ଏହାର ଓଲଟା । ମୁସଲମାନ ହୁଅନ୍ତୁ ଅବା ଅଣମୁସଲମାନ, ପ୍ରତ୍ୟେକ ଜାତି ନିଜର ସ୍ୱାର୍ଥକୁ ଦୁନିଆର ବ୍ୟାପକ ସ୍ୱାର୍ଥ ଉପରେ ଅଗ୍ରାଧିକାର ଦେଇ ନ୍ୟାୟ ଓ ନୈତିକତା ସୀମାକୁ ଅତିକ୍ରମ କରି ନିଜର ଉଦ୍ଦେଶ୍ୟକୁ ପ୍ରାପ୍ତ କରିବାକୁ ଅଂଟା ଭିଡ଼ିଛି । ଅତୀତର ଅନ୍ଧକାରମୟ ଯୁଗ ପରି ବିରୋଧିଦଳଗୁଡ଼ିକ ଏକତ୍ର ହୋଇ ଗୋଷ୍ଠୀ ତିଆରି କରୁଛନ୍ତି । ଏପରି ଲାଗୁଛି ଯେ ଏ ଦୁନିଆ ନିଜର ବିନାଶକୁ ଡ଼ାକି ଆଣିବା ପାଇଁ ଜିଦ୍ ଧରିଛି ।

ଆଜି ନେକ ଦେଶ ଏପରି ଆଣବିକ ଅସ୍ତ୍ରଶସ୍ତ୍ର ଓ ବିଧ୍ୱଂସକାରୀ ଅସ୍ତ୍ର ହାସଲ କରିସାରିଛନ୍ତି, ଯାହା ଆଲୋଚନା ଚାଲିଥିବା ସଭ୍ୟତାକୁ ଧ୍ୱଂସ କରିଦେବାକୁ ଶକ୍ତି ରଖିଛନ୍ତି । କିଏ କହିପାରିବ ଯେ ଏହି ଅସ୍ତ୍ରଶସ୍ତ୍ର ବ୍ୟବହାର ହେବନାହିଁ ବା ଭୁଲ ହାତରେ ନପଡ଼ିବ ବୋଲି ? ଯଦି ଏହି ଆଣବିକ ଅସ୍ତ୍ର କେବେ ବ୍ୟବହାର ହୋଇଯାଏ ତାହାର କୁପରିଣାମ କେବଳ ଆମ ଉପରେ ହିଁ ପଡ଼ିବନାହିଁ ବରଂ ଆମର ସନ୍ତାନ ଓ ଆସନ୍ତା ପୀଢ଼ୀ ମଧ ଆମ ପାପର ଦଣ୍ଡ ଭୋଗିବେ । ଅନେକ ପୀଢ଼ୀ ପର୍ଯ୍ୟନ୍ତ ମାନସିକ ଓ ଶାରୀରିକ ଅକ୍ଷମ ପିଲାମାନେ ଜନ୍ମ ହେବେ । ଯାହାଙ୍କ ଆକାଂକ୍ଷା ଏବଂ ସ୍ୱପ୍ନ ଉଜୁଡ଼ି ଯିବାରେ ସେମାନଙ୍କର ନିଜର କୌଣସି ଭୂଲ ନଥିବ ।

କଣ ଆମେମାନେ ନିଜର ଆସନ୍ତା ପୀଢ଼ୀ ନିମନ୍ତେ ଏପରି ଉତରାଧିକାରୀ ଛାଡ଼ି ଯିବାକୁ ଚାହିଁବା ? ଅବଶ୍ୟ ନୁହେଁ ।

ତେଣୁ ଧାର୍ମିକ, ଜାତିଗତ ବା ରାଜନୈତିକ ମତଭେଦର ଭିତିପ୍ରସ୍ତର ଉପରେ ଘୃଣାର ନିଆଁକୁ ଜଳାଇବା ପରିବେର୍ତ ଆମକୁ ନିଜର ଆଚରଣକୁ ପରିବର୍ତନ କରିବା ଆବଶ୍ୟକ । ବିଳମ୍ବ ହେବା ପୂର୍ବରୁ ଏପରି କରିବା ଆବଶ୍ୟକ ।

ଆସନ୍ତୁ ସମସ୍ତ ମତଭେଦକୁ ଅଲଗା ରଖି ପାରସ୍ପରିକ ସମ୍ମାନ, ସହନଶୀଳତା ଏବଂ ପ୍ରେମର ଆତ୍ମା ସହିତ ବିଶ୍ୱଶାନ୍ତି ଏବଂ ଧର୍ମୀୟ ସ୍ୱାଧିନତାକୁ ପ୍ରତିଷ୍ଠା କରିବା ପାଇଁ ମିଳିମିଶି ଚେଷ୍ଟା କରିବା । ଏହି ଶବ୍ଦଗୁଡ଼ିକ ସହିତ ହିଁ ପୁଣିଥରେ ଆପଣମାନଙ୍କୁ ଏହି ସଭାରେ ଯୋଗ ଦେବା ଯୋଗୁଁ ଧନ୍ୟବାଦ ଆର୍ପଣ କରୁଛି ବହୁତ ବହୁତ ଧନ୍ୟବାଦ ।

ହଜୁର ଅନଓ୍ୱର ଅ:ବ:ଅଙ୍କର ଏହି ଅଭିଭାଷଣ ୮:୧୭ ମିନିଟରେ ଶେଷ ହେଲା । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ଓ ଉପସ୍ଥିତ ଅତିଥିମାନେ ନିଜ ନିଜ ଶୈଳୀରେ ଏହି ସାମୁହିକ ପ୍ରାର୍ଥନାରେ ସାମିଲ ହେଲେ । ତା'ପରେ ଅତିଥିମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସାଥିରେ ଭୋଜନ କଲେ ।

ରାତ୍ରଭୋଜନ କରିବା ପରେ ଅନେକ ଅତିଥି ହଜୁର ଅନଓ୍ୱର ଅ:ବ:ଅଙ୍କ ନିକଟକୁ ଯାଇ ସାକ୍ଷାତ କରୁଥାନ୍ତି ଓ ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ସେହି ଅତିଥିମାନଙ୍କ ସଙ୍ଗେ ବାର୍ତାଳାପ କରୁଥାନ୍ତି । କେତେକ ଅତିଥି ହଜୁର ଅନଓ୍ୱର ଅ:ବ:ଅଙ୍କ ନିକଟରେ ଥିବା ଚୌକିରେ ଯାଇ ବସିଯାଉଥିଲେ ଓ ବହୁ ସମୟ ପର୍ଯ୍ୟନ୍ତ ହଜୁରଙ୍କ ସହିତ କଥା ହେଉଥିଲେ ଏବଂ ଫଟୋ ମଧ ଉଠାଉଥିଲେ ।

ଠିକ୍ ୯:୪୫ ମିନିଟରେ ଏହି ସଭା ସାଙ୍ଗ ହେଲା ଏବଂ ହଜୁର ଅନଓ୍ୱର ଅ:ବ:ଅ ହୋଟେଲ୍‌ରୁ ବାହାରକୁ ବାହାରିଲେ । ଏହି ହୋଟେଲ୍‌ରୁ ମସ୍‌ଜିଦ୍ ଖଦିଜାଃ ବର୍ଲିନ୍ ନିମନ୍ତେ ଯାତ୍ରା କରିବା ପୂର୍ବରୁ Branden Burger Gate ସମ୍ମୁଖରେ ସ୍ଥାନିୟ ବ୍ୟବସ୍ଥାପିକା ଏବଂ କାଫିଲାର ସଦସ୍ୟମାନେ ନିଜ ପ୍ରୀୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଏଠାରୁ ଯାତ୍ରା ଆରମ୍ଭ କରି ମସ୍‌ଜିଦ୍ ଖଦିଜାଃ ବର୍ଲିନ୍‌ରେ ପହଂଚିଲେ । ଠିକ୍ ୧୦:୧୫ ମିନିଟରେ ମସ୍‌ଜିଦ୍ ଖଦିଜାଃ ଠାରେ ମଗ୍‌ରିବ ଏବଂ ଇଶା ନମାଜ ଜମା କରି ପଢ଼ାଇଲେ । ନମାଜ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଅତିଥିମାନଙ୍କର ବିଶ୍ୱାସବର୍ଦ୍ଧକ ମନୋଭାବ ବ୍ୟକ୍ତ**

ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣକୁ ଶୁଣୁଥିବା ମେମ୍ବର ଅଫ୍ ପାର୍ଲିଆମେଂଟ ଏବଂ ଅନ୍ୟାନ୍ୟ ସରକାରୀ ପଦାଧିକାରୀ ଓ ଅନ୍ୟାନ୍ୟ ଅତିଥିମାନେ ବହୁତ ପ୍ରଭାବିତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଅନେକ ଅତିଥି ନିଜର ମନୋଭାବକୁ ବ୍ୟକ୍ତ କରିଛନ୍ତି ।

ମେମ୍ବର ଅଫ୍ ଜର୍ମାନ ପାର୍ଲିଆମେଂଟ Bettina Muller ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ଯମାତ୍ ଅହେମଦୀୟାର ଇମାମଙ୍କ ଅଭିଭାଷଣରୁ ଶାନ୍ତିର ବାସ୍ନା ଆସୁଥିଲା ଏବଂ ତାଙ୍କ ଅସ୍ତିତ୍ୱରେ ମଧ ଶାନ୍ତି, ସୁରକ୍ଷା ଏବଂ ସତ୍ୟର ବିଶେଷଗୁଣ ଥିଲା । ଯାହା ପ୍ରୋଗ୍ରାମ ଚାଲିଥିବା ସମୟରେ ସମ୍ପୂର୍ଣ୍ଣ ପରିବେଶରେ ମତେ ଅନୁଭବ ହେଉଥିଲା ।

Member of Parliament Zaklin Nastic Sb କହିଲେ, ଇମାମ୍ ଯମାତ୍ ଅହେମଦିୟା ନିଜର ବିଚାରକୁ ସବୁ ପାର୍ଶ୍ୱରୁ ସ୍ପଷ୍ଟ କରିଦେଲେ ଓ ସେଥିରେ କୌଣସି ପ୍ରକାର ସନ୍ଦେହର ଅବକାଶ ରହିବାକୁ ଦେଲେନାହିଁ । ଏହିଭଳି ସ୍ପଷ୍ଟ ଭାବରେ ଓ ଶୈଳୀରେ ଯେଉଁ ଅଭିଭାଷଣ ଦେଇଛନ୍ତି ତାହା ସତ୍ୟ ଓ ସଙ୍କୋଚ ଗୁଣ ବିନା ସମ୍ଭବ ନୁହେଁ । ଇମାମ୍ ଯମାତ୍ ଅହେମଦିୟାଙ୍କର ପ୍ରତିଟି ଶବ୍ଦ ସହିତ ମୁଁ ସହମତ ।

Alexander Radwan ସାହେବ ଯିଏ ମେମ୍ବର ଅଫ୍ ପାର୍ଲିଆମେଂଟ ଅଛନ୍ତି ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ଯମାତ୍ ଅହେମଦିୟାର ଇମାମ୍ ଯେଉଁ ଶାନ୍ତି ଓ ସୁରକ୍ଷାର ବାର୍ତା ଦେଇଛନ୍ତି ତାହାର ଉତ୍ସ ହେଉଛି ପବିତ୍ର କୁରଆନ୍ ଓ ସେ ନିଜ ମତର ସମର୍ଥନ ପବିତ୍ର କୁରଆନ୍ ଏବଂ ଇସ୍‌ଲାମ୍‌ର ପ୍ରତିଷ୍ଠାତାଙ୍କ ବାଣି ଦ୍ୱାରା ହିଁ କରିଛନ୍ତି । ଯଦିଚ ଏହି ବିଷୟ ଏକ ନୂଆ ବିଷୟ ଥିଲା ଓ ଏ ଯୁଗର ଉପଯୋଗୀ ଥିଲା, କିନ୍ତୁ ଖଲିଫା ସାହେବ ନିଜର ବିଚାରକୁ ପୁରାତନ ଇସ୍‌ଲାମି ଉତ୍ସରୁ ପ୍ରମାଣିତ କଲେ ଯେ, ଇସ୍‌ଲାମ୍ ଏବଂ ପବିତ୍ର କୁରଆନ୍ ପ୍ରଥମ ଦିନରୁ ହିଁ ଧର୍ମର ମୂଳଦୁଆ ପକାଇଛି ଓ ପ୍ରଥମ ଦିନରୁ ହିଁ ମାନବଜାତି ପ୍ରତି ସହାନୁଭୂତି ଓ ଶାନ୍ତି ଓ ସୌହାର୍ଦ୍ଧ୍ୟର ଶିକ୍ଷା ଉପରେ ଏହା ଆଧାରିତ । ମୋ ମତରେ ଏହି ଭାଷଣଟିକୁ ବ୍ୟାପକ ରୂପେ ପ୍ରଚାର ପ୍ରସାର କରିବା ଉଚିତ ଯଦ୍ୱାରା ପାଶ୍ଚାତ୍ୟ ଦେଶଗୁଡ଼ିକରେ ଇସ୍‌ଲାମ୍ ସମ୍ବନ୍ଧରେ ପ୍ରକୃତ

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

---

**ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

(ଖୁତ୍‌ବା ଯୁମାଃ ପ୍ରଦତ୍ତ ୨୭ ଜାନୁୟାରୀ ୨୦୧୭)

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

---

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

---

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢ଼ିନେବେ ।

---

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଶିକ୍ଷା ସାଧାରଣ ଲୋକମାନେ ଅବଗତ ହୋଇପାରିବେ ।

Christine Buchholz ସାହିବା ସେ ମଧ୍ୟ ଜଣେ ମେମ୍ବର ଅଫ୍ ପାର୍ଲିଆମେଂଟ, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ଯମାତ୍ ଅହେମଦିୟାର ଇମାମ୍ ସାମୂହିକ ପରିସ୍ଥିତିକୁ ବିଲ୍‌କୁଲ୍ ସଠିକ୍ ରୂପେ ଅନୁଭବ କରିଛନ୍ତି । ଯେହେତୁ ସେ ରୋଗକୁ ଜାଣିପାରିଛନ୍ତି ତେଣୁ ତାଙ୍କ ଦ୍ୱାରା ବତାଇଯାଇଥିବା ଉପଚାର ମଧ୍ୟ ଏ ସମାଜରେ ଥିବା ଅଶାନ୍ତିକୁ ଦୂର କରିପାରିବ ।

Gokhal Yesil ସାହିବା କହିଲେ, ଯମାତ୍ ଅହେମଦିୟାର ଇମାମ୍‌ଙ୍କର ଦଲିଲ୍ ଯୁକ୍ତ ବିଚାର ମୋ ଉପରେ ଗଭୀର ପ୍ରଭାବ ପକାଇଛି ଓ ମୁଁ ଆଶା କରୁଛି ଯେ, ଯେଉଁ ପର୍ଯ୍ୟନ୍ତ ଏହି ବାର୍ତା ପହଂଚିବ ସେଠାରେ ଜଣେ ବିଦ୍ୱେଷଭାବ ନ ରଖିଥିବା ମଣିଷ ଏହାକୁ ମାନିବା ପାଇଁ ସଙ୍କୋଚ କରିବନାହିଁ ।

Niel Annen ସାହେବ ଯିଏ ଦେଶର ମନ୍ତ୍ରୀ ଅଛନ୍ତି ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ, ଯେଉଁପରି ସ୍ୱଷ୍ଟ ଭାବରେ ବ୍ୟାଖ୍ୟା କରି ଓ ବିଶ୍ଳେଷଣ କରି ଇମାମ୍ ଯମାତ୍ ଅହେମଦିୟା ଇସ୍‌ଲାମ୍, ଅହେମଦିୟତ ଏବଂ ମୋଟାମୋଟି ଭାବେ ଧର୍ମର ସଂଜ୍ଞା ଓ ସାମାଜିକ ଦାୟିତ୍ୱବୋଧକୁ ବର୍ଣ୍ଣନା କଲେ । ତାହାକୁ ବୁଝିବା ପରେ ମୋ ପାଇଁ ଏହା ବହୁତ ସହଜ ହୋଇଗଲା ଯେ, ମୁଁ ଏହି ଯମାତ୍ ଉପରେ ପାକିସ୍ତାନରେ ଯେଉଁ ଅତ୍ୟାଚାର କରାଯାଉଛି ଓ ଏହି ଯମାତ୍‌ର ହକ୍‌କୁ ମରାଯାଉଛି, ମୁଁ ଯଥା ସମ୍ଭବ ଏ ସମ୍ବନ୍ଧରେ ଫୋରମ୍‌ରେ ସ୍ୱର ଉତୋଳନ କରିବି । ଏବେ ମୁଁ ଅନୁଭବ କରୁଛି ଯେ, ମାନବିକ ଅଧିକାରର ସୁରକ୍ଷା ନିମନ୍ତେ ଯମାତ୍ ଅହେମଦିୟାର ସ୍ୱର ଉତୋଳନ କରିବା କୌଣସି ଗୋଟିଏ ଧର୍ମ ବା ଫିର୍କା ପାଇଁ ନୁହେଁ ବରଂ ସାମୂହିକ ଓ ଆର୍ନ୍ତଜାତିକ ସ୍ତରରେ ମାନବିକ ମୂଲ୍ୟବୋଧ ସୁରକ୍ଷା ପାଇଁ ଏକ ଚେଷ୍ଟା ।

Christoph Strack ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ମୁଁ ମୋ ଜୀବନରେ ବୋଧ ହୁଏ କେବେ ଏପରି ପ୍ରୋଗ୍ରାମ ଦେଖିଥିବି ବା ଏପରି କୌଣସି ପ୍ରୋଗ୍ରାମରେ ସାମିଲ ହୋଇଥିବି ଯାହାକୁ ମୁସଲମାନମାନେ ଅନୁଷ୍ଠିତ କରିଥିବେ ଓ ତାହାର ସମ୍ପୂର୍ଣ୍ଣ ବାତାବରଣଟି ଶାନ୍ତିପୂର୍ଣ୍ଣ ଥିବ ଓ ସେଥିରେ ହେଉଥିବା ବାର୍ତାଳାପ ଏତେମାତ୍ରାରେ ଯୁକ୍ତିଯୁକ୍ତ ଓ ପ୍ରମାଣ ଭିତିକ ହୋଇଥିବ । ମତେ ବହୁତ ଖୁସି ଲାଗିଲା ଯେ, କୌଣସି ଲୋକର ଦୃଷ୍ଟି ବାହ୍ୟ ସଭ୍ୟତା ଓ ସଂସ୍କୃତି ଏବଂ ସାମାଜିକ ଉନ୍ନତୀ ଭିତରେ ଲୁଚି ରହିଥିବା ମତଭେଦକୁ ଦେଖିପାରୁଛି । ଯମାତ୍ ଅହେମଦିୟାର ଇମାମ୍‌ଙ୍କ ଅସ୍ତିତ୍ୱରେ ଥିବା ସତ୍ୟ ଓ ମାନବଜାତି ପାଇଁ ଥିବା ନିଃସ୍ୱାର୍ଥପର ଭାବ ଏହାକୁ ଶକ୍ତି ଯୋଗାଉଛି ଯେ, ସେ ଖୋଲାଖୋଲି ଭାବେ ମଣିଷ ଜାତିର ମୁଣ୍ଡ ଉପରେ ଘୂରି ବୁଲୁଥିବା ଆଣବିକ ଯୁଦ୍ଧର ବିପଦକୁ ସ୍ୱଷ୍ଟ ଭାବରେ ସର୍ତକ କରୁ ।

ଏମିନିଷ୍ଟ ଇଂଟରନ୍ୟାସନାଲର ପ୍ରବକ୍ତା ଯନାବ୍ ଶାହ୍ ସାହେବ କହୁଛନ୍ତି ଇମାମ୍ ଯମାତ୍ ଅହେମଦିୟାଙ୍କ ଭାଷଣ ବ୍ୟତିତ ତାଙ୍କର ବ୍ୟକ୍ତିଗତ ପ୍ରଭାବ ମଧ୍ୟ ଏତେ ଗଭୀର ଯେ, ମତେ ତାଙ୍କର କଥା ଶୁଣି ମନଭିତରେ ଶାନ୍ତି ଅନୁଭବ ହେଉଥିଲା । ଏବଂ ସେ ତାଙ୍କ ପୂର୍ବରୁ ଥିବା ଖଲିଫାଙ୍କ ଟିପ୍ପଣୀ ଦେଇ ସେ ଧର୍ମ ଓ ସଂସ୍କୃତିର ଯେଉଁ ସଂଜ୍ଞା ବର୍ଣ୍ଣନା କଲେ ଓ ଆପୋଷରେ ଏହି ଦୁଇଟି ମଧ୍ୟରେ ଯେଉଁ ସମ୍ବନ୍ଧ ଅଛି ସେ ବିଷୟରେ ଯାହା କିଛି ବତାଇଲେ, ତାହା ଏହି ନୂଆ ଯୁଗର ଜ୍ଞାନୀଗୁଣି ଲୋକମାନେ ଅସ୍ୱୀକାର କରିପାରିବେ ନାହିଁ । ଖଲିଫା ପବିତ୍ର କୁର୍‌ଆନ୍‌ର ଆୟତଗୁଡ଼ିକୁ ବହୁତ ସୁନ୍ଦର ଶୈଳୀରେ ବ୍ୟାଖ୍ୟା କରି ବୁଝାଇଦେଲେ । ଏହି ଆୟତଗୁଡ଼ିକ ହେଉଛି ସେହି ଆୟତ ଯାହାକୁ ଇସ୍‌ଲାମ୍ ପ୍ରତି ବିଦ୍ୱେଷଭାବ ରଖିଥିବା ଲୋକମାନେ ସଠିକ୍ ଭାବେ ନ ବୁଝି ତାହାର ଭୁଲ କଳନା କରୁଛନ୍ତି ।

ଯନାବ Fillis Lupot ସାହେବ ମେମ୍ବର ଅଫ୍ ପାର୍ଲିଆମେଂଟ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ଇମାମ୍ ଯାମତ୍ ଅହେମଦିୟା ହେଉଛନ୍ତି ଜଣେ ବିନମ୍ର ସ୍ୱଭାବର ବ୍ୟକ୍ତି ଏବଂ ସମାଜରେ ଥିବା ତଳ ସ୍ତର ପର୍ଯ୍ୟନ୍ତ ତାଙ୍କର ଯେଉଁ ନଜର ରହିଛି ଏବଂ ଯେଉଁଭଳି ସେ ମାନବଜାତି ପ୍ରତି ସହାନୁଭୂତି ଦେଖାଉଛନ୍ତି ଏବଂ ମାନବିକ ମୂଲ୍ୟବୋଧର ସମ୍ମାନ କରିବାପାଇଁ କଥା ହେଉଛନ୍ତି ସେଥିରୁ ମୁଁ ଏହା ବୁଝୁଛି ଯେ, ତାଙ୍କର ସାଧାରଣ ଲୋକମାନଙ୍କ ସହିତ ବହୁତ ଗଭୀର ନିଜି ସମ୍ପର୍କ ରହିଛି । ଧାର୍ମିକ ଓ ରାଜନୈତିକ ଲିଡ଼ରମାନେ ଯେଉଁଭଳି ସାଧାରଣ ଲୋକମାନଙ୍କଠାରୁ ଦୂରେଇ ରହୁଛନ୍ତି ଇମାମ୍ ଯମାତ୍ ଅହେମଦିୟାଙ୍କର ବ୍ୟକ୍ତିତ୍ୱ ତାହାଠାରୁ ଉର୍ଦ୍ଧ୍ୱରେ ।

Prof. Heribert Hirte Sb ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ଇମାମ୍ ଯମାତ୍ ଅହେମଦିୟା ନିଜ ଯମାତ୍‌କୁ ଶିକ୍ଷା କ୍ଷେତ୍ରରେ ସ୍ୱତନ୍ତ୍ର କରାଇ ଯମାତ୍ ଅହେମଦୀୟାକୁ ଅନ୍ୟାନ୍ୟ ସମସ୍ତ ଧାର୍ମିକ ଯମାତ୍‌ଗୁଡ଼ିକଠାରୁ ସ୍ୱତନ୍ତ୍ର କରି ଛିଡ଼ା କରିଦେଇଛନ୍ତି । ଯେଉଁ ଯମାତ୍‌ର ଲୋକମାନେ ଶିକ୍ଷା ଉପରେ ଏତେ ଧ୍ୟାନ ଦିଅନ୍ତି ସେମାନଙ୍କର ଲକ୍ଷ୍ୟ ହେଉଛି ଏହା କି ସେମାନେ ନେତୃତ୍ୱ ନେବେ ନାଁ କି ଅନ୍ଧ ଭାବରେ ଅନୁସରଣ କରିବେ । ତେଣୁ ଧାର୍ମିକ ପରିଧି ମଧ୍ୟରେ ଏହିଭଳି ଓଜନ ରଖୁଥିବା ମାର୍ଗଦର୍ଶକଙ୍କ ସଙ୍ଗେ ମିଶି ମତେ ବହୁତ ଖୁସି ଲାଗିଲା ।

Axel Knoerig Sb ମେମ୍ବର ଅଫ୍ ପାର୍ଲିଆମେଂଟ କହିଲେ, ଏ ଯୁଗରେ ଲିଡ଼ରଶିପ୍ ପବ୍ଲିକ୍ ଏବଂ ନାଗରିକମାନଙ୍କ ଦୁଃଖ ଓ ଦୁର୍ଦ୍ଦଶାଠାରୁ ଦୁରରେ ରହିଛି ଏବଂ କେବଳ ସେମାନଙ୍କର ଅସୁବିଧାକୁ ଓ ସମସ୍ୟା ବିଷୟରେ ଚର୍ଚ୍ଚା କରୁଛନ୍ତି କିନ୍ତୁ ସେଥିପ୍ରତି ସହାନୂଭୁତି ଓ ସମ୍ବେଦନା ଦେଖାଉନାହାନ୍ତି । ମତେ ଖୁସି ଲାଗିଲା ଯେ, ଇମାମ୍ ଯମାତ୍ ଅହେମଦିୟା ତାଙ୍କ ଭାଷଣରେ ଏହି ସବୁ ସମସ୍ୟା ପ୍ରତି ସହାନୂଭୁତି ଓ ଦୁଃଖର ପ୍ରକାଶ କରିଛନ୍ତି ଓ ତାଙ୍କ ଅସ୍ତିତ୍ୱରେ ମାନବତା ପ୍ରତି ପ୍ରେମ ଓ ସହାନୂଭୁତିର ଲକ୍ଷଣ ମିଳୁଅଛି । ମୁଁ ଯାଇ ଏହି ଅଭିଭାଷଣକୁ ପୂର୍ନବାର ପଢ଼ିବି ଓ ଯେଉଁ ପର୍ଯ୍ୟନ୍ତ ମୋର ପହଂଚ ଅଛି ସେ ପର୍ଯ୍ୟନ୍ତ ମୁଁ ଏହାକୁ ଆଗକୁ ବଢ଼ାଇବା ପାଇଁ ଯଥା ସମ୍ଭବ ଚେଷ୍ଟା କରିବି ।

Filiz Polat ସାହିବା ଯିଏ ମେମ୍ବର ଅଫ୍ ପାର୍ଲିଆମେଂଟ ଅଛନ୍ତି, ସେ କହୁଛନ୍ତି ଇମାମ୍ ଯମାତ୍ ଅହେମଦିୟା ସାଂସ୍କୃତିକ ବ୍ୟବସ୍ଥାର ଯେଉଁଭଳି ସଂଜ୍ଞା ନିରୂପଣ କଲେ ତାହା ଅତି ଉଚ୍ଚକୋଟୀର ପରେ ଯେତେବେଳେ ମୁଁ ତାଙ୍କ ସହିତ ବାର୍ତାଳାପ କରିବାର ଅବସର ପାଇଲି ମୁଁ ତାଙ୍କ ସହିତ ପରିବେଶ ଓ ଜଳବାୟୁର ସୁରକ୍ଷା ସମ୍ବନ୍ଧରେ କଥା ହେଲି ସେ କହିଲେ ଯେ, ଏହା ହେଉଛି ଏକ ଆର୍ନ୍ତଜାତିୟ ସମସ୍ୟା ଓ ଯେପର୍ଯ୍ୟନ୍ତ ସବୁ ଦେଶଗୁଡ଼ିକ ସାମୁହିକ ଭାବେ ଏହାର ଚେଷ୍ଟା ନ କରିଛନ୍ତି ତାହେଲେ ସକରାତ୍ମକ ଫଳ ମିଳିବା ଅସମ୍ଭବ ଓ ଏହିଭଳି ସମସ୍ୟାର ସମାଧାନ କୌଣସି ଗୋଟିଏ ଦେଶର ଚେଷ୍ଟା ଦ୍ୱାରା ସମ୍ଭବ ନୁହେଁ । ମତେ ବହୁତ ଖୁସି ଲାଗିଲା ଯେ, ମାନବ ସମାଜ ପ୍ରତି ଥିବା ସଙ୍କଟ ଉପରେ ଇମାମ୍ ଯମାତ୍ ଅହେମଦିୟାଙ୍କର ଗଭୀର ଦୃଷ୍ଟି ରହିଛି

Sabine Leidig ସାହିବା ଯିଏ ମେମ୍ବର ଅଫ୍ ପାର୍ଲିଆମେଂଟ ଅଛନ୍ତି । ସେ କହିଲେ, ମୋର ସମ୍ବନ୍ଧ କୌଣସି ଧର୍ମ ସହିତ ନାହିଁ କିନ୍ତୁ ଗୋଟିଏ ଧର୍ମର ସର୍ବୋଚ୍ଚ ନେତା ଇମାମ୍ ଯମାତ୍ ଅହେମଦିୟା ଆସନ୍ତା ପୀଢ଼ୀର ଦରଦକୁ ଯେଉଁଭଳି ସମୟ ପୂର୍ବରୁ ଅନୁଭବ କରି ଆଜିକାର ଲିଡ଼ରଶିପ୍‌କୁ ସଚେତନ କରାଇଲେ ତାହା ମୋ ମନ ଉପରେ ଗଭୀର ପ୍ରଭାବ ପକାଇଲା । ଓ ମୋର ଏ ଆନ୍ତରିକ ଇଚ୍ଛା ଯେ, ତାଙ୍କର ଏହି ବାର୍ତା ସର୍ବସାଧାରଣ ହେଉ ଯଦ୍ୱାରା ମଣିଷର ସାମୁହିକ ଚିନ୍ତାଧାରା ଏ ସମ୍ବନ୍ଧରେ ଜାଗ୍ରତ ହୋଇପାରିବ ଓ ଆସନ୍ତା ପୀଢ଼ୀର ଦାୟିତ୍ୱକୁ ବୁଝିପାରିବ । ଆଜି His Holiness ଙ୍କର ଯେଉଁ ବାର୍ତା ଥିଲା ତାହା ମୋ ମନକୁ ଛୁଇଁଛି ଓ ମୋ ମନ ଉପରେ ପ୍ରଭାବ ପକାଇଛି । କାରଣ ସେ ଶାନ୍ତିର ବାର୍ତା ଦେବା ସହିତ ଆଉ ଯେଉଁ କଥା ପ୍ରତି ଧ୍ୟାନ ଆକର୍ଷଣ କରାଇଲେ ତାହା ହେଉଛି ପିଲାମାନେ ଅର୍ଥାତ ତାଙ୍କୁ ପିଲାମାନଙ୍କ ସମ୍ବନ୍ଧରେ ବହୁତ ଚିନ୍ତା ରହିଛି ବିଶେଷ ରୂପେ ଆଣବିକ ଅସ୍ତ୍ରର ବିପଦ ବିଷୟରେ ସେ ସଚେତନ କରାଇଛନ୍ତି । ଖଲିଫା ସାହେବଙ୍କୁ କେବଳ ବର୍ତମାନ ଯୁଗର ଲୋକମାନଙ୍କ ସହିତ ପ୍ରେମ ଓ ସ୍ନେହ ନାହିଁ ବରଂ ଆସନ୍ତାକୁ ଯେଉଁ ପୀଢ଼ୀ ଜନ୍ମ ନେବେ ସେମାନଙ୍କର ମଧ୍ୟ ଚିନ୍ତା ରହିଛି ଓ ସେମାନଙ୍କ ସହିତ ପ୍ରେମ ଓ ସ୍ନେହ ରହିଛି । ଆଜି ମତେ ଇସ୍‌ଲାମ୍ ସମ୍ବନ୍ଧରେ ବିଶେଷରୂପେ ଏକଥା ସ୍ୱଷ୍ଟ ହୋଇଗଲା ଯେ, ମହିଳାମାନଙ୍କର ଇସ୍‌ଲାମ୍‌ରେ କଣ ସ୍ଥାନ ରହିଛି ଏବଂ ମହିଳାମାନଙ୍କର ସମ୍ମାନ ଓ କ'ଣ ଗୁରୁଦାୟିତ୍ୱ ରହିଛି ଖଲିଫା ସେ ବିଷୟରେ ଆଜି ଚର୍ଚ୍ଚା କଲେ ।

*କ୍ରମଶଃ*

## ତହ୍‌ରିକ୍-ଏ-ଜଦିଦ୍ ଚାନ୍ଦା ସମ୍ପୁର୍ଣ୍ଣ ରୂପେ ପଇଠ କରିବା ପ୍ରତି ଧ୍ୟାନ ଦିଅନ୍ତୁ

ଯେମିତି କି ଜମାତ୍‌ର ସଦସ୍ୟମାନେ ଏ କଥା ଜାଣିଛନ୍ତି ଯେ ତହ୍‌ରିକ୍-ଏ-ଜଦିଦ୍‌ର ଚଳିତ ବର୍ଷରୁ ଛଅ ମାସ ବିତିଗଲାଣି । ୱ୍କାଲତେ ମାଲ୍‌ଙ୍କ ସମୀକ୍ଷା ମୁତାବକ ଏ ପର୍ଯ୍ୟନ୍ତ ଅନେକ ୱ୍ୱାଦା (ଅର୍ଥାତ ପ୍ରତିଜ୍ଞା) କରିଥିବା ଲୋକମାନଙ୍କର ଚାନ୍ଦା ପଇଠ ହେବାକୁ ବାକି ଅଛି । ହିନ୍ଦୁସ୍ଥାନର ସମସ୍ତ ଜିଲ୍ଲା ଅମୀର୍, ସ୍ଥାନୀୟ ଅମୀର ଏବଂ ସଦର୍ ସାହେବ ଓ ତହ୍‌ରିକ୍-ଏ-ଜଦିଦ୍‌ର ସେକ୍ରେଟାରୀ ସାହେବମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନେ ସ୍ଥାନୀୟ ମୁବଲ୍ଲିଗୀନ୍ ଓ ମୁଅଲ୍ଲମୀନ୍ ସାହେବମାନଙ୍କ ସାହାଯ୍ୟ ଓ ସହଯୋଗ ନେଇ ଚାନ୍ଦା ତହ୍‌ରିକ୍-ଏ-ଜଦିଦ୍ ପଇଠ କରିବା ସମ୍ବନ୍ଧରେ ''ହଫ୍‌ତା ମାଲ୍ ତହ୍‌ରିକ୍-ଏ-ଜଦିଦ୍'' ପାଳନ କରନ୍ତୁ ଫଳତଃ ସୟଦନା ହଜୁର ଅନୱରଙ୍କ ତରଫରୁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ମୁତାବକ ବରଂ ତା'ଠାରୁ ଅଧିକା ଅସୁଲ୍ କରିବାପାଇଁ ସାମର୍ଥ୍ୟ ପ୍ରାପ୍ତ ହୋଇପାରିବ । ଆମିନ୍ !

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହିଛନ୍ତି: ''ଏକଥା ଭାବ ନାହିଁ ଯେ ତହ୍‌ରିକ୍-ଏ-ଜଦିଦ୍ ମୋ ତରଫରୁ ଧାର୍ଯ୍ୟ କରାଯାଇଅଛି, ନୁହେଁ ବରଂ ଏହାର ଗୋଟିଏ ଗୋଟିଏ ଶବ୍ଦକୁ ମୁଁ ପବିତ୍ର କୁର୍‌ଆନ୍‌ରୁ ପ୍ରମାଣ କରିପାରେ ଓ ଗୋଟିଏ ଗୋଟିଏ ନିର୍ଦ୍ଦେଶକୁ ରସୁଲେ୍ କରିମ୍ ସ:ଆ:ସଙ୍କ ଆଦେଶାବଳୀରୁ ଦେଖାଇ ପାରିବି କିନ୍ତୁ ଚିନ୍ତା କରୁଥିବା ମସ୍ତିଷ୍କ ଓ ବିଶ୍ୱାସୀ ହୃଦୟର ଆବଶ୍ୟକ ରହିଛି । ଅତଏବ ଏକଥା ଭାବନାହିଁ ଯେ ଯାହା ମୁଁ କହିଲି ତାହା ମୋ ତରଫରୁ ବରଂ ସେ କହିଛି ଯାହା ହାତରେ ତୁମର ଜୀବନ ରହିଛି । ମୁଁ ଯଦି ମରି ଯାଏ, ତା'ହେଲେ ମଧ୍ୟ ସେ ଅନ୍ୟ ଦ୍ୱାରା ଏହା କୁହାଇବେ ଓ ତାଙ୍କ ମୃତ୍ୟୁ ପରେ ଆଉ କାହା ଦ୍ୱାରା । ଯାହା ବି ହେଉ ସେ ଛାଡ଼ିବ ନାହିଁ ଯେ ପର୍ଯ୍ୟନ୍ତ ତୁମେ ଏହାକୁ ସମ୍ପୁର୍ଣ୍ଣ ରୂପେ ଅନୁସରଣ ନ କରିଛ'' ।

**(ଖୁତ୍‌ବା ଜୁମା ପ୍ରଦତ ୧୩ ଡ଼ିସେମ୍ବର ୧୯୩୫ ଖ୍ରୀଷ୍ଟାବ୍ଦ ବହୱାଲା ଅଲ୍‌ଫଜଲ୍ ୨୧ ଡ଼ିସେମ୍ବର ୧୯୩୫)**

ଚାନ୍ଦା ତହ୍‌ରିକ୍-ଏ-ଜଦିଦ୍ ପ୍ରଦାନ କରୁଥିବା ନିଷ୍ଠାପର ବ୍ୟକ୍ତିମାନଙ୍କ ଧନ ଓ ଜନରେ ଅଲ୍ଲାଃ ତାଲା ଅସାଧାରଣ ବର୍‌କତ୍ ପ୍ରଦାନ କରନ୍ତୁ । ଆମିନ୍ ।।

**(ୱ୍କିଲୁଲ୍ ମାଲ୍ ତହ୍‌ରିକ୍-ଏ-ଜଦିଦ୍ କାଦିୟାନ୍)**

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2020-2022 Vol.6 Thursday 24 June 2021 Issue No. 25**

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

**୨୨ ଅକ୍ଟୋବର ୨୦୧୯ (ମଙ୍ଗଳବାର)**
**ରିପୋର୍ଟର ଅବଶିଷ୍ଟାଂଶ**
**ମେମ୍ବର ଅଫ୍ ପାର୍ଲିଆମେଂଟର ସଦସ୍ୟମାନଙ୍କୁ ହଜୁର ଅନୱ୍ୱର ଅ:ବ:ଅଙ୍କ ସମ୍ବୋଧନର ବଳକାଅଂଶ**

ଯେମିତି ମୁଁ ଏ କଥା ବତାଇ ସାରିଛି ଯେ ଆମେମାନେ ସଭ୍ୟତାକୁ ଭୌତିକ ଉନ୍ନତି ଭାବରେ ବିବେଚନା କରିଥାଉ । ପାଶ୍ଚାତ୍ୟ ସଭ୍ୟତାର ବିରୋଧ କରିବା, ତାହାକୁ ରଦ୍ଦ କରିବା ତଥା ତାକୁ ଅଣଦେଖା କରିବା କଥା ତ' ଛାଡ଼ନ୍ତୁ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ତାହାର ସଭ୍ୟତା ସହିତ ଖାପ ଖୁଆଇ ଚାଲିଛନ୍ତି । ଅତଃ ପାଶ୍ଚାତ୍ୟ ସଭ୍ୟତା ବିପଦରେ ପଡ଼ିବା ବହୁତ ଦୂରର କଥା । ବାସ୍ତବିକତା ଏହାର ଓଲଟା ନଜର ଆସୁଛି ।

ବର୍ତମାନ ସମୟରେ ଯୋଗାଯୋଗର ଆଧୁନିକ ମାଧ୍ୟମ ଏ ଦୁନିଆକୁ ଏକ ଗ୍ଲୋବଲ୍ ଭିଲେଜ୍ ଅର୍ଥାତ ବିଶ୍ୱଗ୍ରାମରେ ପରିଣତ କରିଦେଉଛି । ଟେଲିଭିଜିଅନ୍, ଅନ୍ୟାନ୍ୟ ଗଣମାଧ୍ୟମ ଏବଂ ବିଶେଷରୂପେ ଇଂଟରନେଟ୍‌ର ଉପସ୍ଥିତିରେ ଏବେ କିଛି ବି ଲୁଚି ରହିନାହିଁ । ପଛୁଆ ଦେଶଗୁଡ଼ିକରେ ରହୁଥିବା ଲୋକମାନେ ବିକାଶଶୀଳ ଦେଶରେ ରହୁଥିବା ଲୋକମାନଙ୍କ ଜୀବନ ଶୈଳୀକୁ ଦେଖିପାରିବେ । ପାଶ୍ଚାତ୍ୟ ଦେଶଗୁଡ଼ିକରେ ଜୀବନ ଶୈଳୀର ପ୍ରଭାବକୁ ଗ୍ରହଣ କରି, ସେମାନେ ବି ଭୌତିକ ଉନ୍ନତିର ଏହି ସ୍ତରକୁ ପ୍ରାପ୍ତ କରିବା ପାଇଁ ଆଶାବାଦୀ ଅଛନ୍ତି ।

ତେଣୁ ପାଶ୍ଚାତ୍ୟ ବା ୟୁରୋପୀୟ ସଭ୍ୟତା ପାଇଁ ମୁସଲମାନମାନଙ୍କର ଉପସ୍ଥିତି ଯୋଗୁଁ ବିପଦ ରହିଛି ବୋଲି ଯେଉଁ ଦାବି କରାଯାଉଅଛି, ସେଥିରେ କିଛି ଦମ୍ ନାହିଁ । ବରଂ ପାଶ୍ଚାତ୍ୟ ସଭ୍ୟତା ତ' ସମଗ୍ର ମୁସଲମାନ ରାଷ୍ଟ୍ର ଓ ସମଗ୍ର ଅଂଚଳ ଉପରେ ନିଜର ପ୍ରଭାବ ପକାଇ ଚାଲିଛି । ହଁ ଯେଉଁ ଭାବନା ରହିଛି ଯେ ଇସ୍‌ଲାମ୍‌ର ପ୍ରଚାର ପ୍ରସାର ଦ୍ୱାରା ୟୁରୋପର ଧାର୍ମିକ ଓ ନୈତିକ ସଂସ୍କୃତି ବିପଦରେ ପଡ଼ିଯିବାର ଆଶଙ୍କା ଏକ ଉଚିତ ଓ ବିଚାର ଯୋଗ୍ୟ କଥା । ଏବେ ମୁଁ ଏହି ବିଷୟ ଆଡ଼କୁ ଆସୁଛି ।

ଏହା ଏକ ଅସ୍ୱୀକାର ଯୋଗ୍ୟ ତଥ୍ୟ ଓ ସତ୍ୟ ଯେ ଲୋକମାନେ ଦିନକୁ ଦିନ ଧର୍ମଠାରୁ ଦୁରେଇ ଯାଉଛନ୍ତି । ପାଶ୍ଚାତ୍ୟରେ ତ ଏହି ଧାରା ଉଦ୍‌ବେଗଜନକ ଭାବରେ ବୃଦ୍ଧି ପାଉଛି । ପାଶ୍ଚାତ୍ୟ ଦେଶଗୁଡ଼ିକରେ ହୋଇଥିବା ଜନଗଣନା ତଥ୍ୟର ଏହା ପ୍ରମାଣିତ ହୋଇଛି ଯେ ଧର୍ମ ବା ଈଶ୍ୱରଙ୍କ ପ୍ରତି ଆଗ୍ରହ ରଖିଥିବା ଲୋକମାନଙ୍କର ସଂଖ୍ୟା ନିମ୍ନରୁ ନିମ୍ନଗାମୀ ହୋଇଚାଲିଛି । ମୋ ମତରେ ନାସ୍ତିକତା ପାଶ୍ଚାତ୍ୟ ସଂସ୍କୃତି ପାଇଁ ଇସ୍‌ଲାମ୍ ଅପେକ୍ଷା ଏକ ବଡ଼ ବିପଦ । ପାଶ୍ଚାତ୍ୟ ମୂଲ୍ୟବୋଧ ଶତାବ୍ଦୀ ପୁରୁଣା ଅଟେ । ତାହାର ମୁଳଦୁଆ ଧାର୍ମିକ ପରମ୍ପରା ବିଶେଷ ରୂପେ ଇସାଇ ଏବଂ ଇହୁଦୀମାନଙ୍କ ଐତିହ୍ୟ ଉପରେ ଆଧାରିତ । ଏହି ଧାର୍ମିକ ମୂଲ୍ୟବୋଧ ଓ ସାଂସ୍କୃତିକ ରୀତିନୀତି ସେହି ଲୋକମାନଙ୍କ ଅଧିନରେ ରହିଛି, ଯେଉଁମାନେ ଧର୍ମ ଏବଂ ମଜ୍‌ହବ୍‌କୁ ସମ୍ପୁର୍ଣ୍ଣରୂପେ ବିରୋଧ କରୁଛନ୍ତି ।

ଜଣେ ଧାର୍ମିକ ନେତା ଭାବରେ ମୋର ମତ ହେଉଛି ଏହା କି ଆପଣ ନିଜର ସଂସ୍କୃତି ଓ ନିଜର ଐତିହ୍ୟର ସୁରକ୍ଷା ନିମନ୍ତେ ନିଜର ଶକ୍ତି ଏବଂ ପ୍ରୟାସକୁ ଧର୍ମ ପ୍ରତି ଥିବା ଆଗ୍ରହର ଅବନିତିକୁ ରୋକିବା ପାଇଁ ଏବଂ ଲୋକମାନଙ୍କୁ ସେମାନଙ୍କ ଧର୍ମ ଆଡ଼କୁ ଫେରାଇ ଆଣିବା ଉପରେ ଧ୍ୟାନ କେନ୍ଦ୍ରିତ କରନ୍ତୁ । ଏପରି ଲେକାମାନଙ୍କର ଧର୍ମ ଇସାଇ ହେଉ, ଇହୁଦୀ ହେଉ କିମ୍ବା ଯାହା ବି ହେଉ । ଏହା ତ କୌଣସି ପ୍ରକାରେ ଠିକ୍ ନୁହେଁ ବିକାଶ ନାମରେ ନୈତିକ ସ୍ତର ଓ ନୈତିକ ମୂଲ୍ୟବୋଧକୁ ତୁରନ୍ତ ଭାବରେ ପରିତ୍ୟାଗ କରିଦିଆଯାଉ । ଯାହା ଶତାବ୍ଦୀ ଶତାବ୍ଦୀ ଧରି ଏହି ସମାଜର ଏକ ଅଂଶ ଭାବରେ ପ୍ରଚଳିତ ହୋଇ ଆସୁଅଛି । ମୁଁ ଏକଥା ମଧ୍ୟ ଭାବୁଛି ଯେ ପାଶ୍ଚାତ୍ୟରେ ଧର୍ମପ୍ରତି ଥିବା ଆଗ୍ରହର ଅବନତି ଯୋଗୁଁ ହିଁ ଲୋକମାନେ ଇସ୍‌ଲାମ୍‌କୁ ଭୟ କରୁଛନ୍ତ । କାରଣ ସେମାନେ ଜାଣିଛନ୍ତି ଯେ ମୁସଲମାନମାନେ ସାଧାରଣତଃ ନିଜ ଧର୍ମ ସହିତ ଯୋଡି ହୋଇ ରହିଥାନ୍ତି । ଏହାକୁ ଆଖି ଆଗରେ ରଖି ମୁଁ ଏହା ସ୍ୱଷ୍ଟ କରିବାକୁ ଚାହୁଁଛି ଯେ ଆପଣମାନେ ମିଡିଆରେ କିଛି ବି ପଢ଼ନ୍ତୁ ବା ଶୁଣନ୍ତୁ, ଇସ୍‌ଲାମ୍‌ଠାରୁ ଭୟଭିତ ହେବାର କୌଣସି କାରଣ ନାହିଁ । ମୁସଲମାନମାନେ ପବିତ୍ର କୁର୍‌ଆନ୍‌କୁ ସମ୍ପୁର୍ଣ୍ଣ ଏବଂ ଅନ୍ତିମ ଧାର୍ମିକ ଶିଧା ବୋଲି ମାନୁଛନ୍ତି ଏବଂ ପବିତ୍ର କୁର୍‌ଆନ୍‌କୁ ଆମର ଭଲ ପାଇବା ଓ ତାହାର ଅନୁସରଣ କରିବା ଯୋଗୁଁ ଆମେ ଏ ବିଶ୍ୱାସ ଯେ ଧର୍ମ ପ୍ରତ୍ୟେକ ବ୍ୟକ୍ତିର ହୃଦୟର ମାମଲା ଏବଂ ତା' ବ୍ୟକ୍ତିଗତ ବିଷୟ ।

ପବିତ୍ର କୁର୍‌ଆନ୍‌ର ଦ୍ୱିତୀୟ ସୁରଃର ଆୟତ ନଂ-୨୫୭ରେ ସ୍ୱଷ୍ଟ ନିର୍ଦ୍ଦେଶ ରହିଛି ଯେ ଧର୍ମ ସଂକ୍ରାନ୍ତରେ କୌଣସି ବାଧ ବାଧକତା ନାହିଁ । ତେଣୁ ଅଣମୁସଲମାନମାନଙ୍କ ଏ ଭୟ କଦାପି ରଖିବା ଉଚିତ ନୁହେଁ ଯେ ମୁସଲମାନମାନେ ଜୋର୍ ଜବରଦସ୍ତି ନିଜର ବିଶ୍ୱାସ ଓ ଆସ୍ଥାକୁ ବିସ୍ତାର କରିବେ ବା ବାଧ କରି ନିଜର ମତାମତକୁ ଏହି ଭୂଖଣ୍ଡରେ ଥୋପିବେ । ସନ୍ତ୍ରାସବାଦର ମାର୍ଗକୁ ଆପଣାଉଥିବା ତଥାକଥିତ ମୁସଲମାନମାନଙ୍କର ଏକ ଛୋଟିଆ ଅଳ୍ପ ସଂଖ୍ୟକ ସଂଘଠନ ପବିତ୍ର କୁର୍‌ଆନ୍ ଶିକ୍ଷାର ପ୍ରତିନିଧି ନୁହନ୍ତି । ମୁଁ ଅନେକଥର ଏକଥା କହିସାରିଛି ଯେ ସରକାର ଏବଂ ଶାସକମାନେ ଉଗ୍ରବାଦୀମାନଙ୍କୁ କଡ଼ାକଡ଼ି ରୂପେ ରୋକିବା ଉଚିତ । ସେମାନେ ମୁସଲମାନ ହୁଅନ୍ତୁ ବା ଅଣମୁସଲମାନ ଉଗ୍ରବାଦୀ ହୁଅନ୍ତୁ । ଅହେମଦି ମୁସଲମାନ ଜମାତ୍ ଭାବରେ ଆମର ଏ ଇମାନ୍ ଅର୍ଥାତ ବିଶ୍ୱାସ ଯେ ଇସ୍‌ଲାମ୍ କୌଣସି କ୍ଷେତ୍ରରେ ବାଧତାମୂଳକ ଓ ଶକ୍ତି ଜରିଆରେ ଧର୍ମର ପ୍ରସାରକୁ ଅନୁମତି ଦିଏନାହିଁ । ତେବେ ପୁଣି ଇସ୍‌ଲାମ୍‌କୁ ଭୟ କରିବାର କଣ କାରଣ ? ପୁଣି କିଏ ଏକଥା କାହିଁକି ଭାବିବ ଯେ ତାହାର ସଭ୍ୟତା ଓ ସଂସ୍କୃତି ଇସ୍‌ଲାମ୍ ହାତରେ ବିପଦରେ ରହିଛି ?

ଇସ୍‌ଲାମୀୟ ଦୃଷ୍ଟିକୋଣରୁ ସଭ୍ୟତା ଓ ସଂସ୍କୃତି ମଧ୍ୟରେ ଥିବା ପ୍ରାର୍ଥକ୍ୟକୁ ବର୍ଣ୍ଣନା କରିବା ପରେ ଏବେ ମୁଁ ଇସ୍‌ଲାମ୍‌ର କିଛି ମୌଳିକ ଶିକ୍ଷା ବିଷୟରେ ବର୍ଣ୍ଣନା କରିବି ।

ମାନବିକ ଅଧିକାର ବିଷୟରେ ପବିତ୍ର କୁର୍‌ଆନ୍‌ର ଚତୁର୍ଥ ସୁରଃର ୩୭ତମ ଆୟତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେଥିରେ ଅଲ୍ଲାଃ ତାଲା କହିଛନ୍ତି: ତୁମେ ଅଲ୍ଲାଃଙ୍କ ଉପାସନା କର ଏବଂ କୌଣସି ବସ୍ତୁକୁ ତାହାର ସମକକ୍ଷ କରନାହିଁ ଏବଂ ମାଆ ବାପାଙ୍କ ସହିତ ସଦ୍‌ବ୍ୟବହାର କର, ବନ୍ଧୁବାନ୍ଧବ, ଅନାଥ, ଦରିଦ୍ରମାନଙ୍କ ସହିତ ସେହିଭଳି ପଡ଼ୋଶୀ ବନ୍ଧୁବାନ୍ଧବ, ଅଣସମ୍ବନ୍ଧୀୟ ପଡ଼ୋଶୀ ଓ ସାଙ୍ଗସାଥି ହୋଇ ବସୁଥିବା ଲୋକମାନଙ୍କ ସହିତ ଏବଂ ଯାତ୍ରୀମାନଙ୍କ ସହିତ ଓ ତୁମର କ୍ରିତଦାସମାନଙ୍କ ସହିତ ସଦ୍‌ବ୍ୟବହାର କର ।

ଏହି ଆୟତରେ ଯେଉଁଠି ମୁସଲମାନମାନଙ୍କୁ ଅଲ୍ଲାଃ ତାଲା ନିଜର ଉପାସନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସେଠାରେ ମାଆବାପାକୁ ଭଲପାଇବା ଓ ସେମାନଙ୍କୁ ଆରାମ ପହଂଚାଇବା ପାଇଁ ଉପଦେଶ ଦେଇଛି । ଏହି ଶିକ୍ଷା ଯାହା ମୁସଲମାନମାନଙ୍କଠାରୁ ମାଆବାପାଙ୍କ ସହିତ ପ୍ରେମ ଓ ଦୟା ଦେଖାଇବାର ଆବଶ୍ୟକ କରୁଛି, ସେ ସେମାନଙ୍କଠାରୁ କୌଣସି ଧର୍ମ ବା ଜାତି ସହିତ କିପରି ବିବାଦ ରଖିପାରେ ? ଏହି ଆୟତ ତ ମୁସଲମାନମାନଙ୍କଠାରୁ ବନ୍ଧୁବାନ୍ଧବ ଓ ନିକଟ ସମ୍ପର୍କୀୟମାନଙ୍କ ସହିତ ପ୍ରେମ ଓ ଦୟା ଆଚରଣ କରିବାପାଇଁ ଆବଶ୍ୟକ ବି କରୁଛି ତତ୍‌ସହିତ ଅନାଥ ଓ ସମାଜର ସମସ୍ତ ଦରିଦ୍ର ଶ୍ରେଣୀର ଲୋକମାନଙ୍କୁ ସୁଖ ଓ ଆରାମ ପହଂଚାଇବା ପାଇଁ ମଧ୍ୟ ଚାହୁଁଅଛି ।

ଏ ସମ୍ବନ୍ଧରେ ଆମର ଏ ବିଶ୍ୱାସ ଯେ ଗରୀବମାନଙ୍କୁ ସାହାଯ୍ୟ କରିବାର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହେଉଛି ଶିକ୍ଷା । ଯଦି ପଛୁଆ ପରିବାର ଏବଂ ଦାରିଦ୍ର୍ୟ ଦ୍ୱାରା ପ୍ରଭାବିତ ସମାଜର ସଦସ୍ୟମାନଙ୍କୁ ଶିକ୍ଷାର ସୁବିଧା ଦେଇ ଦିଆଯାଏ ତେବେ ସେମାନେ ଦୁଃଖ ଓ ସମସ୍ୟାର କବଳରୁ ମୁକ୍ତି ପାଇବା ଯୋଗ୍ୟ ହୋଇପାରିବେ । ଏହିଭଳି ଯୁବକମାନଙ୍କୁ ଅବସର ମିଳିଯିବ ଏବଂ ସେମାନେ ନିରାଶାରୁ ମୁକ୍ତ ହୋଇ ଅପରାଧି ହେବା ପରିବର୍ତେ ସମାଜର ସକ୍ରିୟ ଓ ଉପଯୋଗୀ ସଦସ୍ୟ ହୋଇଯିବେ । ଏହି କାରଣ ଯୋଗୁଁ ଅହେମଦିୟା ମୁସ୍‌ଲିମ୍ ଜମାତ୍ ଶିକ୍ଷାକୁ ବହୁତ ଗୁରୁତ୍ୱ ଦେଇଥାଏ ଏବଂ ନିଜର ସିମୀତ ସାଧନ ମଧ୍ୟରେ ରହି ଆମେ ଆଫ୍ରିକାର ଅନେକ ଦେଶରେ ସ୍କୁଲ୍ ଖୋଲିଛୁ ଓ ଯେଉଁ ଛାତ୍ରମାନେ ଉଚ୍ଚ ଶିକ୍ଷା ପ୍ରାପ୍ତ କରିବାକୁ ସାମର୍ଥ୍ୟ ରଖିନାହାନ୍ତି ସେମାନଙ୍କ ପାଇଁ ଛାତ୍ରବୃତି (ସ୍ଟାଇପେଣ୍ଡ) ଯୋଗାଇ ଦେଉଛୁ ।

ଆମର ଏ ଦୃଷ୍ଟିକୋଣ ଯେ ଯେଉଁ ଦେଶଗୁଡ଼ିକରେ ସମ୍ବଳ ଅଛି, ସେମାନେ ଦୃବଳ ଶ୍ରେଣୀର ଦେଶଗୁଡ଼ିକୁ ସାହାଯ୍ୟ ସହଯୋଗ କରିବା ଉଚିତ । ଯଦି ଗରୀବ ରାଷ୍ଟ୍ରଗୁଡ଼ିକ ନିଜର ଆର୍ଥିକ ଦୂରାବସ୍ଥାକୁ ସୁଧାରି ନେବେ ଓ ନିଜର ମୌଳିକ ଢ଼ାଂଚାକୁ ସୁଦୃଢ଼ କରିନେବେ, ତେବେ ସେମାନଙ୍କର ନାଗରୀକମାନଙ୍କୁ ନିଜ ଦେଶରେ ହିଁ ସୁଯୋଗ ଉପଲବ୍ଧ ହୋଇଯିବ ଫଳତଃ ସେମାନଙ୍କୁ ନିଜର ଦେଶ ପରିତ୍ୟାଗ କରି ଅନ୍ୟ ଦେଶଗୁଡ଼ିକୁ ପଳାୟନ କରିବାକୁ ପଡ଼ିବ ନାହିଁ । ଯଦି ସେମାନଙ୍କର ନିଜର ଦେଶ ଉନ୍ନତି ଓ ବିକାଶ କରିବ ତା'ହେଲେ ସେମାନଙ୍କ ନିଜ ଦେଶ ବ୍ୟତୀତ ଆଖପାଖର ଅନ୍ୟ ଦେଶଗୁଡ଼ିକ ମଧ୍ୟ ଲାଭ ଉଠାଇବେ ।

ପବିତ୍ର କୁର୍‌ଆନ୍‌ର ଉପର ବର୍ଣ୍ଣିତ ଆୟତରେ ପଡ଼ୋଶୀର ଅଧିକାର ପଡ଼ୋଶୀକୁ ଦେବାପାଇଁ ବିଶେଷ ରୂପେ ଚର୍ଚ୍ଚା କରାଯାଇଅଛି । ସେହି ପଡ଼ୋଶୀ ମୁସଲମାନ ହୁଅନ୍ତୁ ବା ଅଣମୁସଲମାନ । ସେଥିରେ ପଡ଼ୋଶୀମାନଙ୍କର ସୀମା ମଧ୍ୟ ବହୁତ ବ୍ୟାପକ ରୂପେ ବର୍ଣ୍ଣନା କରାଯାଇଅଛି । ଇସ୍‌ଲାମ୍‌ର ପୈଗମ୍ବର ସ:ଆ:ସ କହିଛନ୍ତି ଯେ ଖୁଦାତାଲା ପଡ଼ୋଶୀର ଅଧିକାରକୁ ଏତେମାତ୍ରାରେ ଜୋର ଦେଇଛନ୍ତି ଯେ ତାଙ୍କୁ ଏହା ବୋଧ ହେଲା ଯେ କାଳେ ପଡ଼ୋଶୀଙ୍କୁ ଉତରାଧିକାରୀ ନ' କରିଦିଆଯାଉ ।

ଇସ୍‌ଲାମ୍‌ର ପ୍ରତିଷ୍ଠାତା ସ:ଆ:ସ ଏ ଶିକ୍ଷା ମଧ୍ୟ ଦେଇଛନ୍ତି ଯେ ଯେଉଁ ବ୍ୟକ୍ତି ମଣିଷର କୃତଜ୍ଞତା ଜ୍ଞାପନ କରୁନାହିଁ, ସେ ଈଶ୍ୱରଙ୍କର ମଧ୍ୟ କୃତଜ୍ଞ ନୁହେଁ । କେଡ଼େ ସୁନ୍ଦର ସିଦ୍ଧାନ୍ତ ! ଅତଃ ଈଶ୍ୱରଙ୍କ ଉପାସନା ସହିତ ଏହା ମଧ୍ୟ

*ଅବଶିଷ୍ଟାଂଶ ପୃଷ୍ଠା- ୦୯ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**